R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୩୭
ତିଥି : ନବମୀ
୦୪ ଜୁନ୍ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 237
04 June 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

# ନୂଆ ବିଜେତା ବେଙ୍ଗାଲୁରୁ



ଅହମ୍ମଦାବାଦ, ୩।୬ (ଏଜେନ୍ସି): ଆଇପିଏଲ ମହାକୁମ୍ଭରେ ପୂର୍ଣ୍ଣଚ୍ଛେଦ ପଡିଛି। ଏଥର ନୂଆ ବିଜେତା ମିଳିଛି ଆଇପିଏଲକୁ । ଟ୍ରଫି ଦୌଡରେ ୧୮ ବର୍ଷ ବିତିଛି। ଶେଷରେ ସଫଳତା ମିଳିଛି ବେଙ୍ଗାଲୁରୁକୁ। ଗୁଜରାଟର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଟାଇଟଲ୍ ଲଢ଼େଇ ହୋଇଥିଲା । ଏଥିରେ ପଞ୍ଜାବ କିଙ୍ଗସ୍ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ୬ ରନ ବ୍ୟବଧାନରେ ପଞ୍ଜାବ କିଙ୍ଗସକୁ ଧରାଶାୟୀ କରି ନୂଆ ଦଳ ଭାବେ ଆଇପିଏଲ ମୁକୁଟ ପିନ୍ଧିଛି । ଆଇପିଏଲ୍ ଟ୍ରଫି ହାସଲ କରିବାରେ ବେଙ୍ଗାଲୁରୁ ଅଷ୍ଟମ ଦଳ ହୋଇଛି । ପୂର୍ବରୁ ଚେନ୍ନାଇ, କୋଲକାତା, ମୁମ୍ବାଇ, ରାଜସ୍ଥାନ, (୯ ପୃଷ୍ଠାରେ)

## ୪ ହଜାର ଟପିଲେ କରୋନା ଆକ୍ରାନ୍ତ

ନୂଆଦିଲ୍ଲୀ, ୩।୬ : ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ଟପିଛି। ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୪୦୨୬କୁ ବୃଦ୍ଧି ପାଇଛି। ୨୪ ଘଣ୍ଟା ମଧ୍ୟରେ ୬୫ ନୂତନ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୫ ଜଣଙ୍କର ମୃତ୍ୟୁ ଘଟିଛି। ୮୦ ବର୍ଷର ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ତେବେ ତାଙ୍କର ମଧୁମେହ, ଶ୍ୱାସକ୍ରିୟାରେ ସମସ୍ୟା ଥିବାବେଳେ ଉକ୍ତ ରଚ୍ଚ ରକ୍ତଚାପ ଥିଲା। ସେହିଭଳି ମହାରାଷ୍ଟ୍ରରେ ମୃତ୍ୟୁବରଣ କରିଥିବା ୭୦ ବର୍ଷର ବୃଦ୍ଧା ବହୁ ରୋଗରେ

- ୨୪ ଘଣ୍ଟାରେ ୫ ମୃତ
- କେରଳରେ ସର୍ବାଧିକ ୧୪୧୬ ଆକ୍ରାନ୍ତ
- ୫୧୨ ଆକ୍ରାନ୍ତ ସୁସ୍ଥ ହେଲେଣି

କେରଳରେ ସର୍ବାଧିକ ୧୪୧୬ ଆକ୍ରାନ୍ତ ଥିବାବେଳେ ମହାରାଷ୍ଟ୍ରରେ ୪୯୪, ଗୁଜରାଟରେ ୩୯୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୩ ଦିନ ତଳେ ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାର ଅତିକ୍ରମ କରିଥିଲା। ତେବେ ଏହି ସମୟ ମଧ୍ୟରେ ୫୧୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

୨୪ ଘଣ୍ଟା ମଧ୍ୟରେ କୋଭିଡ କାରଣରୁ ୫ ଜଣଙ୍କର ମୃତ୍ୟୁ ହୋଇଛି। କେରଳରେ ଜଣେ ଆକ୍ରାନ୍ତ ଥିଲେ। ତାମିଲନାଡୁରେ ୬୯ ବର୍ଷୀୟ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ତେବେ କେରଳ, ମହାରାଷ୍ଟ୍ର ଓ ଗୁଜରାଟରେ କୋଭିଡ ମାମଲା ବଢ଼ିବାରେ ଲାଗିଛି। ଦିଲ୍ଲୀ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ତାମିଲନାଡୁ, ଉତ୍ତରପ୍ରଦେଶରେ ସଂକ୍ରମିତଙ୍କ ସଂଖ୍ୟା ୩ ଅଙ୍କ ଟପିଛି। ସୋମବାର ୩୯୬୧ ସଂକ୍ରମିତଙ୍କ ସଖ୍ୟା ଥିବାବେଳେ ଆଜି ଏହା ୪ ହଜାର ଟପିଛି।

## ଛାତ ଭୁଶୁଡି ଜଣେ ମୃତ, ୨ ଆହତ



ଭୁବନେଶ୍ୱର, ୩।୬ (ସବ୍ୟୁ) : ପୋଖରୀପୁଟ ଲିଙ୍ଗରାଜବିହାର ଠାରେ ଘର ନିର୍ମାଣ କାର୍ଯ୍ୟ ହେଉଥିବାବେଳେ ଶ୍ରମିକମାନେ ଏକ ପୁରୁଣା ଛାତ ଭାଙ୍ଗୁଥିବା ବେଳେ ତାହା ଭୁଶୁଡି ପଡିଥିଲା। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ଶ୍ରମିକଙ୍କ ନାମ ଧରିଣୀଧର ଦଉ ହୋଇଥିବାବେଳେ ଆହତଙ୍କ ନାମ ଶିଶିର କୁମାର ଦଉ ଓ ଅବଦୁଲ୍ଲ ନାଉଡା।

ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରଥମେ ଦୁଇଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା । କିଛି ସମୟ ପରେ ଆଉ ଜଣଙ୍କୁ ଉଦ୍ଧାର (୯ ପୃଷ୍ଠାରେ)

## ରାଉରକେଲାରୁ ୩୦୦ ପେଟି ବିସ୍ଫୋରକ ଜବତ, ଜଣେ ଗିରଫ

ସୁନ୍ଦରଗଡ଼/ରାଉରକେଲା, ୩।୬ (ସବ୍ୟୁ) : ରାଉରକେଲାରୁ ପୁଣି ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି । ରଘୁନାଥ ପଲ୍ଲୀ ଥାନା ଦେଓଗାଁ ସାରୁଆ ଟୋଲଝରୁ ୩୦୦ ପେଟି ମେଗା ପ୍ରାଇମ ବ୍ରାଣ୍ଡ ବିସ୍ଫୋରକ ଜବତ ହୋଇଛି । ଯେଉଁ ଗାଡ଼ିରୁ ଏହି ବିସ୍ଫୋରକ ଜବତ ହୋଇଛି, ତାର ଗୋଦାମ ମାଲିକ ଶ୍ରବଣ ଅଗ୍ରଓ୍ୱାଲ ଗିରଫ ହୋଇଛନ୍ତି। ହେଲେ ତଦନ୍ତ ଓ ଛାନଭିନ ସମୟରେ ଶ୍ରବଣଙ୍କ କଳାଧନ୍ଦାର ରହସ୍ୟ ଭେଦ କରିଛି ପୁଲିସ ।




ସୁନ୍ଦରଗଡ଼ର ଶ୍ରବଣ ଅଗ୍ରଓ୍ୱାଲଙ୍କ ଗୋଦାମରୁ ୪ ଟନ୍ ବିସ୍ଫୋରକ ମାଓବାଦୀ ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଜିଲ୍ଲାର କେ. ବଲାଙ୍ଗ ଥାନା ଅଧୀନ ବାଙ୍କୋ ପଥର ଖଣିରୁ ବିସ୍ଫୋରକ ସାମଗ୍ରୀ ଲୁଟ୍ ହେବା ଘଟଣାରେ ଗୋଦାମ ମାଲିକ ଶ୍ରବଣ ଅଗ୍ରଓ୍ୱାଲଙ୍କୁ ଗିରଫ କରାଯାଇଛି। ତଦନ୍ତକାରୀ ସଂସ୍ଥାର ସନ୍ଦେହ ବଢ଼ିବା ପରେ ଶ୍ରୀ ଅଗ୍ରଓ୍ୱାଲ ଓ ମିନି ଟ୍ରକ୍ ଚାଳକଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଥିଲା। ସୋମବାର ସରଣ୍ଡାର ଘଞ୍ଚ ଜଙ୍ଗଲରୁ ଜବତ ହୋଇଥିଲା । ଓଡ଼ିଶାର ଏସ୍‌ଓଜି ଓ ଡିଭିଏଫ୍, ଝାଡ଼ଖଣ୍ଡର ଜାଗୁଆର କମାଣ୍ଡୋ ବାହିନୀ ଓ ସିଆରପି କୋବ୍ରା ଯବାନଙ୍କ ମିଳିତ ଅପରେସନର୍ରେ ପ୍ରାୟ ୨.୫ ଟନ୍ ବିସ୍ଫୋରକ ଜବତ କରାଯାଇଥିଲା। ଏ ସମ୍ପର୍କରେ ରାଉରକେଲା ଏସପି ନୀତେଶ ଓ୍ୱାଧଓ୍ୱାନୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପୂର୍ବରୁ ମେ’ ୩୦ ତାରିଖରେ ଝାଡ଼ଖଣ୍ଡ ଚାଇବସା ପୁଲିସ ସରଣ୍ଡା ଜଙ୍ଗଲରୁ ୧୫୭ କେଜି ଲୁଟ୍ ବିସ୍ଫୋରକ ଜବତ କରିଥିଲା। ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲର ତିରିଲପୋଷିଠାରେ ଥିବା ଏକ ପାହାଡ଼ରେ ମାଓବାଦୀମାନେ ଏହି ବିସ୍ଫୋରକକୁ ଲୁଚାଇ ରଖିଥିଲେ। ଯବାନମାନଙ୍କ ଦ୍ୱାରା ଚାଲିଥିବା ସର୍ଚ୍ଚ ଅପରେସନ୍ ସମୟରେ ଏହି ବିସ୍ଫୋରକ (୯ ପୃଷ୍ଠାରେ)

## ୮ ଘଣ୍ଟାରେ ପାକ୍ ଯୋଜନା ପଣ୍ଡ

ନୂଆଦିଲ୍ଲୀ, ୩।୬ : ପାକିସ୍ତାନ ୪୮ ଘଣ୍ଟାର ଆକ୍ରମଣ ଯୋଜନା କରିଥିଲା। ମାତ୍ର ୮ ଘଣ୍ଟାରେ ଆମେ ଏହା ଶେଷ କରିଦେଲୁ। ବାଧହୋଇ ପାକିସ୍ତାନ ଅସ୍ତ୍ର ବିରତି ଲାଗି କଥାବାର୍ତ୍ତା ଆରମ୍ଭ କରିଥିଲା ବୋଲି ଚିଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ କହିଛନ୍ତି। ଅପରେସନ୍ ସିନ୍ଦୂର ସମ୍ପର୍କରେ ଶ୍ରୀ ଚୌହାନ ମନ୍ତବ୍ୟ ଦେଇ କହିଛନ୍ତି ଯେ କ’ଣ କ୍ଷତି ହେଲା ତାହା ମହତ୍ୱପୂର୍ଣ୍ଣ ନୁହେଁ। ପରିଣାମ ଓ ଆପଣଙ୍କ କାର୍ଯ୍ୟ କିପରି ତାହା ଗୁରୁତ୍ୱପୂର୍ଣ୍ଣ। କ୍ଷତି ବିଷୟରେ କଥା ହେବା ଠିକ୍ ନୁହେଁ। ଯଦି କ୍ରିକେଟ ଟେଷ୍ଟ ମ୍ୟାଚ୍ ଜିତାଯାଏ ତେବେ କିପରି ଜିତିଲ, କେତେ ୱିକେଟ, କେତେ ବଲ୍ ଓ କେତେ ଖେଳାଳୀ ଏ ସବୁ ପ୍ରଶ୍ନ (୯ ପୃଷ୍ଠାରେ)



## ଆଉ ୩ ଦିନ ଗରମ, ଗୁଳୁଗୁଳି

ଭୁବନେଶ୍ୱର, ୩।୬ (ସବ୍ୟୁ): ରାଜ୍ୟରେ ପ୍ରବଳ ଗରମ ସହିତ ଗୁଳୁଗୁଳି କଲବଲ କରିଛି । ଦିନରେ ଭୟଙ୍କର ଗରମ ନାକେଦମ କରିଥିବା ବେଳେ ସନ୍ଧ୍ୟାରେ ବର୍ଷା ଦେଲା ଆଶ୍ୱସ୍ତି । ତେବେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଏଥିପାଇଁ ୫ଟି ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ୭ ତାରିଖରୁ ପୁଣି ବର୍ଷା ସହିତ ବଜ୍ରପାତ ବଢ଼ିବ ।

ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟରେ ଟ୍ରପ୍‌ଲାଇନ ପ୍ରଭାବରେ ଉପକୂଳ ଜିଲ୍ଲାରେ ବର୍ଷା ହୋଇଛି । ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ବର୍ଷା ହୋଇଛି । ଭୁବନେଶ୍ୱରରେ ଅପରାହ@ ୪ଟାରୁ ସନ୍ଧ୍ୟା ୫.୩୦ ସୁଦ୍ଧା ସର୍ବାଧିକ ୫୭ ମିମି ରେକର୍ଡ କରାଯାଇଛି । ମଙ୍ଗଳବାର ବାଲେଶ୍ୱର ଓ ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୩୯.୫ ଡିଗ୍ରୀ ଥିବା ବେଳେ ଝାରସୁଗୁଡ଼ାରେ ୩୯.୪ ଡିଗ୍ରୀ, ଖୋର୍ଦ୍ଧାରେ ୩୯ ଡିଗ୍ରୀ, ବୌଦ୍ଧରେ ୩୮.୮ ଡିଗ୍ରୀ, ନୟାଗଡ଼ରେ ୩୮.୫ ଡିଗ୍ରୀ ଓ ଭୁବନେଶ୍ୱରରେ ୩୭.୮ ଡିଗ୍ରୀ ରେକର୍ଡ କରାଯାଇଛି ।

ଆସନ୍ତାକାଲି(ବୁଧବାର) ଭୁବନେଶ୍ୱରରେ ତାପମାତ୍ରା ସାମାନ୍ୟ କମିବାକୁ ଥିବା ବେଳେ ଅନ୍ୟ ଜିଲ୍ଲାରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ । ୪ ଓ ୫ ତାରିଖ ପାଇଁ ବାଲେଶ୍ୱର, ଭଦ୍ରକ, ଗଜପତି, ଜଗତସିଂହପୁର ଓ (୯ ପୃଷ୍ଠାରେ)

## ଜନଗଣନା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୩।୬ (ସବ୍ୟୁ) : ୨୦୨୫ ଜନଗଣନା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଆରମ୍ଭ ହେବାପରେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ବଢ଼ିଛି। ସୀମା ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ଆଦି ପ୍ରସଙ୍ଗ ନେଇ ଆଲୋଚନା ହେଉଥିବାବେଳେ ଜନସଂଖ୍ୟା ଆଧାରରେ କେଉଁଭଳି ଭାବରେ ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।



ସୀମା ପୁନଃ ନିର୍ଦ୍ଧାରଣ, ମହିଳା ସଂରକ୍ଷଣ ନେଇ ଚର୍ଚ୍ଚା

ଦେଶ ସ୍ୱାଧୀନ ହେବାପରେ ପ୍ରଥମ ଥର ଲାଗି ଜାତିଭିତ୍ତିକ ଜନଗଣନା କରାଯାଉଥିବାରୁ ପଛୁଆବର୍ଗ ଉପକୃତ ହେବେ ବୋଲି ଆଶା କରାଯାଉଛି। ଗତକାଲି କେନ୍ଦ୍ର ସରକାର ଆଇଏଏସ୍ ଅଫିସର ନିଖିଲ ପଓ୍ୱନ କଲ୍ୟାଣଙ୍କୁ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛନ୍ତି। ଡିସେମ୍ବର ଯାଏ ସେ ଜନଗଣନା (୯ ପୃଷ୍ଠାରେ)

## ଦେଶରେ ସାକ୍ଷରତା ହାର ୮୦.୯%

ନୂଆଦିଲ୍ଲୀ, ୩।୬ : ୭ ବର୍ଷ ଓ ତା’ ଠୁ ଉର୍ଦ୍ଧ୍ୱ ବୟସ୍କଙ୍କ ମଧ୍ୟରେ ସାକ୍ଷରତା ହାର ୮୦.୯% ରହିଛି। ଯେଉଁଠାରେ ୫ ବର୍ଷ ଓ ତା’ଠାରୁ ଅଧିକ ବୟସ୍କ ଲୋକଙ୍କ ମଧ୍ୟରେ ଏହି ହାର ୭୯.୭% ଥିବା ପିରିୟଡିକ୍ ଲେବର ଫୋର୍ସ ସର୍ଭେ ରିପୋର୍ଟରୁ ଜଣାପଡିଛି। ରାଷ୍ଟ୍ରୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା ଏହା ପ୍ରକାଶ ପାଇଛି।

୯୮.୨% ସାକ୍ଷରତା ସହ ମିଜୋରାମ ଦେଶର ଶୀର୍ଷରେ ଥିବାବେଳେ ଏହା ପଛକୁ ଲାକ୍ଷାଦ୍ୱୀପ ୯୭.୩%, ନାଗାଲାଣ୍ଡ ୯୭.୨% ରହିଛି। ତେବେ ନିମ୍ନ ଭାଗରେ ଆନ୍ଧ୍ର ସାକ୍ଷରତା ହାରରେ ୭୨.୬%, ବିହାର ୭୪.୩%, ମଧ୍ୟପ୍ରଦେଶ ୭୫.୨% ରହିଛି। ବିଶେଷକରି ଗ୍ରାମାଞ୍ଚଳରେ ଏହା ଅଧିକ ଚିନ୍ତାଜନକ ସ୍ଥିତିରେ ଅଛି। ସହରାଞ୍ଚଳରେ ସାକ୍ଷରତା

- ମିଜୋରାମ, ଲାକ୍ଷାଦ୍ୱୀପ, ନାଗାଲାଣ୍ଡ ଆଗରେ
- ଆନ୍ଧ୍ର, ବିହାର, ମଧ୍ୟପ୍ରଦେଶ ତାଲିକାର ନିମ୍ନରେ
- ମହିଳା ଓ ପୁରୁଷଙ୍କ ମଧ୍ୟରେ ପାର୍ଥକ୍ୟ ଅଧିକ
- ସହରାଞ୍ଚଳ, ଗ୍ରାମାଞ୍ଚଳ ମଧ୍ୟରେ ଅଧିକ ତାରତମ୍ୟ

ହାର ୮୮.୯% ଥିବାବେଳେ ଗ୍ରାମାଞ୍ଚଳରେ ୭୭.୫% ରହିଛି। ଲିଙ୍ଗଗତ ଅନ୍ତର ମଧ ଅଧିକ ରହିଛି। ୭ ବର୍ଷ ବୟସ ପରେ ପୁରୁଷଙ୍କ ସାକ୍ଷରତା ହାର ୮୭.୨% ଥିବାବେଳେ ମହିଳାଙ୍କର ୭୪.୬% ରହିଛି। ଏହି ଅନ୍ତର ୧୨.୬ରେ ରହିଯାଇଛି। ସେହିଭଳି ଗ୍ରାମାଞ୍ଚଳରେ ପୁରୁଷଙ୍କ ସାକ୍ଷରତା ହାର ୮୪.୭% ଥିବାବେଳେ ମହିଳାଙ୍କ ୭୦.୪% ରହିଛି। ସହରାଞ୍ଚଳରେ ପୁରୁଷଙ୍କ ସାକ୍ଷରତା ହାର ୯୨.୯% ଓ ମହିଳାଙ୍କର ୮୪.୯% ରହିଛି। ଆନ୍ଧ୍ରର ଗ୍ରାମାଞ୍ଚଳର ଭାଗ ଗୁଡ଼ିକରେ ସାରା ରାଜ୍ୟର ମୋଟ୍ ସାକ୍ଷରତା ହାରକୁ ହ୍ରାସ କରିଛି। ବିହାର, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ବଡ ରାଜ୍ୟରେ ମହିଳାଙ୍କ ସାକ୍ଷରତା ହାର କମ୍ ରହିଛି। ରାଜସ୍ଥାନରେ ପୁରୁଷମାନଙ୍କର ସାକ୍ଷରତା ହାର ୮୫.୯% ଓ ମହିଳାମାନଙ୍କର ୬୫.୮% ଥିବାବେଳେ ୮୨.୩% ଓ ମହିଳାଙ୍କର ୬୬.୧%,



ମଧ୍ୟପ୍ରଦେଶରେ ପୁରୁଷ ୮୩.୧% ଓ ମହିଳା ୬୭% ଥିବା ଜଣାପଡିଛି। ଛୋଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମସଫଳତାର (୯ ପୃଷ୍ଠାରେ)

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ, ୪ ମୃତ

ନବରଙ୍ଗପୁର, ୩।୬ (ସବ୍ୟୁ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡ଼ା ଗାଁରେ ନିର୍ମାଣାଧୀନ ପାଇଖାନା ଟାଙ୍କିରେ କାମ କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ୪ ଜଣଙ୍କର ମୃତ୍ୟୁ ଘଟିଛି । ମୃତକମାନେ ହେଉଛନ୍ତି- ଏନ୍ ସନ୍ତୁ, ଅମୀୟ ଖରା, ତ୍ରିଲୋଚନ ଭତରା ଓ ଲାଲୁ ରଣା। ସମସ୍ତ ମୃତକଙ୍କ ବୟସ ୨୫ରୁ ୩୦ ବର୍ଷ ଭିତରେ । ପଡ଼ାଲଗୁଡ଼ା ଗାଁର ମୋହନ ନାଗ ତାଙ୍କ ଘରେ ଏକ ପାଇଖାନା ନିର୍ମାଣ କରୁଛନ୍ତି। ଏହି ନିର୍ମାଣାଧୀନ ପାଇଖାନା ଟାଙ୍କିର ଫଲ୍ସ କାଢ଼ିବା ପାଇଁ ମଙ୍ଗଳବାର ପ୍ରାୟ ୧୦ଟା ବେଳେ ଦୁଇ ଜଣେ ଶ୍ରମିକ- ତ୍ରିଲୋଚନ ଭତରା ଓ ଲାଲୁ ରଣା ପାଇଖାନ ଟାଙ୍କିରେ ପ୍ରବେଶ କରିଥିଲେ । କିନ୍ତୁ ସେମାନେ ସେଠାରେ ଅଚେତ ହୋଇଯାଇଥିଲେ । ସେମାନଙ୍କୁ ଉଦ୍ଧାର କରିବା ପାଇଁ ଗାଁର ଦୁଇ ଯୁବକ- ଏନ୍ ସନ୍ତୁ ଓ ଅମୀୟ ଖରା ଟାଙ୍କି ଭିତରକୁ ଯାଇଥିଲେ। କିନ୍ତୁ ସେମାନେ ବି ଅଚେତ ହୋଇଯାଇଥିଲେ । ଏହା ପରେ ପୁଲିସ ଓ ଅଗ୍ନିଶମ ବାହିନୀଙ୍କୁ ଖବର ଦିଆଯାଇଥିଲା । ଅଗ୍ନିଶମ ବାହିନୀ ପାଇଖାନା ଟାଙ୍କିରୁ ସେମାନଙ୍କୁ ବାହାର କରିଥିଲା । ସେମାନଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୩।୬ (ସବ୍ୟୁ): ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିବା ୪ ଜଣଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏନ୍ ସନ୍ତୁ, ଅମୀୟ ଖରା, ଲାଲୁ ରଣା ଓ ତ୍ରିଲୋଚନ ଭତରାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ଏହା ସହିତ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।


# ଅବସାଦ ମାପିବ ଟାଟୁ



ବର୍ତ୍ତମାନ ମାନସିକ ସ୍ୱାସ୍ଥ୍ୟକୁ ନେଇ ଅନେକ ଚର୍ଚ୍ଚା ଓ ଆଲୋଚନା ଦେଖିବାକୁ ମିଳୁଛି । ଅନେକ ଏଭଳି ପଦକ୍ଷେପ ନିଆଯାଉଛି ଯାହା ମାନସିକ ସ୍ୱାସ୍ଥ୍ୟକୁ ଅଧିକ ଉନ୍ନତି କରୁଛି । ବଢୁଥିବା ଷ୍ଟ୍ରେସ୍ ଲେବଲକୁ କମ କରିବାକୁ ବିଭିନ୍ନ ଖେଳ, ଯୋଗ, ଧ୍ୟାନ ଆଦିକୁ ଗୁରୁତ୍ୱ ଦିଆଯାଉଛି । ତେବେ ବୈଜ୍ଞାନିକମାନେ ଏହି ଦିଗରେ ଏକ ଅଭିନବ ଉଦ୍ଭାବନ କରିଛନ୍ତି, ଯାହା ମାନସିକ ସ୍ୱାସ୍ଥ୍ୟକୁ ଭଲ ରଖିବାରେ ସାହାଯ୍ୟ କରିବ । ବୈଜ୍ଞାନିକମାନେ ବର୍ତ୍ତମାନ ଏକ ଇ ଟାଟୁର ଉଦ୍ଭାବନ କରିଛନ୍ତି ଯାହା ଆମର ମାନସିକ ସ୍ୱାସ୍ଥ୍ୟକୁ ମାପିବ । ଏହା ଆମ ମସ୍ତିଷ୍କର ବିଭିନ୍ନ ତରଙ୍ଗକୁ ସମୀକ୍ଷା କରି ମାନସିକ ଚାପକୁ ମାପିବ । ଏହି ଟାଟୁକୁ ବ୍ୟକ୍ତିଙ୍କର କପାଳରେ ଅଙ୍କା ଯିବ । ସେହିଭଳି ଏହା ବିନା ତାରରେ କାର୍ଯ୍ୟ କରୁଥିବାବେଳେ ଏହା ଏକ ଅସ୍ଥାୟୀ ଟାଟୁ । ବର୍ତ୍ତମାନ ମଣିଷଙ୍କର ମସ୍ତିଷ୍କ ଖୁବଶୀଘ୍ର ଅବସାଦଗ୍ରସ୍ତ ହେଉଛି ଯାହା ଏକ ଚିନ୍ତାର କାରଣ ପାଲଟିଛି । ଏହି ଇଟାଟୁ ଆମ ମସ୍ତିଷ୍କ ଏବଂ ଆଖିରେ ହେଉଥିବା ବୈଦ୍ୟୁତିକ କାର୍ଯ୍ୟକଳାପକୁ ସମୀକ୍ଷା କରିଥାଏ । ଏହି ଇ ଟାଟୁଟି ଏକ ଛୋଟ ହାଲୁକା ବ୍ୟାଟେରୀ, ପେପର ଥିନ୍, ଷ୍ଟିକର ସେନ୍ସର ଆଦିକୁ ନେଇ ନିର୍ମାଣ କରାଯାଇଛି । ଏହି ସେନ୍ସର ଗୁଡିକ ତରଙ୍ଗାଇତ ଲୁପ ଓ କଏଲ୍‌କୁ ନେଇ ଗଠନ କରାଯାଇଛି ଯାହା ଏହାକୁ ଷ୍ଟ୍ରେଚ କରିବାରେ ସାହାଯ୍ୟ କରିଥାଏ । ଏହା ଷ୍ଟ୍ରେଚ ହେବା ଫଳରେ ପିନ୍ଧିଥିବା ବ୍ୟକ୍ତିଙ୍କର ଚର୍ମକୁ ଏହା ଆରାମଦାୟକ ହେବା ସହିତ ସିଗ୍‌ନାଲ ସ୍ପଷ୍ଟ ମିଳିଥାଏ । ସେହିଭଳି ଏହାକୁ କରିବାକୁ ଇଚ୍ଛୁକ ବ୍ୟକ୍ତିଙ୍କର ପ୍ରଥମେ ବ୍ରେନ୍‌ର ମାପ ନିଆଯାଇ କଷ୍ଟମାଇଜ୍ଡ କରି ଅଙ୍କା ଯାଇଥାଏ । ବୈଜ୍ଞାନିକମାନେ ୬ଜଣଙ୍କ ଉପରେ ଏହାକୁ ଟେଷ୍ଟ କରିଥିବା ସୂଚନା ଦେଇଛନ୍ତି । ଯେତେବେଳେ ମସ୍ତିଷ୍କର ବୋଝ ବଢିଥାଏ ସେତେବେଳେ ଏଥିରୁ ବାହାରୁଥିବା ତରଙ୍ଗରେ ଏହା ପ୍ରତିଫଳିତ ହୋଇଥାଏ ବୋଲି ଏହି ପରୀକ୍ଷାରୁ ଜଣା ପଡିଛି । ତେଣୁ ମସ୍ତିଷ୍କ ଉପରେ ପଡୁଥିବା ଚାପକୁ ଆମେ ଏହି ଟାଟୁ ସାହାଯ୍ୟରେ ମାପି ପାରିବା ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

## ଇତିହାସ

୧୬୭୪– ଆମେରିକାର ମାସାଚ୍ୟୁସେଟ୍ସ ସହରରେ ଘୋଡା ଦୌଡ ଉପରେ ପ୍ରତିବନ୍ଧକ ।
୧୮୦୫– ତ୍ରିପୋଲୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ପ୍ରଥମ ବାରବାଲୀ ଯୁଦ୍ଧ ସମାପ୍ତ ହୋଇଥିଲା ।
୧୮୪୫– ମେକ୍ସିକୋ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା ।
୧୯୨୦– ହଙ୍ଗରୀ ସାମ୍ରାଜ୍ୟକୁ ପାଞ୍ଚଟି ଦେଶରେ ବିଭାଜିତ କରାଗଲା ।
୧୯୨୮– ଚୀନ୍‌ର ରାଷ୍ଟ୍ରପତି ହଙ୍ଗ୍ ଜୋଲିନଙ୍କୁ ଜଣେ ଜାପାନୀ ଏଜେଣ୍ଟ୍ ହତ୍ୟା କରିଛିଲେ ।
୧୯୨୯– ଜର୍ଜ ଇଷ୍ଟମ୍ୟାନ୍ ପ୍ରଥମ ରଙ୍ଗୀନ ଫିଲ୍ମର ନମୁନା ଜାରି କରିଥିଲେ ।
୧୯୪୦– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ସେନା ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ପ୍ରବେଶ କରିଥିଲେ ।
୧୯୭୦– ବ୍ରିଟେନ୍‌ରୁ ଅଲଗା ହୋଇ ଟୋଙ୍ଗା ଏକ ସ୍ୱତନ୍ତ୍ର ଦେଶ ହୋଇଥିଲା ।
୨୦୧୨– ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର ସଂସଦର ଉଚ୍ଚସଦନ ରାଜ୍ୟସଭା ସଦସ୍ୟ ରୂପେ ଶପଥ ଗ୍ରହଣ କଲେ ।
୨୦୧୩– ଆଇବିଏମ୍ ୨ ବିଲିୟନ୍ ଡଲାର ପାଇଁ କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍ ଫାର୍ମ ସଫ୍ଟଲେୟାକ୍ ଟେକ୍ନୋଲୋଜିକ୍‌କୁ କିଣିବା ପାଇଁ ସହମତି ପ୍ରକାଶ କଲା ।
୨୦୧୫– ଘାନାରେ ଏକ ପେଟ୍ରୋଲ୍ ପମ୍ପରେ ଅଗ୍ନିକାଣ୍ଡ ଘଟି ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା ।



# ୧୦ ହଜାର ଲୋକ ଥିବା ଦ୍ୱୀପ

ବିଶ୍ୱରେ ପାଖାପାଖି ୧୯୫ଟି ଦେଶ ରହିଛି, ଯେଉଁମାନଙ୍କର ପାରମ୍ପରିକ ରୀତିନୀତି, ଚଳଣି, ଖାଦ୍ୟପେୟ ସବୁ କଥା ଭିନ୍ନ । ସେମାନେ ସମସ୍ତେ ବିଭିନ୍ନ କଥାରେ ସ୍ୱତନ୍ତ୍ର ଓ ଅନ୍ୟଠାରୁ ଅଲଗା । ସେହିଭଳି ଏକ ଦେଶ ହେଲା ତୁଭାଲୁ, ଯାହା ପଲିନେସିଆ ସବ୍‌ରିଜନରେ ଥିବା ଏକ ଆଇଲାଣ୍ଡ । ପଲିନେସିଆ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ । ତେବେ ଏହି ଦେଶଟି ବିଶ୍ୱର ଅନ୍ୟଦେଶଙ୍କ ଠାରୁ ଭିନ୍ନ । ୨୦୨୨ର ଜନଗଣନା ଅନୁସାରେ ଏଠାରେ ପାଖାପାଖି ୧୦ ହଜାର ଲୋକ ବାସ କରନ୍ତି । ଯେଉଁ କାରଣରୁ ଏହା ବିଶ୍ୱର ତୃତୀୟ କମ ଜନସଂଖ୍ୟା ଦେଶ । ସେହିଭଳି ଏହା ନାଁରେ ଆଉ ଏକ ରେକର୍ଡ ରହିଛି, ଏହା ହେଉଛି ବିଶ୍ୱର ଚତୁର୍ଥ ଛୋଟ ଦେଶ । ଏହି ଦେଶର ଆକାର ହେଉଛି ୨୬ ସ୍କୋୟାର କିମି । ସେହିଭଳି ଏହାର ବାସିନ୍ଦାମାନେ ମୁଖ୍ୟତଃ ଆମଦାନୀ ଖାଦ୍ୟ ଓ ମାଛ ଉପରେ ନିର୍ଭର କରିଥାଆନ୍ତି ।

## ସୋସିଆଲ କୋଟ୍ସ



"ମୁଁ ଚାହୁଁ ନଥିଲି ମୁଁ ଯେଉଁ ଭୁଲ କରିଛି ସେହି ଭୁଲ ମୋ ଝିଅ ଆଉ ଥରେ କରୁ । ତେଣୁ ମୁଁ ମଶାବାକୁ ଲିଭ୍‌ଇନ୍ ରହିବା ପାଇଁ ମନା କରିଥିଲି । ଏହା ତାପାଇଁ ଭଲ ଥିଲା ।

ନୀନା ଗୁପ୍ତା, ଅଭିନେତ୍ରୀ




"କେବଳ ଭାରତ ନୁହେଁ ବିଦେଶରେ ମଧ୍ୟ ଗଦର–୨କୁ ପ୍ରଶଂସା ମିଳିଛି । ସମସ୍ତେ ଅନେକ ସମୟ ପରେ ଏଭଳି ଏକ ଫିଲ୍ମ ଦେଖି ଖୁସି ହୋଇଛନ୍ତି ।

ଅନିଲ୍ ଶର୍ମା, ନିର୍ଦ୍ଦେଶକ



"ଆକ୍ଟିଂ ସବୁବେଳେ ମୋର ଫାଷ୍ଟ ଲଭ ଥିଲା ଆଗକୁ ରହିବ ମଧ୍ୟ । ଆଜିପର୍ଯ୍ୟନ୍ତ ଅଭିନେତ୍ରୀ ଭାବେ ଜର୍ଣ୍ଣି ବେଶ୍ ରୋମାଞ୍ଚକର ଓ ସ୍ମରଣୀୟ ରହିଛି ।

ତମନ୍ନା ଭାଟିଆ, ଅଭିନେତ୍ରୀ



# ବର୍ଦ୍ଧିତ ତାପମାତ୍ରା ପୃଥିବୀର ଶତ୍ରୁ

ପୃଥିବୀ ଏକମାତ୍ର ଗ୍ରହ ଯେଉଁଥିରେ ମଣିଷ ବସବାସ କରିଥାଏ । ଏଠାରେ ଜୀବଜଗତ ବଞ୍ଚିରହିବା ପାଇଁ ସବୁପ୍ରକାର ସୁବିଧା ରହିଛି । ଏଠାରେ ପାଣି,ବାୟୁମଣ୍ଡଳ,ଖାଦ୍ୟ, ଜଙ୍ଗଲ ଭଳି ସମସ୍ତ ସୁବିଧା ରହିଛି । ତେବେ ଏତେ ସୁବିଧା ଭିତରେ ବି ଅନେକ ଏଭଳି ପରିବେଶକୁ ନେଇ ସମସ୍ୟା ରହିଛି ଯାହା ପୃଥିବୀକୁ କ୍ଷତି ପହଞ୍ଚାଉଛି । ସେହିଭଳି ଏକ ସମସ୍ୟା ହେଲା ବର୍ଦ୍ଧିତ ତାପମାତ୍ରା । ବର୍ତ୍ତମାନ ଅନେକ ସମୟରେ ଦେଖିବାକୁ ମିଳୁଛି ପୃଥିବୀର ତାପମାତ୍ରା ବଢିବାରେ ଲାଗୁଛି । ତେବେ ଏକ ନୂଆ ଗବେଷଣାର ତଥ୍ୟ ଅନୁସାରେ ଯଦି ପୃଥିବୀର ତାପମାତ୍ରା ୨ ଡିଗ୍ରୀ ବଢିବ ତେବେ ମଣିଷସମାଜ ବିଭିନ୍ନ ସମସ୍ୟାରେ ପଡିବ । ଯଦି ଏଭଳ ହେଉଛି ତେବେ ଏହି ଶତାବ୍ଦୀର ଶେଷ ସୁଦ୍ଧା ଏସିଆର ହୁନ୍ଦୁ କୁସ ହିମାଳୟ ଅଞ୍ଚଳରେ ଥିବା ଗ୍ଲେସିଅର ପାଖାପାଖି ୭୫ ପ୍ରତିଶତ ତରଳିଯିବ । ଯେଉଁ କାରଣରୁ ପାଖାପାଖି ୨ବିଲିଅନ ଲୋକ ଅସୁବିଧାରେ ପଡିବେ କାରଣ ଏହି ଅଞ୍ଚଳ ଅନକଙ୍କ ପାଇଁ ପାଣିର ଉତ୍ସ ଭାବେ କାମ କରିଥାଏ । ଏହା ଅନେକ ବଡ ନଦୀର ଉତ୍ସ ଭାବେ କାମ କରିଥାଏ, ତେଣୁ ଏହି ନଦୀର ପାଣି ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ଦେଖିବାକୁ ମିଳିବ । ତେଣୁ ବର୍ତ୍ତମାନ ବିଶ୍ୱର ସମସ୍ତ ଦେଶ ପୃଥିବୀର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବାର ଆବଶ୍ୟକତା ରହିଛି । ଏହା କିଭଳି ନ ବଢିବ ସେଥିପାଇଁ ପଦକ୍ଷେପ ନେବା ଦରକାର । ପୃଥିବୀରେ ଥିବା ଗ୍ଲେସଅର ରିଜନ୍ ଆମ ମଣିଷ ସମାଜରେ ବ୍ୟବହାର ହେଉଥିବା ଜଳର ଏକ ପ୍ରମୁଖ ଉତ୍ସ ।

# ମିଳୁଛି ସମର୍ଥନ



ଦୀପିକା ପାଦୁକୋନ ବର୍ତ୍ତମାନ ଫିଲ୍ମ ସ୍କିରିଟ୍‌କୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ସୂଚନା ଅନୁସାରେ ଦୀପିକା ଆଠ ଘଣ୍ଟା କାମ କରିବାକୁ ଦାବି କରିବାରୁ ତାଙ୍କୁ ଏହି ଫିଲ୍ମରୁ ବାଦ ଦିଆଯାଇଛି । ଏସମ୍ପର୍କରେ ଦୀପିକା ନିଜେ ସୂଚନା ଦେବାପରେ ଏହାକୁ ନେଇ ଆଲୋଚନା ଜାରି ରହିଛି । ବର୍ତ୍ତମାନ ବି ଟାଉନ୍‌ର କିଛି କଳାକାର ଦୀପିକାଙ୍କ ସମର୍ଥନରେ ବାହାରିଥିବା ଦେଖିବାକୁ ମିଳିଛି । ସମସ୍ତେ ଦୀପିକାଙ୍କର ଆଠ ଘଣ୍ଟା କାମ କରିବାର ଦାବିକୁ ନ୍ୟାର୍ଯ୍ୟ ଦାବିବୋଲି ସୂଚାଇବାରେ ଲାଗିଛନ୍ତି । ସୋସିଆଲ ମିଡିଆରେ ସେଲିବ୍ରିଟିମାନେ ଦୀପିକାଙ୍କ ସମର୍ଥନରେ ବାହାରିଥିବା ଦେଖିବାକୁ ମିଳୁଛି । ସମସ୍ତଙ୍କ ମତରେ ଜଣେ ହିରୋଇନ୍ ମାଆ ହେବାପରେ ତାଙ୍କ ପକ୍ଷେ ଆଠଘଣ୍ଟାରୁ ଅଧିକ କାମ କରିବା ଅସମ୍ଭବ । ତାଙ୍କୁ ନିଜ ପରିବାରକୁ ସମୟ ଦେବାକୁ ହୋଇଥାଏ, ତେଣୁ ଦୀପିକାଙ୍କ ଦାବି କିଛି ଭୁଲ ନଥିଲାବୋଲି ଏମାନେ ଯୁକ୍ତି ବାଢୁଛନ୍ତି । ଦୀପିକାଙ୍କ ସମର୍ଥକ ତାଲିକାରେ ନିର୍ଦ୍ଦେଶକ ମଣିରତ୍ନମ, ଅଭିନେତ୍ରୀ ରାଧିକା ଆପଟେ, ସୈଫ ଅଲ୍ଲୀ ଖାନ୍, ଅଜୟ ଦେବଗନ ଆଦି ସାମିଲ ଅଛନ୍ତି । ସମସ୍ତେ ଦୀପିକାଙ୍କୁ ସମର୍ଥନ ଜଣାଇବା ସହିତ ତାଙ୍କ ଦାବି ଠିକ୍ ବୋଲି ମତ ଦେଉଛନ୍ତି ।

# ମୌସୁମୀରେ ନିଅନ୍ତୁ ଘରର ଯତ୍ନ

**ମୌସୁମୀ ଆସିଲେ ବର୍ଷା ଆରମ୍ଭ ହୋଇଯାଏ, ଯେଉଁ ସମୟରେ ଘରର ଅଧିକ ଯତ୍ନ ନେବାକୁ ପଡିଥାଏ । ଏହି ଦିନେ ଅଧିକ ବର୍ଷା ହେଉଥିବାରୁ ଘର ନଷ୍ଟ ହେବାର ଡର ଅଧିକ ରହିଥାଏ । ବର୍ଷା ପାଣି କାରଣରୁ ଘରର କାନ୍ଥ ଓ ଛାତ ନଷ୍ଟ ହୋଇଥାଏ । ସେହିଭଳି ଘରେ ଥିବା ବିଭିନ୍ନ କାଠ ଆସବାବ ପତ୍ର ମଧ୍ୟ ନଷ୍ଟ ହେବାର ଆଶଙ୍କା ରହିଥାଏ । ଏହି ସମୟରେ ଆଦ୍ରତା କାରଣରୁ କାଠ ଆସବାବ ପତ୍ର, ଘରର କବାଟ ଓ ଝରକା ଫୁଲିବାର ଆଶଙ୍କା ରହିଥାଏ । ସେହିଭଳି କାନ୍ଥରୁ ରଙ୍ଗ ଛାଡିବା ସହିତ କାନ୍ଥ ନଷ୍ଟ ହୋଇଥାଏ । ଅନେକ ଘରେ ବର୍ଷାଦିନେ ଛାତ ଲିକ୍ କରିବାର ସମସ୍ୟା ମଧ୍ୟ ଦେଖିବାକୁ ମିଳେ । ତେଣୁ ଏହିଭଳି ସମସ୍ତ ସମସ୍ୟାକୁ ଆଖିରେ ରଖି ମୌସୁମୀ ଆସିବା ଆଗରୁ ସମାଧାନ କରିବାର ଅଛି । ନହେଲେ ବର୍ଷା ଦିନେ ସମସ୍ୟାରେ ପଡିବାର ଆଶଙ୍କା ରହିଛି ।**



- ତେଣୁ ମୌସୁମୀ ଆସିବା ଆଗରୁ ଘରର ଆଖପାଖ ସଫା କରି ନିଅନ୍ତୁ, ଯେପରି ଯମୁଥିବା ପାଣିରେ ମଶାଙ୍କର ବଂଶ ବଢିବ ନାହିଁ ।
- ଘରର ଛାତ ଓ ନାଳି ସଫା କରନ୍ତୁ ଯେପରି ପାଣି ନିଷ୍କାସନ ସହଜରେ ହୋଇପାରିବ । ଯାହାଫଳରେ ପାଣି ଜମିବ ନାହିଁ କି ଲିକ୍ ମଧ୍ୟ କରିବ ନାହିଁ ।
- ସେହିଭଳି ଛାତ କିମ୍ବା କାନ୍ଥରେ ଯଦି କୌଣସି ଛେଦ ରହିଛି ତେବେ ଏହାକୁ ମରାମତି କରି ନିଅନ୍ତୁ ଯେପରି ଏହି ବାଟେ ପାଣି ଲିକ୍ କରିବ ନାହିଁ ।
- ସମସ୍ତ କାଠ ଆସବାବ ପତ୍ର ଓ କବାଟ ଝରକାକୁ ପଲିସ୍ କରି ନିଅନ୍ତୁ, ଯେପରି ଓଦା ହୋଇ ଏହା ଫୁଲିବ ନାହିଁ ।
- ଏହାକୁ ୱାଟରପ୍ରୁଫ୍ କଭର ମଧ୍ୟ ଲଗାଇ ପାରିବେ ।
- ଘରର ବିଜୁଳି ତାର ଚେକ୍ କରିନିଅନ୍ତୁ ଯଦି କୌଣସି ସମସ୍ୟା ଥାଏ ତେବେ ଠିକ୍ କରାଇ ନିଅନ୍ତୁ ।
- ସେହିଭଳି ଘରକୁ ଜୋତା ଆଣନ୍ତୁ ନାହିଁ ଏହାକୁ ସବୁବେଳେ ର୍ୟାକ୍‌ରେ ରଖନ୍ତୁ ।
- ଲୁଗାପଟା ସଫା କରିବା ପରେ ଭଲକରି ଶୁଖାନ୍ତୁ ।
- ବିଶେଷଭାବେ ଘରର ରୋଷେଇଘରକୁ ସଫା ରଖନ୍ତୁ । ଘରେ ଥିବା ମୂଷା, ଅସରପା ଓ ବିଭିନ୍ନପୋକଙ୍କୁ ମାରି ସଫା କରନ୍ତୁ ।

## ହାହାଃ..



ସ୍ତ୍ରୀ– ତୁମେ ମୋତେ ଧୋକା ଦେଇଛ ?
ସ୍ୱାମୀ – କଣେ ଧୋକା ଦେଲି, କିଛି ତ ଦେଇନି ।
ସ୍ତ୍ରୀ – ତୁମର ରାଣୀ ନାମରେ ଆଗରୁ ଏକ ସ୍ତ୍ରୀ ଅଛି ।
ସ୍ୱାମୀ – ମୁଁ ତ ତୁମ ବାପାଙ୍କୁ କହି କି ଆଣିଥିଲି, ତୁମକୁ ରାଣୀ ଭଳି ରଖିବି ।

# ବଜ୍ରାସନ



ପ୍ରଥମେ ଯୋଗ ମ୍ୟାଟ ପକାଇ ବସି ଯାଆନ୍ତୁ । ଏହାପରେ ଆଣ୍ଠୁ ଭାଙ୍ଗି ଗୋଡ ଦୁଇଟିକୁ ଏକାଠି କରି ଆଣ୍ଠୁ ମାଡି ବସନ୍ତୁ । ଏହି ସମୟରେ ପାଦର ଆଙ୍ଗୁଠି ଗୁଡିକ ଉପରମୁହାଁ ହୋଇ ରହିବା ଦରକାର । ଏହାପରେ ପାଦ ଉପରେ ପଛପଟ ରଖି ଭଲ ଭାବେ ନିଜ ଗୋଡ ଉପରେ ହିଁ ସମସ୍ତ ଭାର ଦେଇ ବସନ୍ତୁ । ଏହି ସମୟରେ ନିଜ ହାତକୁ ଜଙ୍ଘ ଉପରେ ରଖି ପାରିବେ । ଏଭଳି ଭାବେ ଏହି ପୋଜିସନରେ କିଛି ସମୟ ବସନ୍ତୁ । ଏହା ଏଭଳି ଏକ ଯୋଗ ଯାହାକୁ ଖାଦ୍ୟ ଖାଇବା ପରେ ମଧ୍ୟ କରିହେବ । ଏହା ଆମର ହଜମ ଶକ୍ତିକୁ ବଢାଇଥାଏ । ଯଦି ଗ୍ୟାସ୍ ସମସ୍ୟା ରହିଛି ତେବେ ଏହି ଯୋଗଟି ଖୁବ ଉପକାରୀ ହୋଇଥାଏ । ତେବେ ଏହାକୁ କରିବ ଆଗରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଦେବଗଡରେ ପ୍ରାୟ ୨୦୫ କୋଟିର

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



- କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା
- ଦେବଗଡକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ଆମର ପ୍ରାଥମିକ ଲକ୍ଷ୍ୟ

ଭୁବନେଶ୍ୱର/ଦେବଗଡ (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦେବଗଡ଼ ଜିଲ୍ଲା ଗସ୍ତରେ ଯାଇ ସେଠାରେ ପ୍ରାୟ୨୦୫ କୋଟି ଟଙ୍କା ମୂଲ୍ୟର ୧୫ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହିତ ଦେବଗଡ଼ ଜିଲ୍ଲା ପାଇଁ ଆଜି ୩୦୦ ଶଯ୍ୟା ବିଶିଷ୍ଟ ନବ ନିର୍ମିତ ଡାକ୍ତରଖାନା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଛି । ସୂଚନା ଥାଉକି ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ୧୧ଟି ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଏବଂ ୪ ଟି ଶିକ୍ଷା ଭିତ୍ତିଭୂମି ଉନ୍ନତିକରଣ ପ୍ରକଳ୍ପ ରହିଛି । ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟର ସମସ୍ତ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳିଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏଥିରେ କେନ୍ଦୁପତ୍ର ତୋଳାଳୀଙ୍କୁ ଚପଲ ପାଇଁ ୧୬୦ ଟଙ୍କା, କେରି ସଂଗ୍ରହ କପଡା ପାଇଁ ୨୦୦ ଟଙ୍କା, ତୋଳାଳୀ ଓ ସିଜନାଲ ଷ୍ଟାଫଙ୍କ ଟୋପି ପାଇଁ ୧୦୦ ଟଙ୍କା, ବନ୍ଧାଳି ମାନଙ୍କ ପାଇଁ ମଶାରୀ ଓ କମ୍ବଳ ପାଇଁ ଜଣଙ୍କ ପିଛା ୭୦୦ ଟଙ୍କା ପ୍ରଦାନ କରାଯିବ । ଏହାଦ୍ୱାରା ରାଜ୍ୟର ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳି ଓ ସିଜନାଲ ଷ୍ଟାଫ ଉପକୃତ ହେବେ ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଦେବଗଡ ଜିଲ୍ଲାର ବିକାଶ ପାଇଁ ସମସ୍ତ ସାମର୍ଥ୍ୟ ଅଛି । ଆମେ ତାହାର ସଠିକ ଉପଯୋଗ କରି ଜିଲ୍ଲାକୁ ରାଜ୍ୟ ବିକାଶ ଧାରାର ମୁଖ୍ୟସ୍ରୋତରେ ଯୋଡିବୁ । ଆମ ସରକାର ଆସିବା ପରେ ଆମେ ଓଡିଶାର ୩୦ଟି ଜିଲ୍ଲାର ସମାନୁପାତିକ ବିକାଶକୁ ଗୁରୁତ୍ୱ ଦେଉଛୁ । ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ ସେଥିପ୍ରତି ଆମେ ଗୁରୁତ୍ୱ ଦେଉଛୁ । ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସମ୍ଭବ ହୋଇପାରିବ । ସମସ୍ତଙ୍କୁ ନେଇ ସବୁ କ୍ଷେତ୍ରର ବିକାଶ ଜରିଆରେ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ । ସେ କହିଥିଲେ ଯେ, ଦେବଗଡ ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ଆମର ପ୍ରାଥମିକ ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି ଓ ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଆମ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେ ପୁଣି କହିଥିଲେଯେ, ଓଡିଶାର ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସେବା କରିବାର ଦାୟିତ୍ୱ ନେଇଛୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ ବି ନଷ୍ଟ କରିନାହୁଁ । ଆମ ସରକାର ଆସିବାର ଏକ ବର୍ଷ ହେବାକୁ ମାତ୍ର ୯ ଦିନ ବାକି ଅଛି । ଆଉ ଏଇ ଏକ ବର୍ଷ ଭିତରେ ଆମେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ତଥା ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ଓ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛୁ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ, ଦେବଗଡ ବିଧାୟକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଦେବଗଡ, କବିନ୍ଦ୍ର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡଃ ବିଶ୍ୱମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ ।

## କଳିଙ୍ଗ ଯୁଦ୍ଧ କର୍ମଶାଳା

# ଓଡ଼ିଶାର ସମୃଦ୍ଧ ଇତିହାସ ଯୁବପିଢ଼ିଙ୍କୁ ମାର୍ଗଦର୍ଶନ କରୁ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାର ଇତିହାସ ହେଉଛି ସମୃଦ୍ଧ । ଏହି ସମୃଦ୍ଧ ଇତିହାସ ଯୁବବର୍ଗଙ୍କୁ ପ୍ରେରିତ କରୁ । ଯୁବପିଢ଼ିଙ୍କ ମଧ୍ୟରେ ଏକ ନୂତନ ଚିନ୍ତା ଚେତନାର ଉନ୍ମେଷ ନିମନ୍ତେ ଆମ ଇତିହାସ ଏକ ମାର୍ଗଦର୍ଶକ ଭଳି କାର୍ଯ୍ୟ କରୁ । ଓଡ଼ିଆ ଜାତୀୟତାବାଦ କେବେ ହେଲେ ମଧ୍ୟ ଆଞ୍ଚଳିକତାବାଦ ମଧ୍ୟରେ ସୀମିତ ନୁହେଁ । ଆଗାମୀ ଦିନରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଆମ ଯୁବପିଢ଼ି ଏକ ବଳିଷ୍ଠ ନେତୃତ୍ୱ ନେବେ ଏବଂ କଳିଙ୍ଗର ଦାୟାଦ ଭାବରେ ସେମାନେ ଗର୍ବର ସହ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।



> ବିକଶିତ ଓଡ଼ିଶା ଗଠନରେ ବଳିଷ୍ଠ ନେତୃତ୍ୱ ନେବେ ଯୁବପିଢ଼ି
>
> ଆଲୋଚନାଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଆକାରରେ ପ୍ରସ୍ତୁତ କରାଯିବ

ମଙ୍ଗଳବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥ ନିବାସ ଠାରେ କଳିଙ୍ଗ ଯୁଦ୍ଧ କର୍ମଶାଳାରେ ମାନସମନ୍ଥନ କରାଯାଇଥିଲା । ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ଏହି କର୍ମଶାଳାରେ ଯୋଗଦେଇ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋକପାତ କରି କହିଥିଲେ, କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋଚନାଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଆକାରରେ ପ୍ରସ୍ତୁତ କରାଯିବ । ଯାହାକି ଆମ ଉତ୍ତରପିଢ଼ିଙ୍କୁ ଆମ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବ । ଏଥିସହିତ ଓଡ଼ିଶାର ନୌବାଣିଜ୍ୟ ଇତିହାସ, ଓଡ଼ିଶାର ନୌସେନାର ଇତିହାସ, ବିଭିନ୍ନ ବୌଦ୍ଧ କୀର୍ତ୍ତିରାଜି ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ । ଆଜିର ଏହି କର୍ମଶାଳାରେ କଳିଙ୍ଗ ଯୁଦ୍ଧ ପୂର୍ବ କଳିଙ୍ଗ ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାମରିକ ସ୍ଥିତି, କଳିଙ୍ଗ ଯୁଦ୍ଧ କାଳ ଖଣ୍ଡରେ କଳିଙ୍ଗ ରାଜ୍ୟର ସ୍ଥିତି, କଳିଙ୍ଗ ଯୁଦ୍ଧ ପରର କଳିଙ୍ଗର ସ୍ଥିତି ଆଦି ଶୀର୍ଷକକୁ ନେଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା । ବିଶିଷ୍ଟ ସାହିତ୍ୟିକ, କଥାକାର, ସ୍ତମ୍ଭକାର ଓ ଇତିହାସ ବିଶେଷଜ୍ଞ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ସୁସାହିତ୍ୟିକ ତଥା ସ୍ତମ୍ଭକାର ଅଭୟ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମାଟ୍ରିକ ମେଧା ସମ୍ମାନ – ୨୦୨୫

କୋଣାର୍କ,(ସବ୍ୟୁ) : କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାର ପକ୍ଷରୁ କୋଣାର୍କସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ମାଟ୍ରିକ ମେଧା ସମ୍ମାନ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ।ଲିଗୁଆଳିର ପ୍ରିୟଙ୍କା ଦେୀ ସ୍କୁଲ ଅଫ୍ ନର୍ସିଂ ଓ କୋଣାର୍କର ମହୋଦଧି ଏଜୁକେସନ ଏକାଡେମୀ ସହଯୋଗ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ଉପଦେଷ୍ଟା ଶିକ୍ଷାବିତ୍ ଗୋପୀନାଥ କରଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀ ଓ ସେମାନଙ୍କ ପ୍ରଧାନଶିକ୍ଷକମାନଙ୍କୁ ପ୍ରଶଂସାପତ୍ର, ପଦକ ଓ ପାଠ୍ୟୋପକରଣ ପ୍ରଦାନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥିରୂପେ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ଖିଲାର, ଶିଶୁପତ୍ରିକା ।ନରସେନାର ସଂପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଓଷ୍ଟାର ପୁରୀ ଜିଲ୍ଲା ସଂପାଦକ ଭୂଦତ୍ତ ନାୟକ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟି, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସଂପାଦକ ଗୁଣନିଧି ମୁଦୁଲି ଓ କି ଚିତ୍ତରଞ୍ଜନ ିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ଗତ ୨୦୨୧ ମସିହାରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ସଂପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ।ବସନ୍ତମଞ୍ଜରୀ ପାଠାଗାରର ସଂପାଦକ ରାମକୃଷ୍ଣ ମହାନ୍ତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାରର ଦିବଂଗତ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅମର ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ସମାଜସେବୀ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ବନ୍ଦେ ଉତ୍କଳ ଜନନୀ ସମୂହ ଗାନ କରାଯାଇଥିଲା। ଏହି ମେଧା ସମ୍ମାନ କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅନ୍ତର୍ଗତ ନିଗମାନନ୍ଦ ହାଇସ୍କୁଲ, ଗଣେଶ୍ୱରପୁର ହାଇସ୍କୁଲ, ରାଧାନାଥ ବିଦ୍ୟାପୀଠ, ନୟାହାଟ ହାଇସ୍କୁଲ, ନାଗପୁର ନୋଡାଲ ହାଇସ୍କୁଲ, କୋଣାର୍କ ହାଇସ୍କୁଲ, ରଷିପଡ଼ା ନୋଡାଲ ହାଇସ୍କୁଲ, ତରଙ୍ଗିରା ହାଇସ୍କୁଲ, ମା' ଭୂଆସୁଣୀ ହାଇସ୍କୁଲ, ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠ, ଏ.କେ. ବିଦ୍ୟାପୀଠ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜବାହର ନବୋଦୟ ବିଦ୍ୟାଳୟ, ଭେଙ୍କଟେଶ୍ୱର ସ୍କୁଲ ସମେତ ୨୧ଟି ବିଦ୍ୟାଳୟର ୨୬ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ନିରଞ୍ଜନ ତ୍ରିପାଠୀ, ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ର, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ଲରାମ ପଣ୍ଡା ଓ ସହକର୍ମୀ ଶିକ୍ଷକଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ବ୍ରାଉନସୁଗର ଜବତ : ବେପାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବଡଗଡ ଥାନା ପୋଲିସ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ କୋରଡକଣ୍ଟା ଯାତ୍ରା ପଡ଼ିଆ ନିକଟରେ ଚଢାଉ କରି ବ୍ରାଉନସୁଗର ବିକ୍ରେତା ମହମ୍ମଦ ବାବୁ (୩୪)କୁ ଗିରଫ କରିବା ସହ ତା'ନିକଟରୁ ୧୨.୫ ଗ୍ରାମ୍ ବ୍ରାଉନସୁଗର, ୩୯୦ ଟଙ୍କା ଓ ସେ ବ୍ୟବହାର କରୁଥିବା ବାଇକ୍ ଜବତ କରିଛି ।

ମହମ୍ମଦ ବାବୁ ଘର ଝାରପଡା ମୁସ୍‌ଲିମ୍ ସାହିରେ ହୋଇଥିବା ବେଳେ ତା'ନାଁରେ ଏୟାରଫିଲ୍ଡ, କ୍ୟାପିଟାଲ, ଇନ୍‌ଫୋସିଟି, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର ଓ ଧଉଳି ପ୍ରଭୃତି ଥାନା ଅଞ୍ଚଳରେ ୨୩ଟି ମାମଲା ପଞ୍ଜିକୃତ ଥିବା ପୋଲିସ କହିଛି । ସେହିମାମଲା ମଧ୍ୟରେ ବ୍ରାଉନସୁଗର ବିକ୍ରି ଓ ଅନ୍ୟାନ୍ୟ ଅପରାଧିକ ମାମଲା ଥିବା ପୋଲିସ କହିଛି । ମହମ୍ମଦ ବାବୁକୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସେ ଜଣେ ପେସାଦାର ଅପରାଧୀ ବୋଲି ସୂଚନା ମିଳିଛି ।

## ପୋଲିସର ଗାଡି ଚେକିଂ କ୍ଷମତାକୁ ବିରୋଧ

# ମୁଖ୍ୟମନ୍ତ୍ରୀଙ୍କୁ ବସ୍-ଟ୍ରକ୍ ମାଲିକ ମହାସଂଘର ଚିଠି

ଭୁବନେଶ୍ୱର(ସବ୍ୟୁ): ଗାଡ଼ି ଯାଞ୍ଚ କରିବା ପୋଲିସର କାମ ନୁହେଁ, ପୋଲିସ୍ ଆଇନ୍‌ଶୃଙ୍ଖଳା ଉପରେ ଧ୍ୟାନ ଦେଉ । ପରିବହନ ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ ନେଇ ପୋଲିସକୁ ଅତିରିକ୍ତ କ୍ଷମତା ଦେବା ପ୍ରସ୍ତାବକୁ ବିରୋଧ କରି ମଙ୍ଗଳବାର ଏଭଳି ମନ୍ତବ୍ୟ ରଖିଛନ୍ତି ଉଭୟ ଘରୋଇ ବସ୍ ଓ ଟ୍ରକ ମାଲିକ ସଂଘ । ଏମିତିକି ସରକାର ଯଦି ଏଭଳି ନିଷ୍ପତ୍ତି ଲାଗୁ କରନ୍ତି ତାହେଲେ ବାଧ ହୋଇ ଉଭୟ ସଂଘ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି । ରାଜ୍ୟ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଓ ରାଜ୍ୟ ଟ୍ରକ୍ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବି ଶତପଥୀ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିବରଣୀରୁ ପ୍ରକାଶ ଯେ ଅତୀତରେ ପୋଲିସ୍ ବିଭାଗ ଗାଡି ଚେକିଂର କ୍ଷମତା ନେବା ପାଇଁ ପ୍ରୟାସ କରି ବହୁ ବାର ବିଫଳ ହୋଇଛନ୍ତି । ଏପରିକି ଅତୀତରେ ବାରମ୍ବାର ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟିମାନ ନାପସନ୍ଦ କରିଛନ୍ତି ।



### ନିଷ୍ପତ୍ତି ନବଦଳିଲେ ରାଜ୍ୟବ୍ୟାପୀ ଧର୍ମଘଟ

ପୋଲିସ୍ ବିଭାଗର ପ୍ରାଥମିକ ଦାୟିତ୍ୱ ଆଇନଶୃଙ୍ଖଳା ରକ୍ଷା କରିବା । କିନ୍ତୁ କର୍ମଚାରୀ କମ୍ ଥିବା ଆଳରେ ପୋଲିସ୍ ବିଭାଗ ଉକ୍ତ ଦାୟିତ୍ୱକୁ ନିର୍ବାହ କରି ପାରୁନାହାନ୍ତି । ଏପରିସ୍ଥଳେ ଗାଡି ଚେକିଂ କରିବା ପାଇଁ ଏକ ସ୍ୱତନ୍ତ୍ର ପରିବହନ ବିଭାଗ ଥିବା ବେଳେ ପୋଲିସ୍ ବିଭାଗକୁ ଗାଡି ଚେକିଂ କ୍ଷମତା ଦେବାର ଯଥାର୍ଥତା ନାହିଁ । ଦୁର୍ଘଟଣାଗ୍ରସ୍ତ ଗାଡିଟିଏ ଥାନାରୁ ଛଡାଇବା ପାଇଁ ହେଲେ ଟ୍ରକ୍ ଓ ବସ୍ ମାଲିକମାନେ ଥାନାରେ ଯେଉଁଭଳି ଜୁଲମର ଶିକାର ହୁଅନ୍ତି ଏହା କାହାକୁ ଅଛପା ନୁହେଁ । ଏଣୁ ପୋଲିସକୁ ଗାଡି ଚେକିଂ କ୍ଷମତା ପ୍ରଦାନ ନକରିବାକୁ ବସ୍ ଓ ଟ୍ରକ୍ ମାଲିକ ମହାସଂଘ ଦାବି କରିଛନ୍ତି । ଏହାକୁ ବନ୍ଦ କରାନଗଲେ ବସ୍ ଓ ଟ୍ରକ୍ ମାଲିକମାନେ ରାଜ୍ୟବ୍ୟାପୀ ଧର୍ମଘଟ କରିବେ ବୋଲି ଶ୍ରୀ ଶତପଥୀ ଓ ଶ୍ରୀ ସାହୁ କହିଛନ୍ତି ।

# କପ୍ ସିରପ ଜବତ, ୨ ଭାଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ପୋଲିସ ୬୧ ବୋତଲ କପ୍ ସିରଫ ଜବତ କରିବା ସହ ଏନ୍‌ଡିପିଏସ୍ ୨୧-ସି ଦଫାରେ ଦୁଇଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସ୍‌ସିପି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ମଙ୍ଗଳବାର ୯ଟା ବେଳେ ନିର୍ଦ୍ଦିଷ୍ଟ ସୂଚନା ମିଳିଥିଲା ଜାଗମରାର ଶରତ ପାଟଲାସିଂ ତା'ଭାଇ ସୁକାନ୍ତ ପାଲଟାସିଂ ଏକ ସ୍କୁଟରରେ ବିପୁଳ ପରିମାଣର କପ୍ ସିରଫ ନେଇ କାରବାର କରିବାକୁ ଯାଉଛନ୍ତି । ଖବର ପାଇବା ପରେ ଖଣ୍ଡଗିରି ଥାନାର ଏକ ଟିମ୍ ତାଙ୍କୁ ପିଛା କରି ବିଏମ୍‌ସି ଟଏଲେଟ ପାଖରେ ମାଡି ବସିଥିଲା । ତାଙ୍କ ସ୍କୁଟରରୁ ୬୧ ବୋତଲ କପ୍ ସିରଫ ଜବତ କରାଯିବା ସହ ଦୁଇଭାଇଙ୍କୁ ଏନ୍‌ଡିପିଏସ୍ ଦଫାରେ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଏନ୍‌ଡିପିଏସ୍ ଦଫାରେ ଦୁଇଭାଇ ଗିରଫ ହେବାର କାରଣ ଜବତ ହୋଇଥିବା କପ୍ ସିରଫରେ ନାର୍କୋଟିକ୍ସ ମିଶି ରହୁଛି । ସେଥିପାଇଁ ସେହି କପ୍ ସିରଫକୁ ନିଷିଦ୍ଧ ଘୋଷଣା କରାଯାଇଛି । ଏହି କପ୍ ସିରଫ ନିଶାଡିମାନଙ୍କ ପାଇଁ ଚୋରାରେ କାରବାର ହେଉଛି । ଏହାର ବିକ୍ରି ବୈଧତା ନଥିବାରୁ ରୋଗୀମାନେ ଖାଇବା ପାଇଁ ଡାକ୍ତର ଲେଖନ୍ତି ବୋଲି ଏସିପି କହିଛନ୍ତି ।

## କବାଟ ଭାଙ୍ଗି ଲୁଟ

ଟାଙ୍ଗୀ,(ସବ୍ୟୁ) : ଟାଙ୍ଗୀ ଥାନା ଅଧିନସ୍ଥ ରତନପୁର ଗ୍ରାମପଞ୍ଚାୟତ ବଧିସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଲୁଟେରା କଳାକନା ବୁଲେଇ ଦେଇଥିବା ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡିଛି। ଦୃର୍ବୃତ୍ତମାନେ ଗ୍ରାମର ପ୍ରଶାନ୍ତ ନାୟକଙ୍କ ଘରେ ପଶି ସୁନା, ରୁପା ଅଳଙ୍କାର ସହ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେଇଛନ୍ତି ଏନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ରାତିରେ ପ୍ରଶାନ୍ତଙ୍କ ଘରେ ତାଙ୍କ ସ୍ତ୍ରୀ, ତାଙ୍କ ମାଆ ଓ ପିଲାମାନେ ଶୋଇଥିବାବେଳେ ଏହାର ସୁଯୋଗ ନେଇ ଦୃର୍ବୃତ୍ତ ମାନେ କବାଟ ଭାଙ୍ଗି ଘରେ ପଶି କଳାକନା ବୁଲାଇଛନ୍ତି । ନଗଦଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ରୁପା ଅଳଙ୍କାର ସବୁ ଦୃର୍ବୃତ୍ତମାନେ ଚୋରିକରି ନେଇଯାଇଛନ୍ତି ।ଏନେଇ ପ୍ରଶାନ୍ତ ନାୟକଙ୍କ ପତ୍ନୀ ସୀତା ନାୟକ ଟାଙ୍ଗୀ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି

# କେନ୍ଦ୍ରକୁ ଯିବେ ଆଶିଷ ଠାକରେ

ଭୁବନେଶ୍ୱର, (ସବ୍ୟୁ) : ଓଡିଶା କ୍ୟାଡରର ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ଆଶିଷ ଠାକରେ କେନ୍ଦ୍ରୀୟ ଡପୁଟେସନରେ ଯିବେ । ୫ ବର୍ଷ ଲାଗି ତାଙ୍କର କେନ୍ଦ୍ରୀୟ ଡେପୁଟେସନକୁ କନ୍ଦ୍ର ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଅନୁମୋଦନ କରିଛନ୍ତି। ଏବେ ସେ ରାଜସ୍ୱ ବୋର୍ଡର ସଚ଼ିବ ଭାବେ କାର୍ଯ୍ୟରତ। ଶ୍ରୀ ଠାକରେଙ୍କୁ କେନ୍ଦ୍ର ସାମାଜିକ ଭିନ୍ନକ୍ଷମ ଓ ସଶକ୍ତିକରଣ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ୩ ସପ୍ତାହ ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ କେନ୍ଦ୍ର ସରକାରଙ୍କ କାର୍ମିକ ବିଭାଗ ପକ୍ଷରୁ ମୁଖ୍ୟ ସଚ଼ିବଙ୍କୁ ଚ଼ିଠି ଲେଖି ଅବଗତ କରାଯାଇଛି । ଶ୍ରୀ ଠାକରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି ।

## କ୍ରମ୍ପଟନ୍‌ର ସାଇଲେଣ୍ଟ ପ୍ରୋ ଫ୍ଲାଇଡୋ ୱେଭ୍ ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଇଣ୍ଟେରିୟର ଦିବସ ଅବସରରେ, ଭାରତର ନମ୍ବର ୧ ଫ୍ୟାନ୍ ବ୍ରାଣ୍ଡ, କ୍ରମ୍ପଟନ୍ ଗ୍ରିଭ୍ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍, ସାଇଲେଂଟ ପ୍ରୋ ଫ୍ଲାଇଡୋ ୱେଭ୍ ଶୁଭାରମ୍ଭ କରିଛି । ଏହାର ନୂତନ ଉଦ୍ଭାବନ ଯାହା ଭବିଷ୍ୟତ ଉପଯୋଗୀ ଡିଜାଇନ୍ ସହିତ ଉଚ୍ଚ କାର୍ଯ୍ୟଦକ୍ଷତାକୁ ମିଶ୍ରଣ କରେ । ଏହି ଶୁଭାରମ୍ଭ ସହିତ, କ୍ରମ୍ପଟନ୍ ସିଲିଂ ଫ୍ୟାନ ଏକ ନୂତନ ଯୁଗକୁ ଚିହ୍ନିତ କରିଛି ଯେଉଁଠାରେ ଫର୍ମ କାର୍ଯ୍ୟଦକ୍ଷତା ସହିତ ମେଳ ଖାଏ, ଏବଂ ଡିଜାଇନ୍ କାର୍ଯ୍ୟଦକ୍ଷତା ସହିତ ସମନ୍ୱିତ ହୁଏ । କ୍ରମ୍ପଟନ୍ ଏକ କାର୍ଯ୍ୟକ୍ଷମ ଉତ୍ପାଦକୁ କାରିଗରୀ କୌଶଳ ସହିତ ପ୍ରସ୍ତୁତ କରିଛି। ଏହାକୁ ଏକ ଡିଜାଇନ୍ ମାଷ୍ଟରପିସରେ ପରିଣତ କରି ଘର ଡିଜାଇନ୍ ପାଇଁ ଆବଶ୍ୟକୀୟ ଜିନିଷଗୁଡ଼ିକୁ ପୁନଃପରିଭାଷିତ କରୁଛି। ଆଜିର ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଷ୍ଟାଇଲକୁ ପ୍ରତିଫଳିତ କରୁଥିବା ଘର ଡିଜାଇନ୍ କରିବାରେ ଗଭୀର ଭାବରେ ନିବେଶ କରିବାକୁ ଚାହାଁନ୍ତି, ପ୍ରାୟତଃ ସର୍ବନିମ୍ନ ଏବଂ ସମସାମୟିକ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତି। ସେମାନେ ଏକ ସମନ୍ୱିତ ଏବଂ ଦୃଶ୍ୟମାନ ଆନନ୍ଦଦାୟକ ସ୍ଥାନ ବଜାୟ ରଖିବା ପାଇଁ ସାଜସଜ୍ଜାର ପ୍ରତ୍ୟେକ ଉପାଦାନକୁ ସଂଗ୍ରହ କରନ୍ତି ।

## ଗାଡ଼ିରେ ଭିଏଲ୍‌ଟିଡି ଲଗାଇବାରେ ବ୍ୟାପକ ଘୋଟାଲା

# ସ୍ୱତନ୍ତ୍ର ଅଡିଟ୍ ନାଁରେ ଦୋଷୀଙ୍କୁ ଘୋଡାଉଛି ରାଜ୍ୟ ପରିବହନ ପ୍ରାଧିକରଣ

କଟକ,(ସବ୍ୟୁ): ଗାଡ଼ିରେ ଭେଇକିଲ୍ ଲୋକେସେନ୍ ଟ୍ରାକିଂ ଡିଭାଇସ୍ (ଭିଏଲ୍‌ଟିଡି) ଲଗାଇବାରେ ବିରାଟ ଘୋଟାଲା ହୋଇଛି । ଏନେଇ ଖୋଦ୍ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍ଟିଏ) ସ୍ୱୀକାର ମଧ୍ୟ କରିସାରିଛି । କିନ୍ତୁ ଏହାସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଦାୟୀ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି ।

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ୨୦୨୪ ଜାନୁଆରୀ ପହିଲାରୁ କେବଳ ଦୁଇଚକିଆ ଓ ତିନି ଚକିଆ ଗାଡ଼ି ବ୍ୟତୀତ ଅନ୍ୟ ସମସ୍ତ ଗାଡ଼ିରେ ଭିଏଲ୍‌ଟିଡି ଲାଗିବା କାର୍ଯ୍ୟ ଆରମ୍ଭ ହୋଇଛି । ସମସ୍ତ ଭାରୀଯାନ ବିଶେଷ କରି ଯାତ୍ରୀବାହୀ ଗାଡ଼ିରେ ଭିଏଲ୍‌ଟିଡି ଓ ପାନିକ୍ ବଟନ ଲଗାଇବା ବାଧ୍ୟତାମୂଳକ କରାଯାଇଛି । ପୁନର୍ବାର ୨୦୨୪ ଅକ୍ଟୋବର ପହିଲାରୁ ପୁରୁଣା ଗାଡ଼ିରେ ବି ଏହି ଡିଭାଇସ ଲାଗିବ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ । ଭିଏଲ୍‌ଟିଡି ଦ୍ୱାରା ଗାଡ଼ି କେଉଁଠି ଅଟକିଲା, କେଉଁ ରୁଟ୍‌ରେ ଯାଉଛି, କେତେ ବେଗରେ ଯାଉଛି ତାହା ଗାଡ଼ିର ମାଲିକ ଏବଂ ପରିବହନ କାର୍ଯ୍ୟାଳୟ ଅଧିକାରୀମାନେ ଜାଣିପାରିବେ । ସେହିପରି ଗାଡ଼ିରେ ହଠାତ୍ କୌଣସି ବିପଦ ଦେଖାଦେଲେ ବା ଯାତ୍ରୀଙ୍କୁ କୌଣସି ସମସ୍ୟା ହେଲେ ଏହି ବଟନ୍ ଟିପିଲେ ଯେଉଁ ଅଞ୍ଚଳ ଦେଇ ଗାଡ଼ି ଯାଉଥିବ ସେହି ଅଞ୍ଚଳ ଥାନାର ସାଇରନ୍ ତୁରନ୍ତ ବାଜିଉଠିବ । ଫଳରେ ପୁଲିସ୍ ଉକ୍ତ ଗାଡ଼ି ପାଖରେ ପହଞ୍ଚି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇପାରିବ ।

ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶ ପରେ ଅନେକ ଗାଡ଼ି ମାଲିକ ସେମାନଙ୍କ ଗାଡ଼ିରେ ୧୦ରୁ ୧୨ହଜାର ଟଙ୍କା ଖର୍ଚ୍ଚ କରି ଏହି ଡିଭାଇସ୍ ଲଗାଇଲେ । କିନ୍ତୁ ଏହି ଡିଭାଇସ୍‌ରେ ଯାବତୀୟ ବିଭ୍ରାଟ ଦେଖିବାକୁ ମିଳିଥିଲା । ଭିଏଲ୍‌ଟିଡି ଲଗାଇବା ପୂର୍ବରୁ ତାହାକୁ ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍ଭିଆଇ)ମାନେ ଯାଞ୍ଚ କରିବା କଥା । କିନ୍ତୁ କେତେକ ଗାଡ଼ିରେ ଏମ୍ଭିଆଇଙ୍କ ଯାଞ୍ଚ ବିନା ଓ ଆଉ କେଉଁଠି କେବଳ କାଗଜପତ୍ରରେ ଏହି ଡିଭାଇସ ଲଗାଯାଇଥିବା ନେଇ ଅଭିଯୋଗ ଆସିଥିଲା । ବିଶେଷକରି ରାଜ୍ୟର ଭୁବନେଶ୍ୱର-୧, ଚଣ୍ଡିଖୋଲ, କେନ୍ଦ୍ରାପଡ଼ା, ଅନୁଗୁଳ, ଝାରସୁଗୁଡ଼ା ଆଦି ଆରଟିଓଙ୍କ ଅଧୀନରେ ଭିଏଲ୍‌ଟିଡି ଲଗାଇବାରେ ବେଶୀ ଘୋଟାଲା ହୋଇଥିବାର ଅଭିଯୋଗ ହୋଇଛି । କେବଳ ସେତିକି ନୁହେଁ ନିୟମ ଅନୁଯାୟୀ ଗୋଟେ ଗାଡ଼ିରେ ଏହି ଟ୍ରାକିଂ ଡିଭାଇସ୍ ଲାଗିଲେ ଏହାକୁ ଦୁଇବର୍ଷ ପାଇଁ ରିଚାର୍ଜ କରାଯାଇଥାଏ । ଏଥିରେ ଦୁଇଟି ସିମ୍ ପଡ଼ିଥାଏ । ଦୁଇଟି ଯାକ ସିମ୍ ଦୁଇବର୍ଷ ପାଇଁ ରିଚାର୍ଜ କରି ପ୍ରସ୍ତୁତକାରୀ କମ୍ପାନୀ ପ୍ରଦାନ କରିବ ବୋଲି ଚୁକ୍ତିରେ କୁହାଯାଇଛି । କିନ୍ତୁ କମ୍ପାନି ଦୁଇଟି ପରିବର୍ତ୍ତେ ଗୋଟିଏ ସିମ୍ ପକାଉଛନ୍ତି । ଆହୁରି ମଧ୍ୟ ଦୁଇବର୍ଷର ଏହି ରିଚାର୍ଜ ଅବଧିକୁ ୬/୮ମାସକୁ ମଧ୍ୟ ହ୍ରାସ କରିଦିଆଯାଉଛି । ଅର୍ଥାତ ଡିଭାଇସ୍ ଲାଗିଥିଲେ ମଧ୍ୟ ରିଚାର୍ଜ ହୋଇନଥିବାରୁ ଏହା କାର୍ଯ୍ୟକ୍ଷମ ହେଉନାହିଁ । ଏପରିକି ୩୨ଟି କମ୍ପାନୀକୁ ଓଡ଼ିଶାରେ ଏହି କାମ ଦିଆଯାଇଥିବାବେଳେ ସେଥିରେ କଳା ତାଲିକାଭୁକ୍ତ କିଛି କମ୍ପାନୀ ଥିବା ଅଭିଯୋଗ ହୋଇଥିଲା । ଭିଏଲଟିଡି ଲଗାଇବାରେ ବେଶୀ ଘୋଟାଲା ହୋଇଥିବାର ଅଭିଯୋଗ ହୋଇଛି ।

ଏଭଳି ମାଳମାଳ ଅଭିଯୋଗ ଆସିବା ପରେ ପ୍ରାୟ ଦୁଇମାସ ତଳେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ୍ୟ ବସିଥିଲା । ଅଭିଯୋଗର ସତ୍ୟତା ଥିବାରୁ ପ୍ରସ୍ତୁତକାରୀ କମ୍ପାନୀମାନଙ୍କୁ ଡିଭାଇସ୍ ଠିକ୍ ଭାବେ ଯେମିତି କାର୍ଯ୍ୟ କରିବ ସେଥିପାଇଁ ପଦକ୍ଷେପ ନେବାକୁ ଏସ୍‌ଟିଏ ନିର୍ଦ୍ଦେଶ ଦେଇଥିଲା । ଏଥିସହ ଏହି ଘଟଣାର ସ୍ୱତନ୍ତ୍ର ଅଡିଟ୍ କରାଯାଉଛି ବୋଲି ଏସ୍‌ଟିଏ ପକ୍ଷରୁ କୁହାଯାଇଛି । କିନ୍ତୁ ସ୍ୱତନ୍ତ୍ର ଅଡିଟ୍ ନାଁରେ କେବଳ ପ୍ରହସନ ଚାଲିଛି । ଯେତେବେଳେ ପ୍ରଥମେ ଓଡ଼ିଶାରେ ଏହି ଡିଭାଇସ ଲାଗିବା ଆରମ୍ଭ ହେଲା ସେତେବେଳେ କିଛି କମ୍ପାନୀଙ୍କୁ ଅନୁକମ୍ପା ଦେଖାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଏପରିକି କିଛି ହୋଟେଲ୍‌ରେ ଡିଲ୍ ହେଉଥିବାର ଫଟୋ ଏବଂ ଭିଡିଓ ମଧ୍ୟ ସେତେବେଳେ ପ୍ରଘଟ ହୋଇଥିଲା । ଏହି ଅଭିଯୋଗ ଆସିବା ପରେ ଏସ୍‌ଟିଏ ଏହି ଘଟଣାର ସ୍ୱତନ୍ତ୍ର ଅଡିଟ୍ କରାଯିବ ବୋଲି କହିଥିଲା । ଏହି ଘଟଣାକୁ ପ୍ରାୟ ଦୁଇବର୍ଷ ବିତିଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଅଡିଟ୍‌ର ଫଳ କ'ଣ ଆସିଲା ତାହା କେବଳ ଏସ୍‌ଟିଏକୁ ଜଣା । ଏବେ ପୁନର୍ବାର ଭିଏଲ୍‌ଟିଡି ଲଗାଇବାରେ ଘୋଟାଲା ହୋଇଥିବାର ଅଭିଯୋଗ ଆସିବା ପରେ ଏସ୍‌ଟିଏ ସେଇ ପୁରୁଣା ଫର୍ମୁଲା ପକାଇ ଦୋଷକୁ ଲୁଚାଇବାକୁ ଉଦ୍ୟମ ଆରମ୍ଭ କରିଛି ବୋଲି ଟ୍ରକ୍ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ଏହି ବାଟରେ ଏସ୍‌ଟିଏ କେବଳ ଘଟଣାରେ ସମ୍ପୃକ୍ତ ଏମଭିଆଇ ମାନଙ୍କୁ ସୁରକ୍ଷା ଯୋଗାଇ ଦେଉନାହିଁ ବରଂ ଯେଉଁ କମ୍ପାନୀଗୁଡ଼ିକ, ଭିଏଲ୍‌ଟିଡି ଲଗାଇବାରେ ବ୍ୟାପକ ଜାଲିଆତି କରିଛନ୍ତି ସେମାନଙ୍କୁ ମଧ୍ୟ ଖସାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି ସେମାନେ କହିଛନ୍ତି । ଏହି ଘଟଣାର ସ୍ୱତନ୍ତ୍ର ଅଡିଟି କରାଯାଉଛି ବୋଲି କହିଦେଇ ଏସ୍‌ଟିଏ ହାତବାନ୍ଧି ବସିଯାଇଛି । ଫଳରେ ଏହିଭଳି କାର୍ଯ୍ୟ କରିଥିବା ଅଧିକାରୀମାନେ ନିର୍ଭୟରେ ବସିଥିଲାବେଳେ ଏଭଳି କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ମଧ୍ୟ ନିଶ୍ଚିନ୍ତରେ ସେମାନଙ୍କ କାରବାର ଚଲାଇ ରଖିଛନ୍ତି । ତଦନ୍ତ ନାଁରେ କେବଳ ପ୍ରହସନ ଚାଲିଛି ବୋଲି କୁହାଯାଉଛି ।

## ଆରମ୍ଭ ହେଲା 'ଶୂନ ଦୁର୍ଘଟଣା ଦିବସ'

# ନିୟମ ପାଳନ କରନ୍ତୁ, ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନିଶ୍ଚିତ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଦୁର୍ଘଟଣା କେବଳ ପରିବାର କି ରାଜ୍ୟ ନୁହେଁ ସମଗ୍ର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ । ଏହା କୌଣସି ବ୍ୟକ୍ତିଗତ କ୍ଷତି ନୁହେଁ ବରଂ ସାମଗ୍ରୀକ କ୍ଷତି । ତେଣୁ ମୋର ସମସ୍ତଙ୍କୁ ଅନୁରୋଧ, ଘରୁ ବାହରିବାଠୁଁ ନେଇ ଫେରିବା ପର୍ଯ୍ୟନ୍ତ ସଡ଼କର ସମସ୍ତ ନିୟମ ସଠିକ୍ ଭାବେ ପାଳନ କରନ୍ତୁ ଓ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନିଶ୍ଚିତ କରନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୂନ ଦୁର୍ଘଟଣା ଦିବସର ଶୁଭାରମ୍ଭ ଅବସରରେ ଉଦବୋଧନ ଦେଇ କହିଛନ୍ତି । ସଡ଼କରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସୁରକ୍ଷିତ ଜୀବନ ପାଇଁ ଏକ ସାମୂହିକ ପ୍ରତିବଦ୍ଧତାର ସଂକଳ୍ପ ସ୍ୱରୂପ ଆଇଆଇଟି ମାଡ୍ରାସ୍‌ର ସହଯୋଗରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ଜୁନ ୨୮ ତାରିଖ ପର୍ଯ୍ୟନ୍ତ 'ଶୂନ ଦୁର୍ଘଟଣା ଦିବସ' ।

ଲୋକସେବା ଭବନ କନଭେନ୍ସନ୍ ସେଣ୍ଟର ଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଶୂନ ଦୁର୍ଘଟଣା ଦିବସ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ସାରା ଭାରତରେ ଦୁର୍ଘଟଣା ଜନିତ ମୃତ୍ୟୁ ବହୁତ ବଡ଼ ସମସ୍ୟା ଭାବେ ଦେଖାଦେଇଛି । ଆମ ଦେଶରେ ଦୁର୍ଘଟଣା ବଶତଃ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ୭୫.୨ ପ୍ରତିଶତ କାରଣ ହେଉଛି ଦ୍ରୁତ ଗତିରେ ଗାଡ଼ି ଚାଳନା । ଗାଡ଼ି ଚାଳନାର ଗୋଲଡେନ୍ ରୁଲ ଦ୍ରୁତ ଗତି ଆନନ୍ଦ ଦିଏ କିନ୍ତୁ ଜୀବନ ନିଏ ଏହା ଚାଳକମାନେ ଭୁଲି ଯାଉଛନ୍ତି । ଏଥି ସହିତ ଭୁଲ ପାର୍ଶ୍ୱରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚାଳନା ଓ ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଯୋଗୁଁ ଦୁର୍ଘଟଣା ଜନିତ ମୃତ୍ୟୁ ମଧ ଘଟୁଛି । ଏ ସବୁ ବିଷୟରେ ସତର୍କ ରହିବା ଏବଂ ଏସବୁ ଭୁଲରୁ ଦୂରେଇ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୪ କୋଟି ଟଙ୍କା ବିନିଯୋଗରେ ସୋନପୁର, ଚଣ୍ଡୀଖୋଲ, ଭଞ୍ଜନଗର, ମୟୁରଭଞ୍ଜ, ରାଇରଙ୍ଗପୁର, ବଲାଙ୍ଗୀର, ତାଳଚେର, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର ଓ ଦେବଗଡ଼ରେ ୧୧ ଟି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷଣ ବ୍ୟବସ୍ଥା (ଏଡିଟିଏସ୍)ର ଶୁଭାରମ୍ଭ କରିଥିଲେ । ଏଥି ସହିତ ୨୧୫ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ଡ୍ରାଇଭିଂ ଇଲେକ୍‌ଟ୍ରୋନିକ୍ ଏନଫୋର୍ସମେଣ୍ଟ ଟୁ ସେଭ ହ୍ୟୁମାନ୍ ଲାଇଭ୍ସ ବା ଦିଶା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିଥିଲେ । ଏହା ରାଜ୍ୟର ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥର ୪୮୫ କିଲୋମିଟର ଅଞ୍ଚଳରେ କାର୍ଯ୍ୟକ୍ଷମ ହେବ । ଏହା ସହିତ ୧୦୦୭ କିଲୋମିଟର ଅଞ୍ଚଳରେ ଏହି ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ ପାଇଁ ଶିଳାନ୍ୟାସ ମଧ କରାଯାଇଛି । ଏହି ବ୍ୟବସ୍ଥା ଫଳରେ ସଡ଼କ ସୁରକ୍ଷା ନିୟମ ପାଳନ କରୁନଥିବା ଚାଳକଙ୍କ ବିରୁଦ୍ଧରେ ସ୍ୱୟଂକ୍ରିୟ ପ୍ରଣାଳୀରେ ଇ-ଚାଲାଣ କଟିବ । ଯାଜପୁର ଜିଲ୍ଲାରେ ଦ୍ୱିତୀୟ ପଞ୍ଜୀକୃତ ଯାନ ସ୍କ୍ରାପିଂ କେନ୍ଦ୍ର ମଧ ଉଦ୍‌ଘାଟିତ ହୋଇଛି ।

କଟକ ଠାରେ ରାଜ୍ୟର ପ୍ରଥମ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ରର ଶୁଭାରମ୍ଭ ସହିତ ଆହୁରି ୨୦ଟି ସ୍ଥାନରେ ଏହି କେନ୍ଦ୍ର ସ୍ଥାପନ ପାଇଁ ଶିଳାନ୍ୟାସ କରାଯାଇଛି । ଏଥିପାଇଁ ୨୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ୨୭.୩ କୋଟି ଟଙ୍କା ବ୍ୟୟରେ ପୁରୀରୁ ଅଯୋଧ୍ୟା, ତିରୁପତୀ, ଉଜ୍ଜୈନ, ହାଇଦ୍ରାବାଦ, ଭିଲାଇ, ଭୁବନେଶ୍ୱରରୁ ବିଶାଖାପାଟଣା, ଭବାନୀପାଟଣାରୁ ହାଇଦ୍ରାବାଦ ଏବଂ ରାଇଘରରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ୧୫ ଟି ସୁପର ପ୍ରିମିୟମ୍ ଭୋଲଭୋ ବସ୍ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଥିଲେ । ଭଦ୍ରକ ଜିଲ୍ଲାର ବାସୁଦେବପୁର ଓ ଧାମରା ଏବଂ ବାଲେଶ୍ୱର ଜିଲ୍ଲା ବସ୍ତା ଠାରେ ନିର୍ମିତ ଅଟଳ ବସ୍‌ଷ୍ଟାଣ୍ଡକୁ ମଧ ଶୁଭାରମ୍ଭ କରିବା ସହିତ ଓଏସ୍‌ଆରଟିସିରର ସମନ୍ୱିତ ପରିବହନ ପରିଚାଳନା ବ୍ୟବସ୍ଥା ଏବଂ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର ଲୋକାର୍ପଣ କରିଥିଲେ । ପ୍ରାୟ ୫୭୫.୭୭ କୋଟି ଟଙ୍କା ମୂଲ୍ୟର ସଡ଼କ ସୁରକ୍ଷା ସମ୍ପର୍କିତ ୫୫ଟି କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଆଜି ଶୁଭାରମ୍ଭ ହୋଇଛି । ଶେଷରେ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ପାଇଁ ଆହ୍ୱାନ ଦେଇ ସୁରକ୍ଷିତ ଭାବେ ଗାଡ଼ି ଚାଳନା କରିବା ପାଇଁ କହିଥିଲେ । ସଡକ ସୁରକ୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ ବକ୍ତବ୍ୟ ରଖିଥିଲେ । ଶୂନ ଦୁର୍ଘଟଣା ଦିବସ ପାଳନର ବ୍ରାଣ୍ଡ ଆମ୍ବାସଡର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସଡ଼କ ସୁରକ୍ଷା ସମ୍ବନ୍ଧିତ ସଚେତନତା ବାର୍ତ୍ତା ଦେଇଥିଲେ । ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇ ଜୀବନ ରକ୍ଷା କରିଥିବାରୁ ଅବିନାଶ ପାଣିଗ୍ରାହୀ, ବିଶ୍ୱରଞ୍ଜନ ପାଢ଼ୀ, ପଞ୍ଚାନନ ଦାସ, ଶ୍ରୀନିବାସ ବେହେରା ଓ ସବିତା ରାଣୀ ପରିଡ଼ାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରିବହନ କମିଶନର ଅମିତାଭ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ ।




**୫୭୫.୭୭ କୋଟି ଟଙ୍କାର ସଡ଼କ ସୁରକ୍ଷା ସମ୍ପର୍କିତ ୫୫ଟି କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଶୁଭାରମ୍ଭ**

## ଟ୍ରାଫିକ୍ ପୋଷ୍ଟ ନିକଟରେ ଲାଗିବ ତୁଳସୀ

ଭୁବନେଶ୍ୱର(ସବ୍ୟୁ): ଟ୍ରାଫିକ ପୋଷ୍ଟ ନିକଟରେ ଥିବା ଡିଭାଇଡରରେ ତୁଳସୀ ଗଛ ଲଗିବ । ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି ।

ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ସବୁ ଟ୍ରାଫିକ ପୋଷ୍ଟ ନିକଟସ୍ଥ ଡିଭାଇଡରରେ ଲଗାଅ ତୁଳସୀ ଗଛ । ଫଳରେ ଟ୍ରାଫିକ ପୋଷ୍ଟରେ ଅଟକୁଥିବା ଯାତ୍ରୀମାନେ ଭଲ ଅକ୍ସିଜେନ୍ ପାଇପାରିବେ । ତୁଳସୀ ଗଛ ଭଲ ଅକ୍ସିଜେନ ଦେଇଥାଏ । ଏବେ ଆମ ପାଇଁ ଅକ୍ସିଜେନ କମି କମି ଚାଲିଛି । ତେଣୁ ତୁଳସୀ ଗଛ ଲାଗିଲେ, ଲୋକେ ଅଧିକ ଅକ୍ସିଜେନ ପାଇପାରିବେ ।

ତୁଳସୀ ସର୍ବଶ୍ରେଷ୍ଠ । ତୁଳସୀ ଲାଗିଲେ ବାୟୁରେ ଅମ୍ଳଜାନ ମାତ୍ରା ଅଧିକ ରହିବ । ବର୍ଷ ପୂର୍ତ୍ତି ଅବସରରେ ଗୋଟିଏ ସମୟରେ ହଜାର ହଜାର ଗଛ ଲଗାଇବାର ପରିକଳ୍ପନା କରାଯାଇଛି । ସବୁ ପୌରାଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛ । ଏପରିକି ଅଁଳା ଓ ସଜନା ଗଛ ସମେତ ବାରମାସୀ ଶାଗ ଗଛ ବି ଲଗାଯିବ । 'ମା ପାଇଁ ଗଛଟିଏ' ଆହ୍ୱାନରେ ବୃକ୍ଷରୋପଣ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

## ୨୮ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମିବାଡି କାରବାରରେ ୨୮ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ସଚିଦାନନ୍ଦ ଚିନ୍ତାମଣି ବେହେରାଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିବା ସହ କୋର୍ଟଚାଲାଣ କରିଛି ।



ରସୁଲଗଡର ଜଣେ ବ୍ୟକ୍ତିଙ୍କ ଠାରୁ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ତାଙ୍କ ଜମିକୁ ଚିନ୍ତାମଣି କିଣିଥିଲେ । ଜମିର ମୂଲ୍ୟ ଅନୁଯାୟୀ କିଛି ଟଙ୍କା ଦେବା ପରେ ଜମି ମାଲିକ ଜମି ରେଜେଷ୍ଟ୍ରି କରିଦେଇଥିଲେ । ଅବଶିଷ୍ଟ ଟଙ୍କା ମାଗି ମାଗି ସେ ଦେଇନଥିଲେ । ଜମି ମାଲିକ ଜିଦ୍ କରିବାରୁ ସେ ଏକ ଚେକ୍ ଦେଇଥିଲେ । ୨୦୨୦ ମସିହାରେ ଚେକ୍ ଦେଇଥିବା ବେଳେ ନିର୍ଦ୍ଧାରିତ ସମୟ ଅନୁଯାୟୀ ବ୍ୟାଙ୍କରେ ଚେକ୍ ଲଗାଇବା ପରେ ତାହା ବ୍ରାଉନ୍ସ କରିଥିଲା ।

ଚେକ୍ ବାଉନ୍ସ ହେବା ପରେ ଚିନ୍ତାମଣିଙ୍କୁ ଜମି ମାଲିକ ପୁଣି ଟଙ୍କା ମାଗିଥିଲେ । ହଁ ଟଙ୍କା ଦେଇଦେବି କହି ଦିନ ଗଡାଇ ଚାଲିଲା । ଏହିପରି ସାଢେ ୪ବର୍ଷ ବିତିଯିବା ପରେ ୨ମାସ ତଳେ ଜମି ମାଲିକ କୋର୍ଟରେ କେସ୍ କରିଥିଲେ । କେସ୍ ଅନୁଯାୟୀ କୋର୍ଟ ଚିନ୍ତାମଣି ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ । ଭରତପୁର ଥାନା ପୋଲିସ ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ସଚ୍ଚିଦାନନ୍ଦ ଚିନ୍ତାମଣି ବେହେରାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଗୋରୁବୋଝେଇ ଗାଡ଼ି ଛାଡ଼ି ଚାଳକ ଫେରାର

ବାରଙ୍ଗ,(ସବ୍ୟୁ) : ମୁଣ୍ଡଳୀ ବ୍ୟାରେଜ ଛକରୁ ମଙ୍ଗଳବାର ସକାଳୁ ଏକ ଗୋରୁ ବୋଝେଇ ଗାଡ଼ିକୁ ଗୋଡ଼ିସାହି ଫାଣ୍ଡି ପୁଲିସ ଜବତ କରିଛି। ସୂଚନାଯୋଗ୍ୟଯେ, ଆଠଗଡ଼ରୁ ଓଡି ୦୫ଏପି ୫୮୧୨ ନମ୍ବର ଏକ ଗୋରୁବୋଝେଇ ପିକ୍‌ଅପଭ୍ୟାନଟି ମୁଣ୍ଡଳୀ ବ୍ୟାରେଜ ଦେଇ କଟକ ଆଡେ ଯାଉଥିଲା। ଏ ସଂକ୍ରାନ୍ତରେ ଖବର ପାଇ ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳେ ରାସ୍ତାରେ ଜଗି ରହିଥିଲେ। ପୋଲିସ ଗାଡ଼ିଟିକୁ ରୋକିବା ପାଇଁ ଚେଷ୍ଟା କରିବା ବେଳେ ପୋଲିସକୁଦେଖି କିଛି ଦୁରରୁ ଗାଡ଼ିଛାଡି ଚାଳକ ଓ ତାର ସହଯୋଗୀମାନେ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରୁ ପୋଲିସ ପିକ୍‌ଅପଭ୍ୟାନକୁ ଜବତ କରିଥିବା ସହ ୫ଟି ଗୋରୁକୁ ଉଦ୍ଧାର କରିଛି। ଉଦ୍ଧାର କରାଯାଇଥିବା ଗୋରୁମାନଙ୍କୁ ଖୋର୍ଦ୍ଧାଜିଲ୍ଲା କୁଜିମହଲରେ ଥିବା ଗୋଶାଳାରେ ଛଡ଼ାଯାଇଥିବା ଫାଣ୍ଡି ପକ୍ଷରୁ ସୂଚନା ଦିଆଯାଇଛି।

## ମେସିନ ସହ ମୋରମ ବୋଝେଇ ହାଇୱା ଜବତ: ଜଣେ ଅଟକ

ବାରଙ୍ଗ ,(ସବ୍ୟୁ) : ସୋମବାର ରାତିରେ ଗୋଡିସାହି ଫାଣ୍ଡି ପୋଲିସ ବେଆଇନ ଭାବେ ମୋରମଚୋରା ଚାଲାଣ ହେଉଥିବା ୩ଟି ମୋରମ ବୋଝେଇ ହାଇୱା, ଗୋଟିଏ ମେସିନକୁ ଜବତ କରିବା ସହ ଜଣଙ୍କୁ ଅଟକ ରଖିଛି। ପ୍ରକାଶଯେ, ରାମଦାସପୁର ରାଜସ୍ୱକାର୍ଯ୍ୟାଳୟ ନିକଟସ୍ଥ ଇଡକୋ ଶିଳ୍ପାନୁଷ୍ଠାନ ଭିତରେ ଏକ ଘରୋଇକମ୍ପାନୀ ପରିସରରୁ ବେଆଇନଭାବେ ଖୋଳାଯାଇ ମୋରମ ଚୋରାଚାଲାଣ ହେଉଥିବାର ଗୋଡିସାହି ଫାଣ୍ଡି ପୋଲିସ ପାଖରେ ଖବର ପହଞ୍ଚିଥିଲା। ଫାଣ୍ଡି ଅଧିକାରୀ ବିଚିତ୍ରା ନନ୍ଦ ପ୍ରଧାନ ସଦଳେବଳେ ଘଟଣାସ୍ଥଳରେ ପହଂଚି ୩ଟି ମୋରମ ବୋଝେଇ ହାଇୱା ଓ ମୋରମ ଖୋଳୁଥିବା ଏକ ମେସିନକୁ ଜବତ କରିଥିଲେ। ସେଠାରେ ଥିବା ୮ଜଣ ପୋଲିସକୁ ଦେଖି କୌଶଳକ୍ରମେ ଖସି ପଳାଇଯାଇଥିବ ବେଳେ ଜଣଙ୍କୁ ପୋଲିସ କାବୁ କରିବାରେ ସକ୍ଷମ ହୋଇଥିଲା। ପରେ ପୋଲିସ ଜବତ ଗାଡ଼ି ବିଷୟରେ ଖଣିବିଭାଗକୁ ସୂଚନା ଦେଇଥିବାର ଫାଣ୍ଡି ପକ୍ଷରୁ କୁହାଯାଇଛି।

## ଭିଏତନାମ ଗସ୍ତ ସମୟରେ ଓଡ଼ିଶା-ଦା ନାଙ୍ଗ ସମ୍ପର୍କ ସ୍ଥାପନ ପାଇଁ ପ୍ରସ୍ତାବ ଦେଲେ ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): ଭିଏତନାମକୁ ନିଆଯାଇଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷକୁ (ରେଲିକ୍ସ) ଭାରତ ଫେରାଇ ଆଣିବା ପାଇଁ ଭିଏତନାମ ଗସ୍ତ କରିଥିବା ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓଡ଼ିଶା ଏବଂ ଭିଏତନାମର ଡା-ନାଙ୍ଗ ସିଟି ମଧ୍ୟରେ ପ୍ରଦେଶସ୍ତରୀୟ ସମ୍ପର୍କ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ସୋମବାର ଦିନ ଡା-ନାଙ୍ଗ ପିପୁଲ୍ସ କମିଟିର ଅଧ୍ୟକ୍ଷ ମହାମହିମ ଲେ ଟ୍ରଙ୍ଗ ଚିନ୍‌ହଙ୍କ ସହ ସାକ୍ଷାତ ସମୟରେ ରାଜ୍ୟପାଳ ଏହି ପ୍ରସ୍ତାବ ଦେଇଛନ୍ତି । ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏକ ସମୃଦ୍ଧ ଇତିହାସ, ଦୃଢ଼ ସାଂସ୍କୃତିକ ପରମ୍ପରା ଏବଂ ଦ୍ରୁତ ଆର୍ଥିକ ଅଭିବୃଦ୍ଧିର ରାଜ୍ୟ । ଆମର ଅନେକ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ ସ୍ଥଳ ମଧ ଅଛି । ଯଦି ଡା-ନାଙ୍ଗ ଆଗ୍ରହୀ, ତେବେ ଆମେ ଆମର ଦୁଇ ଅଞ୍ଚଳ ମଧ୍ୟରେ ସମ୍ପର୍କ ସଂସ୍ଥାପନ କରିପାରିବା ।



ରାଜ୍ୟପାଳ ଡା-ନାଙ୍ଗକୁ ଏକ ସୁନ୍ଦର ଏବଂ ଐତିହାସିକ ସହର ଭାବରେ ପ୍ରଶଂସା କରିଛନ୍ତି ଛ ଡା-ନାଙ୍ଗ ଏକ ପ୍ରମୁଖ ବନ୍ଦର, ଉଚ୍ଚ ପ୍ରଯୁକ୍ତିବିଦ୍ୟାର କେନ୍ଦ୍ରବିନ୍ଦୁ, ଅର୍ଥ ଏବଂ ପର୍ଯ୍ୟଟନର କେନ୍ଦ୍ର ହେବାର ଅପାର ସମ୍ଭାବନା ଅଛି ବୋଲି ରାଜ୍ୟପାଳ କହିଛନ୍ତି । ରାଜ୍ୟପାଳ ପୁଣି କହିଛନ୍ତି ଯେ ମଧ ଭିଏତନାମରେ ଏକ ସ୍ପନ୍ଦନଶୀଳ ଉପକୂଳ ସହର ଭାବରେ ଡା-ନାଙ୍ଗର ଅବସ୍ଥିତି ଭାରତ ଏବଂ ଭିଏତନାମ ମଧ୍ୟରେ ଆର୍ଥିକ ଏବଂ ବାଣିଜ୍ୟିକ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

ରାଜ୍ୟପାଳ ଭିଏତନାମ ସରକାର ଏବଂ ଡା-ନାଙ୍ଗର ଲୋକମାନଙ୍କୁ ସେମାନଙ୍କର ଭବ୍ୟ ଆତିଥ୍ୟ ଏବଂ ଭଗବାନ ବୁଦ୍ଧଙ୍କ ପବିତ୍ର କୀର୍ତ୍ତି ପାଇଁ କରାଯାଇଥିବା ଉତ୍କୃଷ୍ଟ ବ୍ୟବସ୍ଥା ନିମନ୍ତେ ଧନ୍ୟବାଦ ଜଣାଇଥିଲେ । ଏହି କୀର୍ତ୍ତି ଏବଂ ଅବଶେଷକୁ ଭାରତ ସରକାର ଯଥୋଚିତ ପ୍ରୋଟୋକଲ ପ୍ରଦାନ କରିଛନ୍ତି ଏବଂ ମୁଁ ବ୍ୟକ୍ତିଗତ ଭାବରେ ଏହି ସବୁକୁ ସାଙ୍ଗରେ ନେଇ ଫେରିବା ପାଇଁ ଯାତ୍ରା କରୁଛି ବୋଲି କହିଥିଲେ । ବୌଦ୍ଧ ଧର୍ମ ପ୍ରାୟ ୧୮୦୦ ବର୍ଷ ଧରି ଭାରତ ଏବଂ ଭିଏତନାମ ମଧ୍ୟରେ ଏକ ଦୃଢ଼ ସଂଯୋଗ ସ୍ଥାପନ କରି ଆସିଛି । ଭାରତ ଏହାର ବୌଦ୍ଧ ଐତିହ୍ୟକୁ ଗୁରୁତ୍ୱ ଦିଏ ଏବଂ ବୌଦ୍ଧ ସ୍ଥଳଗୁଡ଼ିକର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ପ୍ରାଥମିକତା ଦେଇଛି ।

ଭାରତ ଏବଂ ଭିଏତନାମ ମଧ୍ୟରେ ବଢୁଥିବା ସହଭାଗିତା ବିଷୟରେ ରାଜ୍ୟପାଳ ଅବତାରଣା କରିଥିଲେ । ଗତ ବର୍ଷ ଭିଏତନାମର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଏବଂ ୨୦୨୪ରେ ନ୍ୟୁୟର୍କରେ ଭାରତର ପ୍ରଧାନମନ୍ତ୍ରୀ ଏବଂ ଭିଏତନାମ ରାଷ୍ଟ୍ରପତି ଏବଂ ପାର୍ଟି ମହାସଚିବ ଟୋ ଲାମଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ଉଲ୍ଲେଖ କରି ଏହା ଉଭୟ ଦେଶର ସମ୍ପର୍କକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଛି ବୋଲି ରାଜ୍ୟପାଳ କହିଥିଲେ । ବାଣିଜ୍ୟ, ପ୍ରତିରକ୍ଷା, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ଡିଜିଟାଲ୍ ଅର୍ଥନୀତି, ଶିକ୍ଷା ଏବଂ ସ୍ଥାୟୀ ବିକାଶ ଭଳି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବିସ୍ତାରିତ ହେଉଛି ବୋଲି ରାଜ୍ୟପାଳ କହିବା ସହିତ ଯୋଗ, ସାଂସ୍କୃତିକ ବିନିମୟ ଏବଂ ଶୈକ୍ଷିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ଦୂତାବାସ ସହିତ କାମ କରିବାରେ ଡା-ନାଙ୍ଗଙ୍କ ସମର୍ଥନକୁ ପ୍ରଶଂସା କରିଥିଲେ ।

### ଭୁବନେଶ୍ୱରରେ ଜଳ ନିଷ୍କାସନ ପ୍ରସ୍ତୁତି

## ସମୀକ୍ଷା କଲେ ଗୃହ ନିର୍ମାଣ, ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ଭୁବନେଶ୍ୱରରେ ଜଳ ନିଷ୍କାସନ ପରିସ୍ଥିତିର ସମୀକ୍ଷା କରିବା ସହିତ ବାସିନ୍ଦାଙ୍କ ପାଇଁ ଜଳବନ୍ଦୀମୁକ୍ତ ଏବଂ ସୁରକ୍ଷିତ ସହରାଞ୍ଚଳ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛନ୍ତି ।

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କ ସହିତ, ଡକ୍ଟର ମହାପାତ୍ର ବ୍ୟକ୍ତିଗତ ଭାବରେ କ୍ରିଷ୍ଣା ଟାୱାର ନିକଟରେ ଇସ୍କନ୍ ମନ୍ଦିର ସ୍ଥଳ, ଆୟୁର୍ବେଦିକ ହସ୍ପିଟାଲ ନିକଟ କଳିଙ୍ଗ ଷ୍ଟୁଡିଓ ସ୍କୋୟାର, ରାଜୀବ ନଗର, ଭୋଇ ନଗରରେ ଡ୍ରେନ୍ ନମ୍ବର ୯, ଡ୍ରେନ୍ ନମ୍ବର ୪ ଏବଂ ଏକ୍ସପ୍ଲାନେଡ୍ ମଲ୍ ଏବଂ ଦୁର୍ଗା ମଣ୍ଡପ ନିକଟ ବମିଖାଲ ସମେତ ଅନେକ ଜଳବନ୍ଦୀ ଅଞ୍ଚଳ ଯାଞ୍ଚ କରିଛନ୍ତି । ମନ୍ତ୍ରୀ ପ୍ରମୁଖ ଏବଂ ଶାଖା ଡ୍ରେନେଜ୍ ଚ୍ୟାନେଲଗୁଡ଼ିକ ସମୀକ୍ଷା କରିଛନ୍ତି ଏବଂ ସଫେଇ କାର୍ଯ୍ୟରେ ଅବରୋଧ ଏବଂ ବିଳମ୍ବ ଉପରେ ଚିନ୍ତା ପ୍ରକାଶ କରିଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍‌ରୁ ପଙ୍କ ଉଦ୍ଧାର ଏବଂ ସଫା କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ମାନବସମ୍ବଳ ଏବଂ ଯନ୍ତ୍ରପାତି ନିୟୋଜିତ କରିବା ପାଇଁ ସେ ତୁରନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି ।



କ୍ଷେତ୍ର ପରିଦର୍ଶନ ପରେ, ଡକ୍ଟର ମହାପାତ୍ର ରାଜ୍ୟର ସାମଗ୍ରିକ ମୌସୁମୀ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ସମସ୍ତ ୧୧୫ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ସହିତ ଏକ ଭିଡିଓ କନଫରେନ୍ସିଂ କରିଥିଲେ । ମୁଖ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ପରିମଳ, ଡ୍ରେନେଜ୍ ପ୍ରସ୍ତୁତି, ରାଜସ୍ୱ ଆଦାୟ, ହୋଲ୍ଡିଂ ଟିକସ ସଂଗ୍ରହ ଏବଂ ବିଭାଗୀୟ ପଦକ୍ଷେପର ଏକ ବର୍ଷ ପାଳନ ପାଇଁ ପ୍ରସ୍ତୁତି ଯୋଜନା ଅନ୍ତର୍ଭୁକ୍ତ ଥିଲା । ସମୀକ୍ଷା ସମୟରେ, ମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ଜଳବନ୍ଦୀ କିମ୍ବା ଜନସାଧାରଣଙ୍କ ଅସୁବିଧା ପାଇଁ ଯେକୌଣସି ତ୍ରୁଟି କିମ୍ବା ଅବହେଳା କଠୋର କାର୍ଯ୍ୟାନୁଷ୍ଠାନକୁ ଆମନ୍ତ୍ରଣ କରିବ । ମୌସୁମୀ ସମୟରେ ନାଗରିକଙ୍କ ସୁରକ୍ଷା ଏବଂ ସୁବିଧା ଆଲୋଚନାଯୋଗ୍ୟ ନୁହେଁ, ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ପୌରସଂସ୍ଥାଗୁଡିକୁ ବିଭାଗ ଦ୍ୱାରା ଜାରି ମାନକ ମାର୍ଗ ଦର୍ଶିକା କଠୋର ଭାବରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଆବଶ୍ୟକ ସ୍ଥଳେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଅଧିକାରୀମାନେ ସକ୍ରିୟ ରହିବା ସହିତ ଯେକୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ, ବୋଲି ସେ କହିଥିଲେ । ଗୃହ ନିର୍ମାଣଏବଂ ନଗର ଉନ୍ନୟନ ବିଭାଗ ଓଡ଼ିଶାର ସମସ୍ତ ସହରାଞ୍ଚଳ ବାସିନ୍ଦାଙ୍କ ଜୀବନଧାରଣର ଗୁଣବତ୍ତା ଉନ୍ନତ କରିବା ଏବଂ ସହରାଞ୍ଚଳ ବନ୍ୟା ବିପଦକୁ କମ କରିବା ପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମୟୋଚିତ ପଦକ୍ଷେପ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଉଛି । ବୈଠକରେ ପୌର ନିର୍ଦ୍ଦେଶକ ଦେବାଶିଷ ସିଂହ, ଅତରିକ୍ତ ସଚିବ ରବୀନ୍ଦ୍ର ସାହୁ, ସୌରେନ୍ଦ୍ର ରାଉତରାୟ ଓ ଦୁର୍ଗେଶ ନନ୍ଦିନୀ ସାହୁଙ୍କ ସମେତ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

**ମୌସୁମୀ ପୂର୍ବରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ**

# ନିଖୋଜ ନାବାଳିକା, ନାବାଳକ ଉଦ୍ଧାର

### କମ୍ ସମୟରେ ଉଦ୍ଧାର କରିଥିବା ପୋଲିସ ପୁରସ୍କୃତ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରର ଦୁଇଟି ଥାନା ଅଞ୍ଚଳରୁ ନିଖୋଜ ହୋଇଥିବା ଜଣେ ନାବାଳିକା ଓ ଜଣେ ନାବାଳକଙ୍କୁ ପୋଲିସ କମ୍ ସମୟ ମଧ୍ୟରେ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି । ଏ ସମ୍ପର୍କରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଓ ଭୁବନେଶ୍ୱର ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ସୂଚନା ଦେଇଛନ୍ତି । ଉଦ୍ଧାର କାର୍ଯ୍ୟରେ ନିୟୋଜିତ ପୋଲିସଙ୍କୁ କମିଶନର ପୁରସ୍କୃତ କରି ମାନପତ୍ର ଦେଇଛନ୍ତି ।

ମଞ୍ଚେଶ୍ୱର ଥାନା ଅଞ୍ଚଳ ସମେଇଗାଡିଆରେ ରହୁଥିବା ମଧୁସୂଦନ ବେହୁରିଆଙ୍କ ୧୧ବର୍ଷର ଝିଅ ୧ ତାରିଖ ସକାଳ ୯ଟା ବେଳେ ଘରୁ ବଜାରକୁ ମାଛ ପାଇଁ ଯାଇ ଫେରିନଥିଲା । ଖୋଜଖବର କରି ସନ୍ଧାନ ନପାଇବାରୁ ତାଙ୍କ ମା' ନିତାଞ୍ଜଳି ବେହୁରିଆ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଖୋଜଖବର ଆରମ୍ଭ ହୋଇଥିଲା । ଏପରିକି କମିଶନର ଓ ଡିସିପିଙ୍କ ନିର୍ଦ୍ଦେଶରେ ସହରର ସମସ୍ତ ପିସିଆର୍ ଓ ନାଇଟ୍ ପାଟ୍ରୋଲିଂ ଗାଡି ସ୍ପେଶାଲ ଟିମ୍ ସହ ଖୋଜଖବର ଆରମ୍ଭ କରିଥିଲେ । ଏଥିସହ ୨୦ଟି ସିସିଟିଭି କ୍ୟାମେରା ମଧ ଯାଞ୍ଚ କରାଯାଇଥିଲା । ଏଥିସହ ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନ ମଧ ତଲାସୀ କରାଯାଇଥିଲା । ୧ ତାରିଖ ଦିନ ଅଭିଯୋଗ ହେବା ପରଠାରୁ ୨ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଜଖବର କରାଯିବା ପରେ ମଞ୍ଚେଶ୍ୱର ରେଳ ଷ୍ଟେସନ ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି । ନାବାଳିକା ନିଖୋଜ ହେବାର ୩୦ଘଣ୍ଟା ମଧ୍ୟରେ ଉଦ୍ଧାର କରାଯାଇଥିବାରୁ ଉଦ୍ଧାରକାରୀ ଟିମ୍‌କୁ କମିଶନର ପ୍ରଶଂସା କରିବା ସହ ପୁରସ୍କାର ଓ ମାନପତ୍ର ଦେଇଛନ୍ତି ।




ପୋଲିସ କଣ୍ଟ୍ରୋଲ ରୁମ୍ ସୂଚନା ଆଧାରରେ ପାହାଳ ଥାନା ପିସିଆର୍-୨୫ରେ ହାର୍ଯ୍ୟରତ ହାବିଲଦାର ବିଶ୍ୱଜିତ ରାଉତରାୟ ଦ୍ରୁତ ଗତିରେ ଖୋଜଖବର କରି ହଂସପାଳ ପୁରୀ କେନାଲ ରୋଡ୍ ମିଠା ଦୋକାନ ପାଖରୁ ୧୦ବର୍ଷର ନାବାଳକଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର କରିବା ପରେ ପାହାଳ ଥାନା ଆଇଆଇସି ଉପରିସ୍ଥ ଅଫିସରଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ନାବାଳକ ଘର କେଉଁଠି ବୋଲି ଛାନ୍‌ଭିନ୍ ଆରମ୍ଭ କରିଥିଲେ । ଉଦ୍ଧାର ନାବାଳକ ଘର ଠିକଣା ସଠିକ୍ ଭାବେ କହିପାରୁ ନଥିବାରୁ ପୋଲିସ ଅଡୁଆରେ ପଡିଥିଲେ ମଧ ସନ୍ଧାନ କରି ନାବାଳକଙ୍କ ଘର ଠିକଣା ଜାଣିଥିଲେ । ସହିଦନଗର ଥାନା ଅନ୍ତର୍ଗତ ପଥର ବନ୍ଧ ବସ୍ତିରେ ଉଦ୍ଧାର ନାବାଳକଙ୍କ ଘର ବୋଲି ପୋଲିସ ଜାଣିଥିଲା । ୨ ତାରିଖ ସକାଳ ୧୦ଟା ବେଳୁ ନାବାଳକ ଘରୁ କେଉଁଆଡେ ଚାଲିଯାଇଥିବାରୁ ତାଙ୍କୁ ଖୋଜଖବର ଆରମ୍ଭ ହୋଇଥିଲା । ସେହିଦିନ ୨ଟା ବେଳେ ନାବାଳକଙ୍କୁ ଉଦ୍ଧାର କରାଯାଇ ଠିକଣା ଅନୁସନ୍ଧାନ କରାଯାଇଥିଲା ।

ଉଦ୍ଧାର ନାବାଳକ ଓ ନାବାଳିକାଙ୍କୁ ପୋଲିସ ପରିବାରକୁ ହସ୍ତାନ୍ତର କରି ସାମ୍ବାଦିକ ସମ୍ମିଳନୀରେ ଉଦ୍ଧାର ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ପୋଲିସଙ୍କୁ ପୁରସ୍କୃତ କରାଯାଇଛି ।

### ଜିଲ୍ଲାରେ ଲାଗିଲା ପୋଲିସ ଅଧିନିୟମ ୩୦ ଧାରା

## ଅଗଷ୍ଟ ୫ ପର୍ଯ୍ୟନ୍ତ ବଳବତ୍ତର

କଟକ (ସବ୍ୟ): ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଶ୍ରମିକ ସାମୁଖ୍ୟ, ଛାତ୍ରସଂଘ ଇତ୍ୟାଦି ଏବଂ ଅନ୍ୟାନ୍ୟ ଶ୍ରେଣୀ ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସାଧାରଣସଭା ଆଦି ସର୍ବସାଧାରଣସ୍ଥାନ, ସାହି ଏବଂ କଟକ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ସଂଗଠିତ ହୋଇଥାଏ । ଏହି ଶୋଭାଯାତ୍ରା ଓ ସାଧାରଣସଭା ଗୁଡିକୁ ସର୍ବସାଧାରଣ ସ୍ଥାନରେ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ଅଧିନିୟମ ୩୦ ଅନୁଯାୟୀ ଜିଲ୍ଲାର ସମସ୍ତ ୨୧ଗୋଟି ପୋଲିସ ଥାନା ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର ,କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର ,ଟାଙ୍ଗୀ, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଆଠଗଡ, ତିଗିରିଆ, ବଡମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋଡୁମ , କାନପୁର, ବାଙ୍କୀ ଓ ଭଦ୍ରେଶ୍ୱର ପୋଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି ।

ଯଦି କୌଣସି ରାଜନୈତିକ ସଂଗଠନ /ବ୍ୟକ୍ତିବିଶେଷ, ସାମୁହିକଭାବେ ଶୋଭାଯାତ୍ରା, ଧାରଣା, ଅନିୟନ୍ତ୍ରିତ ଗହଳି ସଂଗଠିତ ହେଉଥିବା ଓ ଏଥିଜନିତ ଶାନ୍ତିଭଙ୍ଗ ହେବାର ଆଶଙ୍କା ଥିଲେ ସେଥିନିମନ୍ତେ ସଂପୃକ୍ତ ଅଞ୍ଚଳ ଉପଖଣ୍ଡ ପୋଲିସ ଅଧିକାରୀ, ପୋଲିସ ନିରୀକ୍ଷକ , ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ୩୦ଧାରା ଅନୁଯାୟୀ ଅନୁମତି ପ୍ରାପ୍ତ କରିବାକୁ ହେବ ବୋଲି କଟକ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକ ଆଦେଶନାମାରେ ପ୍ରକାଶ କରିଛନ୍ତି ।

ବିଶେଷ ଭାବରେ ସାଧାରଣସଭା ସଂଗଠିତ କରିବା ନିମନ୍ତେ ଆବେଦନକାରୀ ସମୟ, ସ୍ଥାନ ଓ ଉଦ୍ଦେଶ୍ୟ ଏବଂ ସ୍ଥିରୀକୃତ ବକ୍ତାମାନଙ୍କ ନାମ ସୂଚୀତ କରିବାକୁ ଆଦେଶନାମାରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଶୋଭାଯାତ୍ରା କ୍ଷେତ୍ରରେ ଦରଖାସ୍ତ ଗୁଡିକ ଏହାର ଗନ୍ତବ୍ୟସ୍ଥଳ , ରହଣୀସ୍ଥାନ , ସମୟ , ଅଂଶଗ୍ରହଣକାରୀଙ୍କ ଆନୁମାନିକ ସଂଖ୍ୟା , ଯଦି ଡାକବାଜି ଯନ୍ତ୍ର ଓ ସଂଗୀତ ଯନ୍ତ୍ରାଂଶର ଆବଶ୍ୟକ ଥାଏ, ତେବେ ଏହାର ସଂଖ୍ୟା ନିରୂପଣ ପୂର୍ବକ ଉଲ୍ଲେଖ କରିବା ଆବଶ୍ୟକ । ଏଥିସହ ଆବେଦନକାରୀ ଯଦି ଆତସବାଜି ପ୍ରଦର୍ଶନ କରିବାକୁ ଚାହୁଁଥାନ୍ତି ତେବେ ତାହା କେଉଁ ଶ୍ରେଣୀଭୁକ୍ତ ଏବଂ ଏହାର ନିର୍ଦ୍ଧାରିତ ସମୟ ଓ ପ୍ରଦର୍ଶନ ସ୍ଥାନ ସୂଚୀତ କରିବାର ଆବଶ୍ୟକତା ରହିଛି ବୋଲି ଆଦେଶନାମାରେ ଉଲ୍ଲେଖ କରାଯାଇଛି । ଏହି ଆବେଦନ ତିନି ଦିନ ପୂର୍ବରୁ ହେବା ବିଧେୟ ।

## ପ୍ରଫେସର ପ୍ରାଣକୃଷ୍ଣ ପରିଜା ଶ୍ରାଦ୍ଧ ବାର୍ଷିକୀ

# ପ୍ରଫେସର ଶଶଧର ସାମଲଙ୍କୁ ପ୍ରାଣକୃଷ୍ଣ ପରିଜା ସମ୍ମାନ



କଟକ, (ସ୍ୱପ୍ର): ସାରସ୍ୱତ ପୀଠ ସାରଳା ଭବନଠାରେ ଅନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବୈଜ୍ଞାନିକ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସାରସ୍ୱତ ସମାରୋହ ଓ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ପରିଜା ମେମୋରିଆଲ ସୋସାଇଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବରିଷ୍ଠ ନ୍ୟାୟାଧୀଶ ଜଷ୍ଟିସ ଡକ୍ଟର ଦୁର୍ଗାପ୍ରସନ୍ନ ଚୌଧୁରୀ ଉଦଘାଟକ, ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ପ୍ରଭାତ କୁମାର ମିଶ୍ର ମୁଖ୍ୟଅତିଥି, ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପରିଷଦର ସଭାପତି ପ୍ରଫେସର ଡକ୍ଟର ନିରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସ୍ୱନାମଧନ୍ୟ ରସାୟନ ବିଜ୍ଞାନୀ ପ୍ରଫେସର ଡକ୍ଟର ଶଶଧର ସାମଲଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ପ୍ରାଣକୃଷ୍ଣ ପରିଜା ସମ୍ମାନ ପ୍ରଦାନ କରାଯାଇଥିଲା। ପରିଷଦର ସାଧାରଣ ସମ୍ପାଦକ ଶିକ୍ଷାବିତ ଡକ୍ଟର ଚୌଧୁରୀ ସତ୍ୟ ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲା ବେଳେ ନାଟ୍ୟକାର ସଂଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଅତିଥିମାନେ ଉଦ୍ଭିଦ ବିଜ୍ଞାନୀ ଭାବରେ ପ୍ରଫେସର ପରିଜା ବିଶ୍ୱରେ ସୁଖ୍ୟାତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପରିଷଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଦଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପରିଜାଙ୍କ ସ୍ମୃତିଚାରଣ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଡକ୍ଟର ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିଲେ। ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ତିରିଖରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ

ବ୍ରହ୍ମପୁର, (ସବ୍ୟୁ): ଆସନ୍ତା ୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା। ଗସ୍ତରେ ଆସୁଥିବା କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ଗଞ୍ଜାମ ଜିଲ୍ଲାର ରମ୍ଭା ଉଚ୍ଚ ବିଦ୍ୟାଳୟ ଠାରେ ସ୍ଥାପିତ ୪୧ ଗୋଟି ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତି ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଛତ୍ରପୁର ଗସ୍ତରେ ଆସି ଛତ୍ରପୁର ଖେଳ ପଡିଆ ଠାରେ ଜିଲ୍ଲାରେ ହେବାକୁ ଥିବା ୮ ଗୋଟି ଶିଳ୍ପ ଅନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଟାଟା ଏସି ଜେଡ ପ୍ରୋଜେକ୍ଟ ଅନ୍ତର୍ଗତ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଠାରେ ଅନୁଷ୍ଠିତ ହେଉଥିବା ତାରା ଦେବୀ ମା' ଙ୍କ ଯାତ୍ରାରେ ମଧ୍ୟ ଯୋଗଦାନ ପୂର୍ବକ ମା'ଙ୍କ ଦର୍ଶନ କରି ଫେରିବାର କାର୍ଯ୍ୟକ୍ରମ ରହିଛି ବୋଲି ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସୂଚନା ଦେଇଛନ୍ତି।

# ବ୍ରହ୍ମପୁରରେ ପୁଣି ଗଡ଼ିଲା ମୁଣ୍ଡ : ତିନି ଜଣଙ୍କୁ ଅଟକ ରଖିଛି ପୋଲିସ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରରେ ଏବେ କଥା କଥା କେ ହତ୍ୟା କରାଯାଉଛି। ଗତ ଏକ ମାସ ମଧ୍ୟରେ ଏକାଧିକ ହତ୍ୟା ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି। ସୋମବାର ବିଳମ୍ବିତ ରାତ୍ରରେ ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିଛି। ସାନ ବଜାର ଛକରୁ ଜଣେ ଯୁବକଙ୍କୁ ଅପହରଣ କରି ସେଠାରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ଜଣଙ୍କ ଉକ୍ତ ଥାନା ଅନ୍ତର୍ଗତ ଧର୍ମନଗରର ବିଦ୍ୟାଧର ପାଣିଗ୍ରାହୀ(୨୧)। ସେହିପରି ମୃତ ଯୁବକଙ୍କ ସାଥିରେ ଥିବା ତାଙ୍କ ସହଯୋଗୀ ନରଶିଙ୍ଗ ସାହୁ ଆହତ ହୋଇଛନ୍ତି। ଘଟଣା ପରେ ଅପରାଧୀ ଗୋଷ୍ଠି ଫେରାର ହୋଇଯାଇଛନ୍ତି। ପୋଲିସ ଆହତଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି । ଆକ୍ରମଣକାରୀଙ୍କ ପରିବାରର ବାପା, ମା' ଓ ଭାଇଙ୍କୁ ରାତାରାତି ପୋଲିସ ଉଠାଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତକଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତଦେହ ବ୍ୟବଛେଦ ପରେ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ପୂର୍ବଶତ୍ରୁତାରୁ ଯୁବକଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ସୂଚନା ଅନୁଯାଇ ସୋମବାର ବିଦ୍ୟାଧର ପାଣିଗ୍ରାହୀ ଓ ତାଙ୍କ ସାଙ୍ଗ ନରଶିଙ୍ଗ ସାହୁ ସମେତ ୪ଜଣ ଯୁବକ ବ୍ରହ୍ମପୁର ରେଳଷ୍ଟେସନ ନିକଟରେ ଥିବା ଏକ ମଦ ଦୋକାନକୁ ଯାଇଥିଲେ। ସେଠାରୁ ସେମାନେ ଦୁଇଟି ବାଇକରେ ଘରକୁ ଫେରୁଥିଲେ। ସାନବଜାର ଛକରୁ ଦୁଇଜଣ ଚାଲିଯାଇଥିବା ବେଳେ ବିଦ୍ୟାଧର ଛକରେ ଛିଡା ହୋଇଥିଲେ। ତାଙ୍କୁ ତିନୋଟି ବାଇକରେ ୬ଜଣ ଯୁବକ ସେଠାରେ ପହଞ୍ଚି ବିଦ୍ୟାଧର ଓ ତାଙ୍କ ସହଯୋଗୀଙ୍କୁ ଭୟଭୀତ କରି ଅପହରଣ କରିନେଇଥିଲେ। ଜଗବନ୍ଧୁ ସାହି ନିକଟରେ ଥିବା ଏକ ଆପ୍ପାର୍ଟମେଣ୍ଟ ରାସ୍ତା ଉପରେ ବିଦ୍ୟାଧରଙ୍କୁ ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ହାଣି ହତ୍ୟା କରିଥିଲେ। ଏପରିକି ତାଙ୍କ ସହଯୋଗୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସେ ମଧ୍ୟ ଆହତ ହୋଇଥିଲେ। ରାତ୍ର ଦୁଇଟା ବେଳେ ସେଠାରୁ ଖସି ଆସି ଆହତ ଜଣଙ୍କ ବିଦ୍ୟଧରଙ୍କ ବାପାଙ୍କୁ ଜଣାଇଥିଲେ। ପରିବାର ଲୋକ ସେଠାରେ ପହଞ୍ଚି ଗୁରୁତର ବିଦ୍ୟାଧରଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେତେବେଳକୁ ବହୁତ ବିଳମ୍ବ ହୋଇସାରିଥିଲା। ତାଙ୍କ ଶରୀରରୁ ବହୁତ ରକ୍ତ ଚାଲିଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଘଟଣା ପରେ ଅପରାଧୀଙ୍କୁ ଧରିବା ପାଇଁ ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ଜାଗାରେ ଚଢଉ ଜାରି ରଖିଥିବା ଜଣାପଡିଛି।

## ବେକରେ ରଶି ଲଗାଇ ବିବାହିତ ମହିଳା ଆତ୍ମହତ୍ୟା

ଭଞ୍ଜନଗର , (ସବ୍ୟୁ): ବେକରେ ରସି ଲଗାଇ ବିବାହିତ ମହିଳାଙ୍କ ଆତ୍ମହତ୍ୟା। ଗଂଜାମ ଜିଲ୍ଲା ତାରାସିଂ ଥାନା ଅନ୍ତର୍ଗତ ଜାଡଧାର ଗାଁରେ ଘଟିଛି ଏଭଳି ଘଟଣା। ମୃତ ମହିଳା ଜଣକ, ସେହି ଗାଁର ଦଧିବାମନ ପ୍ରଧାନଙ୍କ ସ୍ତ୍ରୀ କବିତା ପ୍ରଧାନ ଓରଫ ମାନି । ସୋମବାର ରାତ୍ରରେ ପରିବାର ଲୋକ ଶୋଇବା ପରେ ବାରିଘର ଓରାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ବିଳମ୍ବିତ ରାତ୍ରୀରେ ପରିବାର ଲୋକ ବାରିଘର ଓରାରେ କବିତା ପ୍ରଧାନ ଝୁଲୁଥିବା ଦେଖି ଝୁଲନ୍ତା ଅବସ୍ଥାରେ ଉଧାର କରି ଭଂଜନଗର ମେଡିକାଲ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ତାରାସିଂ ଥାନା ପୋଲିସ ମଙ୍ଗଳବାର ମୃତ ଦେହକୁ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଆତ୍ମହତ୍ୟାର କାରଣ ନେଇ ସ୍ୱଷ୍ଟ କରାଯାଇନଥିବା ବେଳେ ଏହା ପଛରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେବା ସହ, ସନ୍ଦେହ କରାଯାଉଛି । ତଥାପି ପୋଲିସର ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ରେବତୀ ସବର କହିଛନ୍ତି ।

# ଭିନ୍ନକ୍ଷମଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା



ଛତ୍ରପୁର, (ସବ୍ୟୁ): ୮୦ ବର୍ଷ ବା ତାଠାରୁ ଉର୍ଦ୍ଧ ବୟସ୍କ ବ୍ୟକ୍ତି କିମ୍ବା ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀ ମାସିକ ୩୫ଶହ ଟଙ୍କା ଭତ୍ତା ପାଇବେ ବୋଲି ନିୟମ ରହିଛି । ପୂର୍ବରୁ ୧୨ଶହ ଟଙ୍କା ପାଉଥିଲେ ଏହା ୨୩ ଶହ ଟଙ୍କା ବୃଦ୍ଧି ହୋଇ ୩୫ଶହ ଟଙ୍କା ହୋଇଛି । କିନ୍ତୁ ଗଞ୍ଜାମ ଜିଲାରେ ଏବେବି ବହୁ ଭିନ୍ନକ୍ଷମ ହିତାଧିକାରୀ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିଲେ ବି ସେମାନଙ୍କୁ ମେଡିକାଲ ପକ୍ଷରୁ ଦିଆଯାଇଥିବା ଭିନ୍ନକ୍ଷମ ପ୍ରମାଣପତ୍ରରେ ତାହା କମ୍ଥିବାରୁ ବହୁ ଯୋଗ୍ୟ ହିତାଧିକାରୀ ବର୍ଦ୍ଧିତ ଭତାରୁ ବଚିଂତ ହେଉଛନ୍ତି। ସେମାନଙ୍କୁ କିପରି ଏହି ବର୍ଦ୍ଧିତ ଭତ୍ତା ମିଳିବ ସେନେଇ ଜିଲାପ୍ରଶାସନ ନିକଟରେ ଦ୍ୱାରସ୍ଥ ହେଉଛନ୍ତି ହିତାଧିକାରୀ । ପୁରୁଷୋତମପୁର ବ୍ଲକ ଖୋସଲାପଲ୍ଲୀ ସୁକାନ୍ତ ସାସମଲଙ୍କ ଗୋଟିଏ ଗୋଡ ନାହିଁ ଏବଂ ହାତ ମଧ ଗୋଟେ କାମ କରୁନାହିଁ, ତଥାପି ମେଡିକାଲ ପ୍ରମାଣପତ୍ରରେ ୬୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିବା ଦର୍ଶାଯାଇଛି । ଫଳରେ ସେ ବର୍ଦ୍ଧିତ ଭତ୍ତା ପାଇବାରୁ ବଚିଂତ ହୋଇଛନ୍ତି । କିପରି ତାଙ୍କୁ ଏହି ବର୍ଦ୍ଧିତ ଭତ୍ତା ଟଙ୍କା ମିଳିବ ସେନେଇ ସେ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜଲ୍ଲା ସାମାଜିକ ବିଭାଗ ଅଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ଏହିପରି ବହୁଲୋକ ଅଛନ୍ତି, ଯେଉଁମାନଙ୍କ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିଲେ ବି ମେଡିକାଲ ପ୍ରମାଣପତ୍ରରେ ୮୦ ପ୍ରତିଶତରୁ କମ ରହିଛି । ଯାହାଫଳରେ ସେମାନେ ବର୍ଦ୍ଧିତ ଭତ୍ତାରୁ ବଚିଂତ ହେଉଛନ୍ତି । ତୁରନ୍ତ ଜିଲାପ୍ରଶାସନ ପକ୍ଷରୁ ପ୍ରତି

## ଜିଲ୍ଲା ପ୍ରଶାସନିକ ଅଧିକାରୀ ମହାସଂଘ ତରଫରୁ

# ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ସବ୍ୟୁ) : ଗତ ଜୁନ ୨ତାରିଖରେ କପ୍ତିପଦାର ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣର ଦୃଢ଼ ପ୍ରତିବାଦ କରିଛି ମୟୂରଭଞ୍ଜ ଜିଲ୍ଲାପ୍ରଶାସନିକ ଅଧିକାରୀ ମହାସଂଘ। ଆଜି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଇଶ୍ୱର ନାୟକ ଏବଂ କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ବହୁ ଓଡ଼ିଶା ପ୍ରଶାସନିକ ଅଧିକାରୀ ଓ ରାଜସ୍ୱ ସେବା ଅଧିକାରୀ ମାନେ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଭେଟି ପ୍ରତିବାଦ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୋଷୀ ମାନଙ୍କ ବିରୋଧରେ ତୁରନ୍ତ କଡା ପଦକ୍ଷେପ ସହ ଲଘୁ ଖଣିଜର ଚୋରି ରୋକିବା ପାଇଁ ଦୀର୍ଘସ୍ଥାୟୀ କାର୍ଯ୍ୟାବଳୀ ପ୍ରସ୍ତୁତି କରିବାକୁ ଅନୁରୋଧ କରିଥିଲେ। ପ୍ରକାଶ ଥାଉକି ଗତ ୨ତାରିଖରେ ଚୋରା ବାଲି ଗାଡ଼ି ଧରିବାକୁ ଯାଇ ଅତିରିକ୍ତ ତହସିଲଦାର ଶ୍ରୀ ମାଝୀ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହୋଇଥିଲେ। ୨୫ରୁ ଉର୍ଦ୍ଧ ମାଫିଆ ସଂଘବଦ୍ଧ ଭାବେ ଶ୍ରୀ ମାଝୀଙ୍କୁ ଏକୁଟିଆ ପାଇ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ିକୁ ଭାଙ୍ଗି ଚୁରମାର୍ କରିଦେଇଥିଲେ। ଏହା କପ୍ତିପଦା ଥାନା ସମ୍ମୁଖରେ ଘଟିଥିବା ବେଳେ ଶ୍ରୀ ମାଝୀ ଜୀବନ ବଞ୍ଚାଇ ଡାକ୍ତର ଖାନାକୁ ପଳାଇ ଆସିଥିଲେ। ତେବେ ଦୋଷୀ ମାନେ ସମୟ ପାଇ ଅନ୍ୟତ୍ର ଫେରାର ହୋଇଯାଇଥିଲେ। ପ୍ରକାଶ ଥାଉକି ଏହି ପ୍ରଶାସନିକ ଅଧିକାରୀ ମାନେ ସରକାରଙ୍କର ସମସ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରି ସମସ୍ତ ଅତ୍ୟାବଶ୍ୟକ ସେବା ଗୁଡିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଥାଆନ୍ତି। ତେବେ କର୍ତ୍ତବ୍ୟରତ ଜଣେ ଅଧିକାରୀଙ୍କୁ ଏଭଳି ଆକ୍ରମଣ ହେଲେ ତାହା ସମାଜ ଉପରେ ଖରାପ ପ୍ରଭାବ ପକାଉଛି ଏବଂ ସୁସ୍ଥ ବାତାବରଣ କଳୁଷିତ ହେବା ସଙ୍ଗେ ସଙ୍ଗେ ଅଧିକାରୀ ମାନଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଉଛି। ସରକାର ତୁରନ୍ତ ଏ ଦିଗରେ କଡା ଆଭିମୁଖ୍ୟ ନେବାକୁ ଆବେଦନ କରାଯାଇଛି।



# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୩୬ତମ ରାଜ୍ୟସ୍ତରୀୟ ଅଗ୍ରଦୂତ ଛାତ୍ର ସମ୍ମିଳନୀ

ପାରଳାଖେମୁଣ୍ଡି, (ସବ୍ୟୁ): ଶିକ୍ଷାଞ୍ଚଳରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର (ମାତୃପୀଠ) ଠାରେ ୩୬ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ଅଗ୍ରଦୂତ ପାଠଚକ୍ର ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ୪ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ସମଗ୍ର ଓଡ଼ିଶାରୁ ୩୫ ଗୋଟି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସମେତ ଓଡ଼ିଶା ତଥା ବିଭିନ୍ନ ରାଜ୍ୟରୁ ବିଶିଷ୍ଟ ସାଧକଗଣ ଯୋଗ ଦେଇଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଦୀର୍ଘ ୩୫ ବର୍ଷ ଧରି ଆୟୋଜନ ହେଉଥିବା ବେଳେ ଗଜପତି ଜିଲ୍ଲାରେ ଏହି ସମ୍ମିଳନୀରେ ପ୍ରଥମ ପାଇଁ ପାରଳାଖେମୁଣ୍ଡି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଛି । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପ୍ରାଧ୍ୟାପକ ମନମୋହନ ପାତ୍ର ଫୋଟୋଚିତ୍ର ପ୍ରଦର୍ଶନୀ ଉଦଘାଟନ କରିଥିବା ବେଳେ ଉଦଘାଟନୀ ଉତ୍ସବରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଉପସ୍ଥିତ ଯୁବ ମାତୃକର୍ମୀ ମାନଙ୍କୁ ନୂତନ ପୂର୍ଣ୍ଣାଙ୍ଗ ସମାଜ ଗଠନରେ ଅଗ୍ରଦୂତ ଭାବେ କାର୍ଯ୍ୟ କରି ଦେଶ ଗଠନ ସହ ସୁସ୍ଥ ରହି ସୁସ୍ଥ ସମାଜ ଗଠନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ରଛାତ୍ରୀ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ କଟକ ମାତୃଭବନ ସମ୍ପାଦକ ପ୍ରସାଦ ତ୍ରିପାଠୀ, ପଣ୍ଡିଚେରୀ ଆଶ୍ରମ ଆରୋଭିଲରୁ ବରିଷ୍ଠ ସାଧକ ରାମନାରାୟଣ ପାତ୍ର, ବ୍ରହ୍ମପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି ଭାଗିରଥି ମହାପାତ୍ରଙ୍କ ସହ ମାତୃପୀଠ ସଭାପତି ବିଜୟ ମୁନି, ସମ୍ପାଦକ ଗୌରହରି ପଟ୍ଟନାୟକ ଏବଂ ଅନୁଷ୍ଠାନ ଅଧକ୍ଷା ଶ୍ରୀମତୀ ଗୀତାଞ୍ଜଳି ଦାସ ପ୍ରମୁଖ ଶ୍ରୀଅରବିନ୍ଦଙ୍କ ଦର୍ଶନ ଏବଂ ଅଗ୍ରଦୂତଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଗ୍ରଦୂତ ରାଜ୍ୟ ଆବାହକ ସ୍ୱରାଜ ଭାଇ ଏଂ ବିଜୟାନନ୍ଦ ଭାଇ, ବିକାଶ ରଞ୍ଜନ ଭାଇ ମଂଚ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନୁଷ୍ଠାନ ସଦସ୍ୟ ଗିରିଶ ଚନ୍ଦ୍ର ଦାସ ବିଷୋୟୀ କୃତ୍ୟଜ୍ଞତା ଜ୍ଞାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟତ୍ରୀ ଓ ପୁରାତନ ଶିକ୍ଷକ ମାନେ ପରିଚାଳନା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରକାଶିତ ଏକ ବାର୍ଷିକ ସ୍ମରଣିକା ଦା ପାୟୋନିର ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ।

## ବାଲୁଙ୍କେଶ୍ୱର ସ୍ୱାମୀଙ୍କ ବିବାହ ସମ୍ପନ୍ନ

କୁଲାଡ, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର କୁଲାଡ, ଧନଞ୍ଜୟପୁର ଶାସନରେ ବିଜେ ବାଲୁଙ୍କେଶ୍ୱର ସ୍ୱାମୀଙ୍କ ବିବାହ ଉତ୍ସବ ଗ୍ରାମ ମକଦ୍ଦମ ବୈଷ୍ଣବ ଦାଶଙ୍କ ପୌରହିତ୍ୟରେ ରୀତି, ନୀତି ଅନୁଯାୟୀ ମହାସମାରୋହରେ ପାଳିତ ହୋଇଯାଇଛି । ବିବାହ ଦିନ ସନ୍ଧ୍ୟାରେ ବାଲୁଙ୍କେଶ୍ୱର ସ୍ୱାମୀଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଇ ଭବ୍ୟ ବାଦ୍ୟ ରୋଷଣୀ, ପଟୁଆର ସହିତ ଗ୍ରାମ ପରିକ୍ରମା କରାଯାଇ ବରଯାତ୍ରୀଙ୍କ ଗହଣରେ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବାଟବରଣୀ କରାଯାଇ ସ୍ୱାମୀଙ୍କୁ ବିବାହ ମଣ୍ଡପକୁ ପାଛୋଟି ନିଆଯାଇ ମାତା ପାର୍ବତୀଙ୍କ ସହ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଅବସରରେ ମକଦମ ବୈଷ୍ଣବ ଦାଶ ବିବାହର ସମସ୍ତ କାର୍ଯ୍ୟ ତୁଲାଇ ଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଉତ୍ସବରେ ଗ୍ରାମବାସୀ, ମନ୍ଦିର ସମୂହ ପରିଚାଳନା କମିଟିର ସଦସ୍ୟଙ୍କ ସମେତ ମନ୍ଦିର କାର୍ଯ୍ୟରେ ରୁଚି ରଖିଥିବା, ଭଗବାନ ରଥ, ସୁନୀଲ କୁମାର ଦାଶ, ପ୍ରବାସ କୁମାର ଦାଶ, ଟିଟୁନ ମହାପାତ୍ର, ଟୁନା ତ୍ରିପାଠୀ ଓ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ ।

## ଯୁବତୀଙ୍କୁ ଅପହରଣ ଉଦ୍ୟମ, ୧ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବତୀଙ୍କୁ ବିବାହ କରିବା ପାଇଁ ବାଧ କରିବା ଏବଂ ରାଜି ନହେବାରୁ ରାସ୍ତାରୁ ଅପହରଣ ଉଦ୍ୟମ ସହ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ବୈଦ୍ୟନାଥପୁର ପୋଲିସ ଘଟଣାର ତଦନ୍ତ କରି ସେଥିରେ ସମ୍ପୃକ୍ତ ଥିବା ଜଣେ ମହିଳାଙ୍କୁ ମାମଲା ନଂ ୨୬୮/୨୫ ରେ ଗିରଫ କରିଛି। ଅଭିଯୁକ୍ତ ମହିଳା ଜଣଙ୍କ ହେଲେ ବ୍ରହ୍ମପୁରର କାଜଲ ଜେନା । ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ତଥା ଗିରଫ ମହିଳାଙ୍କ ଦିଅର ଫେରାର ଥିବା ପୋଲିସ କହିଛି। ପ୍ରକାଶ ଯେ, ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି- ତୁଲୁ ରୋଡରେ ରହୁଥିବା ଜଣେ ୨୨ ବର୍ଷୀୟ ଯୁବତୀ ସୋମବାର ସନ୍ଧ୍ୟାରେ ସେ ସାଇକଲ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ମହିଳା କାଜଲ ଓ ତାଙ୍କ ଦିଅର ପିଣ୍ଟୁ ଜେନା ଏକ କାରରେ ତାଙ୍କ ପିଛା କରି ତାଙ୍କୁ ଜୋର ଜବରଦସ୍ତ ଉକ୍ତ ଗାଡି ଭିତରକୁ ନେଇ ଯାଇଥିଲେ । ଯୁବତୀ ଜଣଙ୍କ ଜୋରରେ ଚିତ୍କାର କରିବା ସହ ତାଙ୍କୁ ଛାଡି ଦେବାକୁ ଅନୁରୋଧ କରିଥିଲେ। ସ୍ଥାନୀୟ ଲୋକେ ସେଠାରେ ଜମା ହୋଇଯିବାରୁ ଅଭିଯୁକ୍ତମାନେ କାର ଛାଡି ସେଠାରୁ ଫେରାର ହୋଇଯାଇଥିଲେ। କାଜଲ ଓ ତାଙ୍କ ଦିଅର ପିଣ୍ଟୁ ମିଳିତଭାବେ ଯୁବତୀଙ୍କୁ ଅହପରଣ କରିବା ସହ ଆକ୍ରମଣ କରିଥିବା ନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ ।

## ସନ୍ତରଣ ଓ ପାଣିରେ ବୁଡିଯିବା ସମ୍ପର୍କିତ

# ଜୀବନ ରକ୍ଷା କରିବାର ପ୍ରାଥମିକ କୌଶଳ ତାଲିମ୍ ଶିବିର

ଫୁଲବାଣୀ, (ସବ୍ୟୁ): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ କ୍ରମେ ଓ କନ୍ଧମାଳ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗର ପରିଚାଳନାରେ ଜିଲ୍ଲାସ୍ତରୀୟ ସନ୍ତରଣ ଓ ପାଣିରେ ବୁଡି ଯିବା ବେଳେ ଜୀବନ ରକ୍ଷା କରିବା ପ୍ରାଥମିକ କୌଶଳର ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ସୋମବାର ଫୁଲବାଣୀ ପଞ୍ଚାୟତ ସାଧନକେନ୍ଦ୍ରରେ ଆୟୋଜନ କରାଯାଇଥିବା ଏହି ୧୦ ସପ୍ତାହ ବ୍ୟାପୀ ପ୍ରଶିକ୍ଷଣ ଶିବିରକୁ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ କୁଶଳଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ଏହି କାର୍ଯ୍ୟକ୍ରମ ଜିଲ୍ଲାର ଯୁବକ ମାନଙ୍କ ପାଇଁ ଜୀବନ ବଞ୍ଚାଇବାର କୌଶଳ ଶିକ୍ଷା କରିବାର ଏକ ସୁନ୍ଦର ସୁଯୋଗ, ଯାହା ସେମାନଙ୍କୁ ଜୀବନ ସାରା ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ନିର୍ବାଚନ ଅଧିକାରୀ କୁମୁଦିନି ମଲ୍ଲିକ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଓଡିଶା ବିପର୍ଯ୍ୟୟ ସହାୟତା ବାହିନୀ (ଓଡ୍ରାଫ୍)ର ଡେପୁଟି ସୁବେଦାର ବିବେକାନନ୍ଦ ଦାସ ଯୋଗଦେଇ ପାଣିରେ ବୁଡିଯିବା ବେଳେ ନିଜେ ଜୀବନ ରକ୍ଷା କରିବା ସହ ଅନ୍ୟକୁ ରକ୍ଷା କରିବା କୌଶଳର ପ୍ରୟୋଗ ବାବଦରେ ବକ୍ତବ୍ୟ ରଖିଥିଲେ। ପରେ ସନ୍ତରଣ ଓ ଏଥି ସମ୍ପର୍କୀତ ବିଭିନ୍ନ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଆଜି ପିଲା ସାଲୁଙ୍କି ଡ୍ୟାମ୍ ଠାରେ ସମସ୍ତ ୩୦ ଜଣ ପ୍ରଶିକ୍ଷାର୍ଥୀ ମାନଙ୍କୁ ଓଡ୍ରାଫ୍ ବାହୀନି କହିଛନ୍ତି। ଏହି ଶିବିରରେ ଓଡ୍ରାଫ୍ ବାହିନୀର ହାବିଲଦାର ରାକେଶ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବାଙ୍କବିହାରୀ ଗୋପାଳ, ବିଜୟ କୁମାର ସାହୁ, ସଞ୍ଜୟ କୁମାର ସାହୁ, ପଙ୍କଜଚରଣ ଖଟେଇ, ସଞ୍ଜୟ ସାହୁ, ପ୍ରଭୁପ୍ରସାଦ ମଣ୍ଡଳ ଓ ମଣିବିର ସାମନ୍ତରାୟ ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ସୁରକ୍ଷା ବାହିନୀ,



ବସ ଯୋଗେ ନେଇ ସନ୍ତରଣର ବିଭିନ୍ନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସନ୍ତା ଶନିବାର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟର ୩୦ ଜଣ ପ୍ରଶିକ୍ଷାର୍ଥୀ ମାନଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହିଭଳି ୧୦ ଟି ପର୍ଯ୍ୟାୟରେ ଜିଲ୍ଲାର ୩ ଶହ ଯୁବକଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଜିଲ୍ଲା ଆପାତତଃ କାଳୀନ ଅଧିକାରୀ ରଞ୍ଜନ କୁମାର ମାର୍ଥା ଅଗ୍ନିଶମ ବିଭାଗ, ପୋଲିସ୍ ଏବଂ ରାଜସ୍ୱ ନିରୀକ୍ଷକ ଆଦି ଚାକିରି ପାଇଁ ପ୍ରାର୍ଥୀ ମାନଙ୍କ ସନ୍ତରଣ ଜ୍ଞାନ ନିହାତି ଆବଶ୍ୟକ ଥିବା ବେଳେ କନ୍ଧମାଳ ଜିଲ୍ଲାରେ ସନ୍ତରଣ ଶିଖିବା ପାଇଁ କୌଣସି ସୁବିଧାନଥିବା ବେଳେ ସରକାରଙ୍କ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାର ଯୁବକ ମାନଙ୍କୁ ବହୁତ ସହାୟକ ହେବ ବୋଲି ତାଲିମ ଶିବିରର ଶିକ୍ଷାର୍ଥୀ ମାନେ କହିଛନ୍ତି ।

# ସ୍ତ୍ରୀକୁ ଚୁଲିଫୁଙ୍କାରେ ବାଡେଇ ହତ୍ୟା

ବାରିପଦା, (ସବ୍ୟୁ) : ଅଣ୍ଡା ତରକାରୀ ପାଇଁ ହତ୍ୟା । ସ୍ତ୍ରୀକୁ ଚୁଲିଫୁଙ୍କାରେ ବାଡେଇ ବାଡେଇ ମାରିଲା ନୃଶଂସ ସ୍ୱାମୀ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଉଦଳା ଥାନା କୁଟଲିଂ ବନ୍ଧସାହି ଗ୍ରାମରେ । ପ୍ରକାଶ ଯେ, ବନ୍ଧସାହି ଗ୍ରାମର ଲମା ବାସ୍କେ ମଙ୍ଗଳବାର ମଧ୍ୟାହ୍ନରେ ଖାଇବା ସମୟରେ ସ୍ତ୍ରୀ ଅଣ୍ଡା ତରକାରୀ ନଦେବାରୁ ରାଗି ଯାଇ ଝଗଡା କରିଥିଲେ। ହେଲେ ସେତିକିରେ ଥମି ନଯାଇ ସ୍ତ୍ରୀ କୁ ଚୁଲିଫୁଙ୍କାରେ ବାଡେଇ ବାଡେଇ ମାରିଦେଇଥିଲେ। ଏନେଇ ଗାଁର ଲୋକ ପୁଲିସକୁ ଖବର ଦେବା ପରେ ଉଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଥିଲେ ।

# ଜିଲ୍ଲାସ୍ତରୀୟ ନାରଦ ଜୟନ୍ତୀ

ବାରିପଦା, (ସବ୍ୟୁ) : ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାମ୍ବାଦିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମ୍ବିଧାନର ତିନୋଟି ପ୍ରମୁଖ ସ୍ତମ୍ଭ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟ ପାଳିକାର ତଦାରଖ ପାଇଁ ରହିଥିବା ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ହିଁ ସରକାର ଏବଂ ଲୋକଙ୍କ ମଧ୍ୟରେ ସେତୁବନ୍ଧ ସ୍ଥାପନ ପୂର୍ବକ ଉଭୟଙ୍କୁ ଗିଗଦର୍ଶନ ଦେଇଥାଏ । ଆଦ୍ୟଗୁରୁ ନାରଦ ମୁନି ହିନ୍ଦୁ ଧର୍ମ ଏବଂ ଭାରତୀୟ ପୁରାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱ, ମାନବ, ଦାନବ ଓ ଦେବତାଙ୍କ ମଧ୍ୟରେ ଭାବ ବିନିମୟର ସୂତ୍ରଧର ଭାବରେ ମହର୍ଷି ନାରଦଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଠିକ୍ ସେହିପରି ଗଣମାଧ୍ୟମରେ କାର୍ଯ୍ୟରତ ପ୍ରତିନିଧି ବା ସାମ୍ବାଦିକ ମାନଙ୍କର ସମାଜ ଏବଂ ରାଷ୍ଟ୍ର ପ୍ରତି ଗୁରୁ ଦାୟିତ୍ୱ ରହିଛି ବୋଲି ଆଜି ଭାରତ ସେବା ନ୍ୟାସ ତରଫରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ନାରଦ ଜୟନ୍ତୀ ପାଳନ ସମାରୋହରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସ୍ତମ୍ଭକାର ରବିନାରାୟଣ ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଥିଲେ । ବର୍ଷୀୟାନ ସାମ୍ବାଦିକ ତଥା ଗବେଷକ ଡ଼ଃ ବିଜୟ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ସମ୍ମାନିତ ବକ୍ତା ଭାବରେ ସାମ୍ବାଦିକ ଅରୁଣ କୁମାର ଓତା, ଅଭିଜିତ ମହାନ୍ତି, ଦୀପକ କୁମାର ନାୟକ, ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ମନୋଜ କୁମାର ପଣ୍ଡା, କବିବିଷ୍ଣୁ ଶତପଥି ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଦୁଇଜଣ ବରିଷ୍ଠ ସାମ୍ବାଦିକ ବେତନଟିର ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଏବଂ ରାଇରଙ୍ଗପୁରର ମନୋଜ ଦାସଙ୍କୁ ନାରଦ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଭାରତ ସେବା ନ୍ୟାସର କର୍ମକର୍ତ୍ତା ତୁଷାର କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ସାମ୍ବାଦିକ ରଞ୍ଜନ କୁମାର ଦାଶ, ଦୋଳ ଗୋବିନ୍ଦ ବାରିକ, ନୀଳାଦ୍ରି ବିହାରୀ ଦଣ୍ଡପାଟ, ପ୍ରିୟବ୍ରତ ମିଶ୍ର, ଭାରତ ସେବା ନ୍ୟାସର କର୍ମକର୍ତ୍ତା ଲିଙ୍ଗରାଜ ମିଶ୍ର ଓ ନିର୍ମଳ ପ୍ରକାଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଏବଂ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସାମ୍ବାଦିକ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜନଜାତି ବହୁଳ ମାଲକାନଗିରି ଜିଲ୍ଲାରେ

# ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍ଓଡିଏଲ୍



ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ମାଥିଲି ପ୍ରାଇମେରୀ ସବଷ୍ଟେସନ (ପିଏସ୍ଏସ୍)ର ଉନ୍ନତିକରଣ କରାଯାଇଛି। ମାଲକାନଗିରିର ଆଦିବାସୀ ବହୁଳ ତଥା ପାହାଡ଼ ଜଙ୍ଗଲ ଘେରା ଅଞ୍ଚଳରେ ଗୁଣାତ୍ମକ ଏବଂ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସମୃଦ୍ଧ ଜନଜାତି ସଂସ୍କୃତି ଏବଂ ଘଞ୍ଚ ଜଙ୍ଗଲ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପରିଚିତ ମାଲକାନଗିରି ଜିଲ୍ଲାରେ ଅନେକ ଜନଜାତି ଗୋଷ୍ଠୀ ବସବାସ କରନ୍ତି। ମାଳ ଭୂଇଁ, ଉପତ୍ୟକା ଏବଂ ପାହାଡି ନଦୀ ଝରଣାରେ ଭରପୂର ଏହି ଅଞ୍ଚଳର ପ୍ରାକୃତିକ ଦୃଶ୍ୟ ବେଶ୍ ଆକର୍ଷକ। କିନ୍ତୁ ଭୌଗୋଳିକ ଦୃଷ୍ଟିରୁ ବିଜୁଳି ବିତରଣ ପାଇଁ ଏଠାରେ ଅନେକ ଆହ୍ୱାନ ମଧ ରହିଛି । ପୂର୍ବରୁ ମାଥିଲି ପିଏସ୍ଏସରେ ୫ ଏମଭିଏ ଏବଂ ୩.୧୫ ଏମଭିଏ କ୍ଷମତା ବିଶିଷ୍ଟ ଦୁଇଟି ପାଓ୍ୱାର ଟ୍ରାନ୍ସଫର୍ମର ଥିଲା। ବର୍ତ୍ତମାନ ଏହି ୩.୧୫ ଏମଭିଏ ଟ୍ରାନ୍ସଫର୍ମର ବଦଳରେ ଏକ ନୂତନ ୫ ଏମଭିଏ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଯାହା ଫଳରେ ସବଷ୍ଟେସନର ମୋଟ କ୍ଷମତା ୧୦ ଏମଭିଏକୁ ବୃଦ୍ଧି ପାଇଛି। ଏହି ଉନ୍ନତିକରଣ ପଦକ୍ଷେପ ଦ୍ୱାରା ଏହି ଅଞ୍ଚଳର ପ୍ରାୟ ୬,୦୦୦ ରୁ ଅଧିକ ଉପଭୋକ୍ତା ଉପକୃତ ହୋଇଛନ୍ତି ଏବଂ ସ୍ଥାନୀୟ ଅଞ୍ଚଳର ଘର, ସ୍କୁଲ, କଲେଜ, ଡାକ୍ତରଖାନା ଓ ସରକାରୀ କାର୍ଯ୍ୟାଳୟଗୁଡିକୁ ସ୍ଥାୟୀ ଓ ଭରସାଯୋଗ୍ୟ ବିଜୁଳି ସେବା ପହଞ୍ଚିପାରିଛି । ଏହି ପଦକ୍ଷେପ ଉପରେ ଗୁରୁତ୍ୱ ଦେଇ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ମାଥିଲି ପିଏସ୍ଏସର ଉନ୍ନତିକରଣ ପରେ ମାଲକାନଗିରି ଜିଲ୍ଲାର ଉପଭୋକ୍ତାଙ୍କ ବିଜୁଳି ଚାହିଦା ପୂରଣ ହେବା ସହ ଲୋକଙ୍କ ନିକଟରେ ଗୁଣାତ୍ମକ ସେବା ପହଞ୍ଚିପାରିଛି। ସବଷ୍ଟେସନର କ୍ଷମତା ବୃଦ୍ଧି ସହ ଆମେ ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳରେ ବିଜୁଳି ସେବାକୁ ଉନ୍ନତ କରିଛୁ। ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଉତ୍ତମମାନର ବିଜୁଳି ସେବା ଯୋଗାଇବା ଦିଗରେ ଆମ ପ୍ରୟାସ ଜାରି ରହିଛି । ମାଲକାନଗିରି ଭଳି ଜନଜାତି ବହୁଳ ଏବଂ ପାହାଡିଆ ଇଲାକାରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ରହିଛି । ଯାହା ଫଳରେ ଭରସାଯୋଗ୍ୟ ବିଜୁଳି ସେବା ସୁନିଶ୍ଚିତ ହେବା ସହ ସ୍ଥାନୀୟ ଅଞ୍ଚଳର ବିକାଶକୁ ପ୍ରୋତ୍ସାହନ ମିଳିପାରିବ ।

# ସମ୍ବର ଶିକାର କରି ୨ ଗିରଫ

ଭଞ୍ଜନଗର, (ସବ୍ୟୁ): ଉତ୍ତର ଘୁମୁସର ବନଖଣ୍ଡର ତାରାସିଂ ବନାଞ୍ଚଳ ଅନ୍ତର୍ଗତ ମାଟିଗାଡିଆ ଗାଁ ନିକଟରୁ, ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଦୁଇ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ । ଘଟଣା ସ୍ଥଳରୁ ଆଉ ଦୁଇ ଶିକାରୀ ଫେରାର ହୋଇ ଯାଇଛନ୍ତି । ଏହାସହ ଗିରଫ ଅଭିଯୁକ୍ତଙ୍କ ଠାରୁ ସମ୍ବର ମାଂସ, ଶିଙ୍ଗ, କାତି ଓ ଟାଙ୍ଗିଆ ଜବତ ହୋଇଛି । ଗିରଫ ମାନେ ହେଲେ, ଜିତୁ ପ୍ରଧାନ ଓ ସୁବାସ ମଳିକ । ପୂର୍ବରୁ ମଧ ଏହି ଅଭିଯୁକ୍ତ ମାନେ, ବନ୍ୟଜନ୍ତୁ ଶିକାର କରୁଥିବା ନେଇ ବନବିଭାଗ ସୂଚନା ଦେଇଛି । ଏନେଇ ତାରାସିଙ୍ଗି ବନାଞ୍ଚଳର କେଶ୍ ନମ୍ବର ୪୦-୪୧-୪୨-୨୫/୨୬ ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି, ଘଟଣାର ଅଧିକ ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି ଏସିଏଫଓ ରଶ୍ମି ରଞ୍ଜନ ସ୍ୱାଇଁ । ଘଟଣା ପ୍ରକାରେ ଶିକାରୀ ମାନେ, ସୁରମଣି ବିଟ୍‌ରେ ଗୋଟିଏ ସମ୍ବର ଶିକାର କରି ଫେରୁଥିବା ବେଳେ ପେଟ୍ରୋଲିଙ୍ଗ୍ କରୁଥିବା ବନ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ । ପରେ ସେମାନଙ୍କୁ ଧରି, ଜେରା ପରେ ସବୁ ଘଟଣା ଜଣା ପଡିଥିଲା। ତେବେ ଏହି ଅଭିଯୁକ୍ତ ମାନେ କ୍ରମାଗତ ଭାବେ ବନ୍ୟଜନ୍ତୁ ଶିକାର କରି ଆସୁଥିବା ନେଇ ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ଠାରୁ ସୂଚନା ମିଳିଛି ।

## ଦର୍ଶକଙ୍କ ମନ ଜିଣିଲା ଐତିହାସିକ ନାଟକ 'ମହାକବି କାଳିଦାସ

ବାରିପଦା, (ସବ୍ୟୁ) : ଗତକାଲି ସହୀଦ ଭବନରେ ରାଉରକେଲାର ଅଗ୍ରଣୀ ନାଟ୍ୟସଂସ୍ଥା ସମ୍ପର୍କର ପ୍ରଯୋଜିତ ଐତିହାସିକ ନାଟକ 'ମହାକବି କାଳିଦାସ ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା । ଭୁବନେଶ୍ୱରର ଅଭିନନ୍ଦନ ଓ ବାରିପଦାର ରୂପାନ୍ତରର ମିଳିତ ଆନୁକୂଲ୍ୟରେ ଆୟୋଜିତ ମଞ୍ଚତୀର୍ଥ ନାଟକ ଉତ୍ସବ ଅବସରରେ ମଞ୍ଚସ୍ଥ ନାଟକଟି ବହୁବର୍ଷ ପରେ ଦର୍ଶକଙ୍କ ମନଙ୍କୁ ଜିଣିନେଇଥିଲା ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୂପନ୍ତରର ଅଧକ୍ଷ ବୀରେନ୍ଦ୍ର ନାଥ ସାହୁ ଓ ପ୍ରତିଷ୍ଠାତା ପରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ । ହରିଶ୍ଚନ୍ଦ୍ର ବେହେରାଙ୍କ ରଚିତ ଏବଂ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକରେ ବିଜୟ କୁମାର ପାତ୍ର, ମୁରଲୀଧର ଦାଶ, ଭାସ୍କର ଚନ୍ଦ୍ର ମହାପାତ୍ର, ବିବେକାନନ୍ଦ ଦାଶ, ସୁରେନ୍ଦ୍ର ପାଢ଼ୀ, ପ୍ରଣବ ପାଣିଗ୍ରାହୀ, ପ୍ରଳୟ ଶତପଥି, ବବିତା ମହାଲିକ, ପୁଷ୍ପା ବିଶୋଇ, ସୁରଭି ରଣା, ସସ୍ମିତା ବେଜ, ଗ୍ରୀଷ୍ମା ତିଓ୍ୱାରୀ, ସ୍ୱନ୍ଦିତା ଖୁଣ୍ଟିଆ ଓ ଭରତ ଚନ୍ଦ୍ର ବେହେରା ନିଖୁଣ ଭାବରେ ଅଭିନୟ କରିଥିଲେ । ମଞ୍ଚ ପରିଚାଳନାରେ ଜଗନ୍ନାଥ ସେଠ ମଞ୍ଚ ସଜ୍ଜାରେ ପ୍ରଳୟ ଶତପଥି, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର, ଆଲୋକରେ ରାଜେଶ ଶତପଥି, ରୂପ ସଜ୍ଜାରେ ମାମା ଚିତ୍ରାଳୟ ଓ ନୃତ୍ୟ ପରିଚାଳନାରେ ସୁଦେଷ୍ଣାରାଣୀ ରାଉତ ସହାୟତା ପ୍ରଦାନ କରିଥିଲେ।

## ସ୍ୱାମୀ-ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ
# ଜେଲ୍ ଗଲା ଅଭିଯୁକ୍ତ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଚଣାବାହାଲ ପଞ୍ଚାୟତ ପୁଡ଼ାପାଲି ଗ୍ରାମରେ ପୁର୍ବ ଶତ୍ରୁତାରୁ ସ୍ୱାମୀ-ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏହି ଘଟଣାରେ ଅଭିଯୁକ୍ତ ଗିରଫ ପରେ ଜେଲ୍ ଯାଇଥିବା ପୁଲିସ ସୂତ୍ରରୁ ଜଣାପଡିଛି। ପୁଡ଼ାପାଲି ଗ୍ରାମର ମୁରଲୀ ନାଏକ(୫୦) ଓ ତାଙ୍କ ସ୍ତ୍ରୀ କମଳେ ନାଏକ(୪୦)ସୋମବାର ଅପରାହ୍ନରେ ତାଙ୍କ ଘରେ ଥିବା ବେଳେ ଗ୍ରାମର ସୀତାରାମ ହଂସ ଘରକୁ ପଶି ଗଣ୍ଡଗୋଳ କରି ଏକ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ମୁରଲୀଙ୍କ ମୁଣ୍ଡ ଫାଟି ଯିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେହିପରି ସ୍ତ୍ରୀ କମଳେଙ୍କ ମଧ୍ୟ ମୁଣ୍ଡ ଫାଟି ରକ୍ତସ୍ରାବ ହେବା ସହ ବାମ ହାତ ଭାଙ୍ଗି ଯାଇଥିଲା। ଉଭୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପଡ଼ିଥିବା ବେଳେ ପୁଅ ନୃପରାଜ(୧୬)ଙ୍କ ସହ ଅନ୍ୟମାନେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଣ୍ଟାବାଞ୍ଜି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବଲାଙ୍ଗିର ଭୀମଭୋଇ ମେଡ଼ିକାଲରେ ସ୍ଥାନାନ୍ତର କରାଯାଇଥିବା ବେଳେ ସେମାନଙ୍କ ଅବସ୍ଥା ସଙ୍କଟାପନ ଥିବା ଜଣାପଡିଛି। ପୁଅ ନୃପରାଜଙ୍କ ଏତଲା ଆଧାରରେ ପୁଲିସ କେଶନ ୧୨୦/୨୫ ଦଫା ୧୨୬(୨),୨୯୬/୧୧୫(୨),୧୧୭(୨),୩୫୧(୨) ବିଏନଏସ ରୁଜୁ କରି ଅଭିଯୁକ୍ତ ସୀତାରାମଙ୍କୁ ଅଟକ ରଖି ଅଧିକ ତଦନ୍ତ କରିଥିଲା। ମଙ୍ଗଳବାର ଅଟକ ଅଭିଯୁକ୍ତ ସୀତାରାମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ୍ ପ୍ରକାଶ କରିଛନ୍ତି।

# ସହରର ବିକାଶ ପାଇଁ ଦିଲ୍ଲୀର ସଂସ୍ଥା ସହ ବୁଝାମଣାପତ୍ର



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ଦିଲ୍ଲୀର ସ୍କୁଲ ଅଫ ପ୍ଲାନିଂ ଆର୍କିଟେକ୍ଟର (ଏସ୍‌ପିଏ) ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଏବଂ ମହାନଗରର ଆଧୁନିକ ଯୋଜନା, ନିରନ୍ତର ଓ ଭିତ୍ତିଭୂମି ଆଧାରିତ ଉଦ୍ଦେଶ୍ୟ ନେଇ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମହାନଗରରେ ସହଯୋଗାତ୍ମକ ଢ଼ାଞ୍ଚା ନିର୍ମାଣ ସକାଶେ ଏସ୍‌ପିଏ ବୈଷୟିକ ଓ ଏକାଡ଼େମିକ୍ ସହାୟତା ଯୋଗାଇ ଦେବା ସ୍ୱତନ୍ତ୍ର ଯୋଜନା, ଭିତ୍ତିଭୂମି ଡିଜାଇନ୍, ଐତିହ୍ୟ କିର୍ତ୍ତୀରାଜିର ସଂରକ୍ଷଣ କ୍ଷେତ୍ରରେ ବୁଝାମଣାପତ୍ର ଅନୁଯାୟୀ ପଦକ୍ଷେପ ନିଆଯିବ। ସମ୍ବଲପୁରକୁ ଏକ ଆଦର୍ଶ ମହାନଗରରେ ରୂପାନ୍ତର କରିବାର ପର୍ଯ୍ୟାପ୍ତ ଦୃଷ୍ଟିକୋଣର ଏହି ବୁଝାମଣାପତ୍ର ଏକ ଅଂଶ ଅଟେ। ଏ ସଂପର୍କରେ ସମ୍ବଲପୁର ମହାନଗର ନିଗମ ଏବଂ ଏସ୍‌ପିଏର ଅଧିକାରୀମାନେ ଉଭୟ ପକ୍ଷଙ୍କ ସହଯୋଗିତା ନେଇ ଆଶା ପ୍ରକଟ କରିଛନ୍ତି। ଭବିଷ୍ୟତକୁ ନଜରରେ ରଖି ସହନୀୟ ଓ ଅନ୍ତର୍ଭୁକ୍ତିକରଣ ମହନାଗର ଗଠନ ଏହି ସହଯୋଗିତାର ଲକ୍ଷ୍ୟ ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଇଛି। ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମ, କ୍ଷେତ୍ର ସ୍ତରରେ ଅଧ୍ୟୟନ, କର୍ମଶାଳା ଏବଂ ସମ୍ବଲପୁରର ଅନନ୍ୟ ଭୌଗୋଳିକ ଓ ସାଂସ୍କୃତିକ ପ୍ରସଙ୍ଗକୁ ନେଇ ସମନ୍ୱିତ ବିକାଶର ରୂପରେଖ ପ୍ରସ୍ତୁତ କରାଯିବ। ସେହିଭଳି ସହରାଞ୍ଚଳ ରୂପାନ୍ତରଣ କ୍ଷେତ୍ରରେ ଏକାଡ଼େମୀ ଉତ୍କର୍ଷତା ସକାଶେ ରାଜ୍ୟ ସରକାରଙ୍କ ଲକ୍ଷ୍ୟକୁ ଚରିତାର୍ଥ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ପ୍ରକାଶ। ବୁଝାମଣା ସ୍ୱାକ୍ଷର ବେଳେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ କମିଶନର ବେଦଭୂଷଣ ଏବଂ ଦିଲ୍ଲୀର ସ୍କୁଲ ଅଫ ପ୍ଲାନିଂ ଆର୍କିଟେକ୍ଟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ମାନେଶ୍ୱର ବ୍ଲକରେ ଜନ ଅଭିଯୋଗ ଶୁଣାଣି



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ ଦେଇ ଶୁଣାଣି କରିଥିଲେ । ମୋଟ ୧୩ଟି ଆବେଦନ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୧ଟି ବ୍ୟକ୍ତିଗତ ଓ ୨ଟି ଗ୍ରାମ୍ୟ ସମସ୍ୟା ସହ ଜଡିତ ଥିଲା । ତେବେ ୧ଟି ଅଭିଯୋଗର ଶୁଣାଣି କରି ସମାଧାନ କରାଯାଇଥିଲା । ଏହି ଅବସରରେ ତମାଖୁ ନିଷେଧ ସଚେତନତା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଥିଲା ।

## ଜେଜେବାପା ତିରୁପତିଙ୍କୁ ଚିଠି ଲେଖିଲା ନାତୁଣୀ
# ଅସ୍ତ୍ର ଛାଡ଼, ଘରକୁ ଫେରିଆସ

ମାଲକାନଗିରି,(ସବ୍ୟୁ): ପ୍ରିୟ ଜେଜେବାପା ପ୍ରଣାମ। ମୋତେ ସବୁବେଳେ ଆପଣଙ୍କ ସହ ମିଶିବାକୁ ଇଛା ହେଉଥିଲେ ମଧ୍ୟ ଏଭଳି ସୁଯୋଗ ମୋତେ ଆଜି ପର୍ଯ୍ୟନ୍ତ ମିଳିଲା ନାହିଁ। ମୁଁ ଯେତେବେଳେ ଗଣମାଧ୍ୟମରେ ଆପଣଙ୍କ ସମ୍ପର୍କରେ ପଢେ ମୋତେ ବହୁତ ଗର୍ବ ଲାଗେ। ଏଥିସହ ମନରେ ଭୟ ଓ ଆତଙ୍କ ମଧ୍ୟ ଖେଳିଯାଏ। ଆଉ ବର୍ତ୍ତମାନର ଘଟଣା ଯେଭଳି ରହିଛି ତାକୁ ଦେଖି ବହୁତ ଦୁଃଖି ହେଉଛି। ଆପଣ କେମିତି ଅଛନ୍ତି ଜେଜେବାପା। ମୁଁ ଆପଣଙ୍କ ବହୁତ ଭଲ ପାଉଛି। ତେଣୁ ଏହି କଠିନ ସମୟରେ ତୁମେ ସବୁ ଛାଡି ଘରକୁ ଫେରିଆସ। ପରିବାରରେ ଏମିତି ସଦସ୍ୟ ରହିଛନ୍ତି ,ଯେଉଁମାନେ ତୁମକୁ ବର୍ଷ ବର୍ଷ ଧରି ଅପେକ୍ଷା କରି ରହିଛନ୍ତି। ଆମେ ସବୁ ତୁମର ଫେରିବା ବାଟକୁ ଅନେଇ ବସିଛୁ। ଆପଣ ଚିନ୍ତା କରନ୍ତୁ ଯେ ଏତେ ବର୍ଷ ଭିତରେ କଣ ସବୁ ଘଟିଯାଇଛି। ଆପଣ କେତେ ପରିଶ୍ରମ କରୁନଥିବେ। ଆପଣ ସଂଗଠନ ପାଇଁ ବହୁତ କିଛି କରିଛନ୍ତି। ଅପରେସନ କଗାରକୁ ନେଇ ମଧ୍ୟ ପ୍ରଶ୍ନ କରିଛନ୍ତି ନାତୁଣୀ। ବାଙ୍ଗାଲଦେଶ ଏବଂ ପାକିସ୍ତାନରୁ ଦେଶ ଭିତରକୁ ପଶୁଥିବା ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଉ ନାହିଁ କାହିଁକି। ମାଓବାଦୀଙ୍କୁ ନିର୍ମମ ହତ୍ୟା ଏବଂ ଯବାନ ମିଠା ଖାଉଥିବା ଦେଖି ମୋତେ ବହୁତ ଦୁଃଖ ଲାଗୁଛି। ନାତୁଣୀ ହୁମା ଦୁଃଖର ସହ ଲେଖୁଥିବା କହିବା ସହ ତୁମକୁ ଆମେ ଦ୍ୱାର ମୁହଁରେ ଜଗିଛୁ। ତୁରନ୍ତ ଫେରିଆସ। ଏହି ଲେଖା ଥିଲା ନାତୁଣୀ ହୁମାର ମାଓ ସଂଗଠନର ଆଗ ଧାଡିର ନେତା ଦେବଜୀ ଅରଫ ଥିପରି ତିରୁପତିଙ୍କ ପାଇଁ। ତାଙ୍କ ନାତୁଣୀ ହୁମା ଚିଠି ଲେଖି ଅସ୍ତ୍ର ଛାଡି ଘରକୁ ଫେରି ଆସିବାକୁ ଅନୁରୋଧ କରିଛନ୍ତି । ବାସବରାଜଙ୍କୁ ଗତ ୨୧ ତାରିଖରେ ଏନକାଉଣ୍ଟରରେ ମରିବା ପରେ ମାଓନେତା ତିରୁପତି ମହାସଚିବ ଦୌଡରେ ସାମିଲ ଅଛନ୍ତି। ଦୀର୍ଘ ଦିନ ହେଲା ପରିବାର ଲୋକେ ତୁମର ଫେରିବା ବାଟକୁ ଅନେଇ ବସିଛନ୍ତି ବୋଲି ଚିଠିରେ ଦୁଃଖର ସହ ଲେଖିଛନ୍ତି ନାତୁଣୀ ହୁମା।

ମାଓ ନେତା ତିରୁପତି ଅରଫ ଶିବାଜୀ ଅରଫ ଦେବାନ୍ନ ଅରଫ ରାମେଶର ଘର ତେଲେଙ୍ଗାନା ରାଜ୍ୟର କରିମନଗର ଜିଲ୍ଲାର ଆମ୍ବେଦନଗର ଗ୍ରାମରେ। ୬ଟି ରାଜ୍ୟର ପୁଲୁସ ତିରୁପତି ଅରଫ ଦେବଜୀ ଅରଫ ଦେବନ୍ନାକୁ ଖୋଜୁଛି। ତିରୁପତି ନାମରେ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରହିଛି। ଗତ ୪ ଦଶନ୍ଧିରୁ ଅଧିକା ସମୟ ଧରି ସଂଗଠନରେ ସକ୍ରିୟ ରହିଛନ୍ତି। ଏହି ଚିଠି ନିଶ୍ଚିତ ତିରୁପତିଙ୍କ ମନକୁ ବଦାଇବ ବୋଲି ଆଶଙ୍କା କରାଯାଉଛି। ହୁଏତ ଏହି ଚିଠି ପାଇବା ପରେ ତିରୁପତି ସଂଗଠନ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି ।

# ଭଲ୍‌ବୋ ବସ୍ ଟାୟର ଫାଟି ଦୁର୍ଘଟଣା

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡିରୁ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରକୁ ଯାଉଥିବା ଓଏସଆରଟିସିର ଏକ ଭଲଭୋ ବସ୍ ଟାୟାର ବିସ୍ଫୋରଣ ହୋଇଥିଲା । ଏହି ଅଘଟଣ ଯୋଗୁଁ କୌଣସି ଯାତ୍ରୀଙ୍କୁ କ୍ଷତି ହୋଇନାହିଁ । ବସ୍ (ଓଡି-୦୨-ସିକ୍ସ-୩୩୪୬)ଟି ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡିରୁ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଗଂଜାମ ଜିଲ୍ଲାର ତପ୍ତପାଣି ଘାଟି ପହଞ୍ଚିବା ପୂର୍ବରୁ ବସ୍ ପଛପଟର ଏକ ଟାୟାର ଫାଟି ଯାଇଥିଲା। ତେବେ ଡ୍ରାଇଭର ଜଣକ ଉପସ୍ଥିତ ବୁଦ୍ଧି ଖଟାଇ ବସଟିକୁ ରାସ୍ତାପାର୍ଶ୍ୱକୁ ଆଣି ରଖିଥିଲେ। ପରେ ଟାୟର ପରିବର୍ତ୍ତନ କରି ଗନ୍ତବ୍ୟସ୍ଥଳ ବ୍ରହ୍ମପୁର ଅଭିମୁଖେ ବସ ଯାଇଥିଲା। ବସରେ ଥିବା ୫୨ଜଣ ଯାତ୍ରୀ, ୨ଜଣ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଜୀବନ ବଂଚିଯାଇଛି। ଏପରିକି ବସରୁ ଯାତ୍ରୀମାନେ ଓହ୍ଲାଇ ସମସ୍ତ ଚକର ଟାୟର ଯାଞ୍ଚ କରିଥିଲେ। ସବୁ ଟାୟରରୁ ଲୁହା ତାର ବାହାରକୁ ବାହାରି ପଡ଼ିଥିବା ଦେଖିଥିବା କହିଛନ୍ତି ଯାତ୍ରୀ । ଟାୟାର ଭଲ ନଥିବାରୁ ଗତକାଲି ଚନ୍ଦାହାଣ୍ଡିରୁ ବାହାରି ଧୀରେ ସୁସ୍ଥେ ନବରଙ୍ଗପୁରରେ ବସ ପହଞ୍ଚିଥିଲା।

ତେବେ ଯାତ୍ରୀମାନେ ଟାୟାର ଯାଂଚ ନ କରି ବସରେ ବସିଥିଲେ। ସଂଧ୍ୟା ୮ଟା ୧୫ରେ ନବରଙ୍ଗପୁରରୁ ବାହାରୁଥିବା ବସଟି ୯ଟା ଏବଂ ଜୟପୁରରେ ୧୦ଟା ୧୫ରେ ଛାଡିବା ବସ ୧୧ଟା ବେଳେ ଛାଡିଥିଲା। ଟାୟର ଭଲ ନଥିବାରୁ ଯାତ୍ରୀ ମାନେ ସରକାରୀ ବସରେ ଯାତ୍ରା କରିବେ ନା ନାହିଁ ଚିନ୍ତାରେ ପଡ଼ିଛନ୍ତି। ଗତ କିଛି ଦିନ ହେବ ବାରମ୍ବାର ବସର ଚାଳକ ଓ କଣ୍ଡକ୍ଟର ଆଦି ବିଭାଗୀୟ ପରିଚାଳନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବି ଟାୟର ନ ବଦଳାଇବା ପଛରେ କଣ ରହସ୍ୟ ରହିଛି ବୋଲି ଯାତ୍ରୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। କିଛି ଅଘଟଣ ହୋଇଥିଲେ ବିଶ୍ୱାସରେ କିଏ ଏହି ବସରେ ଯାତ୍ରା କରିଥାନ୍ତେ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏପରି ଅବହେଳା ପାଇଁ କିଏ ଦାୟୀ ବୋଲି ଯାତ୍ରୀ ମାନେ ପ୍ରଶ୍ନ କରିଛନ୍ତି ।

## ଆଦିବାସୀ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ
## ବାପ-ପୁଅ କୋର୍ଟ ଚାଲାଣ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ଲଖନା ଥାନା ଅନ୍ତର୍ଗତ ପୁରୁଣା ଲଖନାର ଆଦିବାସୀ ଯୁବକଙ୍କୁ ଅନ୍ୟ ଏକ ପରିବାର ସଂଘବଦ୍ଧ ମରଣାନ୍ତକ ଆକ୍ରମଣ କରିଛନ୍ତି । ଆକ୍ରମଣର ୫ଦିନ ପରେ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ, ପୁରୁଣା ଲଖନା ବାସିନ୍ଦା ଆଦିବାସୀ ଯୁବକ ଅର୍ଜ୍ଜୁନ ମାଝି (୪୬) ନିକଟସ୍ଥ ଲଖନା ଗ୍ରାମକୁ ଯାଇ ଫେରୁଥିବା ବେଳେ ମୋତିଲାଲ ସାହୁ ଓ ତାଙ୍କ ପୁଅ, ଦୁଇ ଝିଅ ଏବଂ ସ୍ତ୍ରୀ ସଂଘବଦ୍ଧ ଭାବେ ବାଡି ଓ କ୍ରିକେଟ ବେଟରେ ୫୦ ରୁ ୬୦ ବେଟ ମାଡ ମାରି ଲହୁଲୁହାଣ କରିଥିଲେ। ଖବର ପାଇ ପରିବାର ଲୋକେ ଉଦ୍ଧାର କରି ପୋଲିସ ଥାନା ରେ ଏତଲା ଦେଇଥିଲେ। ପୋଲିସ୍ ଅର୍ଜୁନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରିଥିଲେ। ପୁଣି ସେହିଦିନ ରାତିରେ ଅର୍ଜ୍ଜୁନଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ଚିକିତ୍ସାଳୟକୁ ଆଣି ସିଟି ସ୍କାନ କରି ଭର୍ତ୍ତି କରିଥିଲେ। ଉପରୋକ୍ତ ଘଟଣା ରେ ଜିଲ୍ଲା ଆଦିବାସି ସଂଘ ଉଦବେଗ ପ୍ରକାଶ କରି ଏକ ପ୍ରତିନିଧି ଦଳ ଜିଲ୍ଲା ଚିକିତ୍ସାଳୟକୁ ଯାଇ ଅର୍ଜୁନର ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ । ସେମାନେ ପୋଲିସ ଷ୍ଟେସନ ଲଖନାକୁ ଯାଇ ଅର୍ଜୁନ ଆକ୍ରମଣକାରୀଙ୍କୁ ଗିରଫ ଦାବି କରିଥିଲେ । ନହେଲେ ଜିଲ୍ଲା ଆଦିବାସୀ ସଂଘ ୧୦ ଜୁନ ୨୦୨୫ ଦିନ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବା ଚେତାବନୀ ଦେଇଥିଲେ । ଲଖନା ପୋଲିସ ଷ୍ଟେସନ କେସ ନମ୍ବର ୩୯ ଉପରୋକ୍ତ ଘଟଣାରେ ପିତା ମୋତିଲାଲ ସାହୁ ଓ ପୁଅ ରାଜୁ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

## ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ, କନେଷ୍ଟବଳ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବରେଇପାଲି ଥାନା ଅନ୍ତର୍ଗତ ଜଣେ ୧୪ ବର୍ଷିୟ ନାବାଳିକାଙ୍କ ସହ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ପୋଲିସ କନେଷ୍ଟବଳ ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତ ଜଣକ ବିରଞ୍ଚି ମୁଣ୍ଡା(୩୫) ବୋଲି ଜଣାପଡିଛି। ଏନେଇ ବରେଇପାଲି ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କନେଷ୍ଟବଳଙ୍କୁ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ବିରଞ୍ଚି ପୀଡ଼ିତାଙ୍କ ସମ୍ପର୍କୀୟ ହେବେ । ସମ୍ବଲପୁର ଶୀତଲଷଷ୍ଠୀ ଯାତ୍ରା ଦେଖାଇ ନେବା ବାହାନାରେ ସେ ନାବାଳିକାକୁ ନିଛାଟିଆ ସ୍ଥାନକୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ । ମାତ୍ର ଝିଅଟି ସେଠାରୁ କୌଣସି ମତେ ଖସି ଆସି ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ପଡ଼ାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ସହ ସ୍ଥାନୀୟ ପଡ଼ାବାସୀ ଏନେଇ ବରେଇପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ପୋଲିସ ଖାକିରେ ଦାଗ ଲାଗିଥିବା ବେଳେ ଅଭିଯୁକ୍ତ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି ।

## ଲଘୁଚାପ ପ୍ରଭାବରେ ବର୍ଷା
# ବିଲରେ ଗଜାହେଲା ପାଚିଲା ଧାନ

ଟିଟିଲାଗଡ଼,(ସବ୍ୟୁ): ଲଘୁଚାପ ବର୍ଷାରେ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଗ୍ରାମାଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଛି । ବିଲରେ ପାଚିଲା ଧାନ ଓଦା ହୋଇ ଗଜା ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଋଣ କରି ଧାନ ଫସଲ କରିଥିବା ଚାଷୀ କିପରି କରଜ ଶୁଝିବେ , ପରିବାର ପ୍ରତିପୋଷଣ କିପରି କରିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । ପାଚିଲା ଧାନ ବିଲରେ ପଡ଼ିଛି। କଟା ଧାନ ମଧ୍ୟ ଖଳାରେ ଅମଳ ହୋଇପାରିନି। ଲଗାଣ ବର୍ଷାରେ ଧାନ ଓଦା ହୋଇ ଗଜା ହୋଇଗଲା। ଏବେ ମୁଣ୍ଡରେ ହାତ ଦେଇଛନ୍ତି ଚାଷୀ। ଟିଟିଲାଗଡ଼ ଉପଖଣ୍ଡ ବିଭିନ୍ନ ଅଞ୍ଚଳରେ ହଜାର ହଜାର ଏକର ଜମିରେ ଚାଷୀ ଧାନ ଚାଷ କରିଥିଲେ । ହେଲେ ଠିକ ଅମଳ ସମୟରେ ଲଘୁଚାପ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି ।ଅନେକ ଜମିରେ ପାଚିଲା ଧାନଗଛ ପାଣିରେ ବୁଡି ରହିଛି। ଉଜୁଡ଼ା କ୍ଷେତକୁ ଦେଖି ଚାଷୀଙ୍କ ମୁଣ୍ଡରେ ଭାଲେଣି ପଡିଲାଣି।

ଖଳାରେ ପଡିଥିବା ଧାନ ମଧ୍ୟ ଗଜା ହୋଇଯାଇଛି । ଚାଷୀ ଭାବିଥିଲେ ଫସଲ ଅମଳ କରିବେ ମଣ୍ଡିରେ ଧାନ ବିକ୍ରି କରି ପରିବାର ପ୍ରତିପୋଷଣ କରିବେ । ଧାନର ମାନ ଠିକ ନଥିବା ଦେଖି ମିଲର ଓ ପ୍ରାଥମିକ ସମବାୟ ସମିତି କଟନି ଛଟନି କରିବେ। ଏଭଳି ସ୍ଥିତିରେ ସରକାର ଚାଷୀ ମାନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ଜୋର ଧରିଛି । ଚାଷୀଙ୍କୁ କେବେ ସହାୟତା ଯୋଗାଇ ଦିଆଯାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି ।

# ବୋରିଗୁମ୍ମା ପଞ୍ଚାୟତ ସମିତି ବୈଠକ



ବୋରିଗୁମ୍ମା,(ସବ୍ୟୁ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକଙ୍କ ସଭାପତିତ୍ୱରେ ବୈଠକରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ବାହିନୀପତି ପ୍ରଥମେ ସ୍ୱାସ୍ଥ୍ୟ ବିଭାଗ ଠାରୁ ରିପୋର୍ଟ ମାଗିଥିଲେ। ବର୍ଷା ଦିନ ଆସୁଥିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ଆଗତୁରା କଣ କଣ ପଦକ୍ଷେପ ନେଇଛନ୍ତି ପଚାରି ବୁଝିଥିଲେ। ଗାଁ ଗାଁ ରେ ଡିଡିଟି ଓ ବ୍ଲିଚିଂ ପାଉଡର ସିଞ୍ଚନ ସହ ପର୍ଯ୍ୟାପ୍ତ ମାତ୍ର ରେ ଓଆରଏସ ଓ ହେଲଜେନ ବଟିକା ମହଜୁଦ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ହରିଶ୍ଚନ୍ଦ୍ର ଯୋଜନାରେ କାହିଁକି ମୃତକଙ୍କ ପରିବାରକୁ ୨ହଜାର ଟଙ୍କା ଦିଆଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ପରେ ସମ୍ମନିତ ଶିଶୁ ବିକାଶ ବିଭାଗର ସମୀକ୍ଷା କରିଥିଲେ। ଛୋଟ ପିଲା ମାନଙ୍କୁ ଦିଆଯାଉଥିବା ଛତୁଆ ରିସାଇକଲିଂ ହେଉଛି ବୋଲି ଅଭିଯୋଗ କରିଥିଲେ। ବୈଠକରେ ଉପସ୍ଥିତ ସିଡ଼ିପିଓ ଗାୟତ୍ରୀ ବାହିନୀପତି ବୋରିଗୁମ୍ମା ବ୍ଲକରେ ୭୭ ଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ପୂର୍ତ୍ତ ବିଭାଗ, ମୃତ୍ତିକା , କୃଷି , ଉଦ୍ୟାନ, ବନ, ପାନୀୟ ଜଳ ବିଭାଗ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଥିଲେ। ବ୍ଲକ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ସମିତି ବୈଠକକୁ ପରିଚାଳନା କରିଥିବା ବେଳେ ବୈଠକରେ କୋରାପୁଟ ସାଂସଦଙ୍କ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ରାମେଶ୍ୱର ଜେନା, ବ୍ଲକ ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ନୃସିଂହ ନାଥ ଶତପଥୀ, ପ୍ରସାଦ ବିଡିକା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡ଼. ପ୍ରବୀଣ କୁମାର, ଡ଼.ଦିଲ୍ଲୀପ କୁମାର ନାଥ, ବିପିଏମ ସରୋଜ ମହାପାତ୍ର, ସିଡ଼ିପିଓ ଗାୟତ୍ରୀ ବାହିନୀପତି, ମୃତ୍ତିକା ବିଭାଗ ର ନିର୍ମଳ ଜେନା,ବନ ବିଭାଗର ଉମ୍ବରୁଧର ଗମାଙ୍ଗ, ଟାଟା ପାୱାର ରଏସ୍ତିଓ ଚନ୍ଦ୍ରକାନ୍ତ ମହାନ୍ତି,କନିଷ୍ଠ ଯନ୍ତ୍ରୀ ଶଙ୍କର ଜେନା, ଉଦ୍ୟାନ ବିଭାଗ ର ବିଜୟ ମାହୁନ୍ତ, ଲ୍ୟାମ୍ପ ର ପରିଚାଳନା ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର, ଏଇଇ ପ୍ରକାଶ ପ୍ରଧାନ, ଏଇ ସତ୍ୟନାରାୟଣ ସେଠୀ, ଏବିଡ଼ିଓ ମାଧୁରୀ ଆଚାରୀଙ୍କ ସହ ବ୍ଲକ ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ।

# ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ସମ୍ପନ୍ନ



ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ଅନ୍ତର୍ଗତ ଐତିହାସିକ ବାମଣ୍ଡା ଗଡ଼ଜାତର ପ୍ରାଚୀନତମ ଶୈବପୀଠରେ ଶୀତଳଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ବୈଦିକ ଓ ଲୋକ ପରମ୍ପରା ଅନୁସାରେ ଗତ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ପୂର୍ବାହ୍ନରେ ବାବା ଶଗଡେଶ୍ୱର ଓ ମାତା ପାର୍ବତୀଙ୍କ ତୈଳାଭିଷେକ, ହରିଦ୍ରା ଲେପନ ସମାପନ ହୋଇଥିଲା। ପରେ ମାତା ପାର୍ବତୀଙ୍କ ପିନ୍ଧାଣି ବା ପତରପେଣ୍ଡି କାର୍ଯ୍ୟ ନିଷ୍ପାଦନ କରାଯାଇଥିଲା। ଅପରାହ୍ନରେ ବାବା ଶଗଡେଶ୍ୱର ବିରାଟ ପଟୁଆରରେ ଆସି ଭକ୍ତ ଶ୍ରଦ୍ଧାଳୁଙ୍କ ହରି ବୋଲ, ହୁଳହୁଳି ଓ ଜୟଘୋଷର ଭକ୍ତିମୟ ପରିବେଶରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅକ୍ଷୟ ପଟେଲ ଓ ଧର୍ମପତ୍ନୀ କନ୍ୟା କର୍ତ୍ତା ତଥା ରବୀନ୍ଦ୍ର ନାରାୟଣ ପରିଡ଼ା ଓ ଧର୍ମପତ୍ନୀ ବର କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ, ଏସପି , କୁଚିଣ୍ଡା ଉପଜିଲ୍ଲାପାଳ, ଜମନକିରା ବିଡ଼ିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଶୀତଳଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ କମିଟି ପକ୍ଷରୁ ମନ୍ଦିରର ଉନ୍ନତିକରଣ ପାଇଁ ମନ୍ଦିରକୁ ନିୟମିତ ସରକାରୀ ଅନୁଦାନ ପ୍ରଦାନ, ଫରେଷ୍ଟ ପାର୍କ ନିର୍ମାଣ, ମନ୍ଦିର ସନ୍ନିକଟ ଶ୍ମଶାନ ଘାଟ ନିର୍ମାଣ ଓ ଡିମିରିମୁଣ୍ଡା ବସ୍ ଷ୍ଟାଣ୍ଡଠାରେ ଏକ ଭବ୍ୟ ସୁବିଧା କେନ୍ଦ୍ର ନିର୍ମାଣ ଆଦି ଦାବି ସମ୍ବଳିତ ଦାବିପତ୍ର କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା।

ଦ୍ୱିତୀୟ ଦିନ ଦେବ ଦମ୍ପତି ଏକ ଭବ୍ୟ ପଟୁଆରରେ ବାହାରି ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ସତ୍ୟ ନାରାୟଣ ପୂଜା ପରେ ଦେବ ଦମ୍ପତିଙ୍କ ଗୃହ ପ୍ରବେଶ କରିଥିଲେ ।ପରେ ଉପଖଣ୍ଡର ବୃହତ୍ତମ ମୁକ୍ତ ମଞ୍ଚରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଦର୍ଶକଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ମାନିତ ଅତିଥି ଟଙ୍କିକିଆ କ୍ଲିନିକର ସଂସ୍ଥାପକ ଡାକ୍ତର ରାମଚନ୍ଦାନୀ ଓ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଶଶିଭୂଷଣ ବଢେଇଙ୍କୁ ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସମାଜସେବୀ ବିଜୟ କୁମାର ମହାନ୍ତି ସମ୍ମାନୀତ କରିଥିଲେ । କାର୍ଯକ୍ରମ ସଂଯୋଜକ ମଳୟ ବେହେରା ସଂଯୋଜନା କରିଥିଲେ। ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ ସଭାପତି ନୃପଲାଲ ପଳେଇ,ମନ୍ଦିର ପରିଚାଳନା କମିଟିର ସଭାପତି ରୁଦ୍ରନାରାୟଣ ବେହେରା ,ସମ୍ପାଦକ ସୁମନ୍ତ ବେହେରା, କୋଷାଧ୍ୟକ୍ଷ ରତନ ଲାଲ ସିଂ,ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର

କୋରାପୁଟ,(ସବ୍ୟୁ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଏବଂ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଏବଂ କୋରାପୁଟ ଏସପି ରୋହିତ ବର୍ମାଙ୍କ ଉପସ୍ଥିତିରେ ମିଳିତ ଅଭିଯୋଗ ଶୁଣାଣୀ ଶିବିରରେ ୧୦ ଟି ଅଭିଯୋଗ ଶୁଣାଣୀ ହୋଇଥିଲା। ଏଥିରେ ବ୍ୟକ୍ତିଗତ ୭ ଟି ରହିଥିବା ବେଳେ ୩ ଟି ଗୋଷ୍ଠୀଗତ ଅଭିଯୋଗ ଶୁଣାଣୀ କରାଯାଇଥିଲା। ବିଶେଷକରି ରାସ୍ତା ସମସ୍ୟା,ଘର ଡିହ ପାଇଁ ଜମି ଯୋଗାଇବା ଭଳି ଅଭିଯୋଗ ଆସିଥିଲା। କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବରୋଦା କାନ୍ତ ମିଶ୍ରଙ୍କ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି,ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରୀପାଠୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଉପସ୍ଥିତ ଥିଲେ। କୋରାପୁଟ ବ୍ଲକ ଅନ୍ତର୍ଗତ ଧଉଡାପଦର ଗ୍ରାମର ୧୦ ଜଣଙ୍କୁ ପିଏମ ଆବାସ ଯୋଜନାରେ ଘର ନିର୍ମାଣ କରିବାକୁ ୨ ବର୍ଷ ତଳେ କାର୍ଯ୍ୟାଦେଶ ଆସିଥିଲେ ସୁଦ୍ଧା ନିଜସ୍ୱ ଜମି ନ ଥିବାରୁ ଗୃହ ନିର୍ମାଣ କରି ନ ପାରି ବହୁ ଅସୁବିଧାରେ ଜୀବନଯାପନ କରୁଥିବା ୱାର୍ଡ ମେମ୍ବର ଜୟନ୍ତୀ ମୁଦୁଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥି ନିମନ୍ତେ ଅନେକ ବାର ପଲ୍ଲୀସଭା, ଗ୍ରାମସଭା ଏବଂ ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଘରଡ଼ିହ ପଟ୍ଟା ନ ମିଳିବାରୁ ବାଧ ହୋଇ ଜିଲ୍ଲାପାଳଙ୍କୁ ଗୁହାରୀ କରିବାକୁ ଆସିଛୁ ବୋଲି ସେ କହିଛନ୍ତି। ଏକ ମାସ ମଧ୍ୟରେ ଜମି ପ୍ରଦାନ କରିବାକୁ ତହସିଲଦାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। କୋରାପୁଟ ବ୍ଲକ ଅନ୍ତର୍ଗତ ବଗେଇପଦରରୁ ପୁରୁଣା ବଗେଇପଦର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରିବାକୁ ବାରମ୍ବାର ଅବଗତ କରାଯାଉଥିଲେ ସୁଦ୍ଧା କେହି କର୍ଣ୍ଣପାତ ନ କରିବାରୁ ବାଧ ହୋଇ ଜିଲ୍ଲାପାଳଙ୍କୁ ନିବେଦନ କରିବାକୁ ପଡ଼ିଲା ବୋଲି ଗ୍ରାମର ଲଛମା ଜାନୀ କହିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ପର୍ଯ୍ୟନ୍ତ ଗୁହାରୀ କଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପକ୍କା ରାସ୍ତା ନ ଥିବାରୁ ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି ଅଙ୍ଗନୱାଡ଼ି ଏବଂ ସ୍କୁଲକୁ ଯାଉଥିବା ପିଲାମାନେ ବହୁ ଅସୁବିଧାରେ ଯିବା ଆସିବା କରୁଛନ୍ତି ବୋଲି ସେ କହିଛନ୍ତି। ବର୍ଷା ହେଲେ ଚାଲିବା ବହୁ କଷ୍ଟ ହୋଇପଡିବ । ପକ୍କା ରାସ୍ତା ନିର୍ମାଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।ଏବେ ପକ୍କା ରାସ୍ତାଟିଏ ନିର୍ମାଣ ହେବ ବୋଲି ସେ ଆଶା ରଖିଛନ୍ତି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ସମ୍ଭାବ୍ୟ ବନ୍ୟା, ବାତ୍ୟାର ମୁକାବିଲା ନେଇ ପ୍ରସ୍ତୁତ ରୁହ



ବଲାଙ୍ଗିର,(ସବ୍ୟୁ): ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଓସ୍ମାନ ହଲ ଠାରେ ଆଭାସୀ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ , ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୌରପରିଷଦ ପୌରାଧ୍ୟକ୍ଷା ଲିକା ସାହୁ , କଣ୍ଟାବାଞ୍ଜି ବିଧାୟକଙ୍କ ପ୍ରତିନିଧି, ବଲାଙ୍ଗିର ଏସପି ଅଭିଲାଷ ଜି , ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ,ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତରଣି ସୁନା, ବଲାଙ୍ଗିର ଉପ ଜିଲ୍ଲାପାଳ ଆଲୋକ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଅଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ବ୍ଲକରୁ ପଞ୍ଚାୟତ ସମିତିର ଅଧ୍ୟକ୍ଷ,ଅଧ୍ୟକ୍ଷା ,ପୌର ପରିଷଦ ଓ ଏନଏସି ର ଅଧ୍ୟକ୍ଷ,ଅଧ୍ୟକ୍ଷା ,ବିଡିଓ ,ତହସିଲଦାର ତଥା ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଡ଼ି ହୋଇଥିଲେ । ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା ,ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀ ମାନେ ସଜାଗ ରହିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିହଦେଓ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା ,ବାତ୍ୟାର ମୁକାବିଲା ନିମନ୍ତେ ଜିଲ୍ଲାରେ ପ୍ରାକ ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବୈଠକରେ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ବନ୍ୟା,ବାତ୍ୟା ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ସ୍ଥାନ ଚିହ୍ନଟ କରିବା ସହ ସମସ୍ତ ଜରୁରୀକାଳିନ ସାମଗ୍ରୀ ମହଜୁଦ ରଖିବାକୁ ସେ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦେଇଥିଲେ । ଚୂଡା,ଗୁଡ, ଚାଉଳ ଆଦି ଯଥେଷ୍ଟ ପରିମାଣରେ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ଏହି ସମୟରେ ଲୋକମାନଙ୍କ ସ୍ୱାସ୍ଥ୍ୟ ଠିକ ରଖିବାକୁ ପାଣି ଟେଷ୍ଟ ଉପରେ ଗୁରୁତ୍ୱ ଦେବା, ଡାଇରିଆ ପାଇଁ ସତର୍କତା ଅବଲମ୍ବନ କରିବା, ଅସ୍ଥାୟୀ କ୍ୟାମ୍ପ ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଦି କରିବାକୁ କହିଥିଲେ । ସେହିପରି ପାନୀୟ ଜଳ ଯାଉଥିବା ପାଇପ ଗୁଡିକ ଡ୍ରେନ ଠାରୁ ଦୂରେରେ ରଖିବାକୁ ସମ୍ପୃକ୍ତ ଅଧିକାରୀଙ୍କ ନିର୍ଦ୍ଦେଶ ଦେଇଥିଲେ । ଜଳବନ୍ଦୀ ଜାଗା ଗୁଡିକରେ ପମ୍ପ ରଖି ଯଥା ଶୀଘ୍ର ଜଳ ନିଷ୍କାସନ ପାଇଁ ଧ୍ୟାନ ଦେବାକୁ କହିଥିଲେ । ତହସିଲଦାର ମାନେ ଜରି ଷ୍ଟକ ରଖିବା ସହ ଜରୁରୀ ସମୟରେ ବ୍ୟବହାର କରିବାକୁ କହିଥିଲେ । ବିଦ୍ୟୁତ ବିଭାଗ କୁ ବିଦ୍ୟୁତ କାଟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପାଣି ଜମିରହୁଥିବା ସ୍ଥାନ ଗୁଡିକୁ ଚିହ୍ନଟ କରି ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ,ବର୍ଷା ପୂର୍ବରୁ ସମସ୍ତ ନାଳ ଗୁଡିକୁ ସଫା କରିବା ,ବଲାଙ୍ଗିର ପୌର ପରିଷଦ ଅନ୍ତର୍ଗତ ଲକ୍ଷ୍ମୀଜୋରର ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମ୍ପୂର୍ଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ଔଷଧ ରଖିବା ଓ ଟୀକାକରଣ କରିବାକୁ ସିଡିଭିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟାପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡକାୟତି ଗ୍ୟାଙ୍ଗର ୫ ଗିରଫ

# ବିଦେଶୀ ନୋଟ ସହ ରୂପା ଅଳଙ୍କାର ଜବତ



ରାୟଗଡା,(ସବ୍ୟୁ): ଆନ୍ତଃ ରାଜ୍ୟ ଡକାୟତି ଗ୍ୟାଙ୍ଗର ୫ ସଦସ୍ୟ ଗିରଫ । ବିଦେଶୀ ନୋଟ ସହ ରୂପା ଅଳଙ୍କାର ଆଦି ସେମାନଙ୍କ ଠାରୁ ଜବତ ହୋଇଛି । ବିଲାସପୁରରେ ଯୋଜନା କରି ରାୟଗଡ଼ା କାର୍ଯ୍ୟକାରୀ କରିଥିବା ତିନୋଟି ରାଜ୍ୟର ଡକାୟତି ଗ୍ୟାଙ୍ଗ ଗିରଫ କରିଛି ପୁଲିସ। କେବଳ ସିସିଟିଭି ଦ୍ୱାରା ସଫଳତା ମିଳିଥିବା ବେଳେ ସହରରେ ରାସ୍ତା କଡ଼ରୁ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରିବା ବାହାନାରେ ଘର ତାଲା ପଡିଥିବା ଦେଖି ରାତିରେ ଚୋରିର କାର୍ଯ୍ୟକାରୀ କରିବାରେ ସଫଳ ହେଉଥିଲେ ଏହି ଗ୍ୟାଙ୍ଗ ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ।

ରାୟଗଡ଼ା ସଦର ମହକୁମା ଜଗନ୍ନାଥ ମନ୍ଦିର ନିକଟରେ ଭଡ଼ା ଘରେ ରହି ରାସ୍ତା କଡରେ ଥିବା ବଟଲ ସଂଗ୍ରହ କରିବା ବାହାନାରେ ତାଲା ପଡ଼ିଥିବା ଘରଗୁଡ଼ିକୁ ଚିହ୍ନିତ କରନ୍ତି। ପରେ ରାତିରେ, ସେମାନେ ପୂର୍ବରୁ ଚିହ୍ନିତ ହୋଇଥିବା ବନ୍ଦ ଘରେ ଚୋରି କରନ୍ତି। ପଶ୍ଚିମବଙ୍ଗର ଅସ୍ରାଫୁଲ୍ ଶେଖ୍ (୨୩), ମଧ୍ୟପ୍ରଦେଶର ରୋନି ଶେଖ (୩୨), ଛତିଶଗଡ଼ର ମହମ୍ମଦ ଆଲ୍ଲାମିନ (୨୭), ଶେଖ ବାବୁ (୨୯) ଏବଂ ସମୀର ଶେଖ (୩୪) ଏହି ପାଞ୍ଚ ଜଣ ବିଲାସପୁର ଠାରେ ଯୋଜନା ପ୍ରସ୍ତୁତ କରିଥିଲେ। ସେଠାରୁ ରାୟଗଡ଼ା ଆସି ଜନ ଆହାର କେନ୍ଦ୍ର ଖାଦ୍ୟ ଖାଇ ବିଭିନ୍ନ ଲୋକଙ୍କ ସହ ଘର ଭଡ଼ା ପାଇଁ ଅନୁରୋଧ କରିଥିଲେ। ସେଠାରେ ଜଣେ କହିଥିଲେ ଜଗନ୍ନାଥ ମନ୍ଦିର ନିକଟରେ ଘର ମିଳିବ । ସେଠାକୁ ଯାଇ ଘର ଭଡ଼ା ନେଇ ପ୍ରତି ଦିନ ପ୍ଲାଷ୍ଟିକ ସଂଗ୍ରହ କରିବା ସହ ନିଶା ସେବନ କରିବା ପାଇଁ ମେଡିକାଲ ଷ୍ଟୋର ଠାରୁ ନିଶା ମେଡିସିନ ନେଇ ଦିନକୁ ୪ଟି ଔଷଧ ସେବନ କରୁଥିଲେ। ଏହା ଖାଇବା ଦ୍ୱାରା ନିଶା ହେବା ସହିତ ଭୋକ ମଧ ହେଉନଥିଲା। ସେମାନେ ତିନୋଟି ସଂଖ୍ୟାରେ ଚୋରି ମାମଲାରେ ସଂପୃକ୍ତ ଥିବା ଜଣାପଡିଛି। ରାୟଗଡା ପିଏସ୍ କେସ୍ ନମ୍ବର ୧୬୪/୨୦୨୫, ୧୭୩/୨୦୨୫ ଏବଂ ୧୮୧/୨୦୨୫ ଅଭିଯୋଗକାରୀ ଗୌରୀ ଶଙ୍କର ରାଣିଗୁଡ଼ା ଫାର୍ମ ରାୟଗଡାର ପ୍ରସାଦ ପାତ୍ର, ନ୍ୟୁ କଲୋନି ରାୟଗଡାର ରମେଶ କୁମାର ଏବଂ ଗୌତମ ନଗର ସୁଧୀର କୁମାର ପାଢୀଙ୍କ ଲିଖିତ ରିପୋର୍ଟ ଅନୁଯାୟୀ ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ଠାରୁ ତାଲା ଭାଙ୍ଗିବା ଯନ୍ତ୍ରପାତି, ରୂପା ଅଳଙ୍କାର ,ନଗଦ ୨୯ ହଜାର ୭ଶହ ଟଙ୍କା, ତିନୋଟି ମୋବାଇଲ ଫୋନ ଏବଂ ବିଦେଶୀ ନୋଟ ଜବତ କରାଯାଇଥିବା ଆଇଆଇସି କେକେବିକେ କହିଁର କହିଛନ୍ତି। ଏହା ସହିତ ସହର ସମସ୍ତ ଘରମାଲିକଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ଭଡାଟିଆଙ୍କୁ ଭଡା ଦେବା ପୂର୍ବରୁ ସେମାନଙ୍କର ଡକ୍ୟୁମେଣ୍ଟ ଯାଞ୍ଚ କରନ୍ତୁ ଏବଂ ରାୟଗଡା ପିଏସକୁ ଏହା ଜଣାଇ ଦିଅନ୍ତୁ ବୋଲି ଗଣମାଧ୍ୟମକୁ ଅବଗତ କରାଇଛନ୍ତି ।

## ନିୟମିତ ବିଶେଷଜ୍ଞ ବିନା ସୁପର ସ୍ପେଶାଲଟି ବିଭାଗ

# ରୋଗୀ ସେବା ପ୍ରଭାବିତ ଆଶଙ୍କା

ସମ୍ବଲପୁର,(ସବ୍ୟୁ): ରାଜ୍ୟର ୨ୟ ମେଡିକାଲ କଲେଜ ଭାବେ ଭିମସାର ସ୍ଥାପିତ ହୋଇଛି । ଏହା ଦୀର୍ଘ ୬ ଦଶନ୍ଧି ଧରି ପଶ୍ଚିମଓଡିଶାର ୧୦ଟି ଜିଲ୍ଲା ସହ ପଡୋଶୀ ଝାରଖଣ୍ଡ, ଛତିଶଗଡ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଆସୁଛି । ଉନ୍ନତ ଚିକିତ୍ସା ସେବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବୁର୍ଲା ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଗବେଷଣା ସଂସ୍ଥାନ (ଭିମସାର) ପରିସରରେ ଗତ ମେ ୩୦, ୨୦୨୫ରେ ସୁପର ସ୍ପେଶାଲିଟି ବିଭାଗ ଉଦ୍ଘାଟିତ ହୋଇଯାଇଛି । ଏଥିରେ ପୂର୍ବର ୪ଟି ବିଭାଗ ବିଭାଗକୁ ମିଶାଇ ୯ଟି ସୁପର ସ୍ପେଶାଲିଟି ବିଭାଗ ରହିଛି । ସୁପର ସ୍ପେଶାଲିଟି ହସ୍ପିଟାଲରେ ୟୁରୋଲଜି, ନେଫ୍ରୋଲଜି, ନ୍ୟୁରୋଲଜି, ନ୍ୟୁରୋସର୍ଜରୀ, ପେଡିଆଟ୍ରିକ୍ସ ସର୍ଜରୀ, ପ୍ଲାଷ୍ଟିକ ସର୍ଜରୀ, ଗ୍ୟାଷ୍ଟ୍ରୋଏଣ୍ଟେରୋଲଜି, ଏଣ୍ଡୋକ୍ରାଇନୋଲଜି ଓ କ୍ଲିନିକାଲ ହେମାଟୋଲଜି ବିଭାଗ ରହିଛି । ମାତ୍ର ନ୍ୟୁରୋଲଜି, ପ୍ଲାଷ୍ଟିକ ସର୍ଜରୀ, ନେଫ୍ରୋଲଜି ବିଭାଗରେ ନିୟମିତ ପ୍ରଫେସର ଡାକ୍ତର ନାହାଁନ୍ତି । ଏଭଳିସ୍ଥଳେ ଅସ୍ଥାୟୀ ଭାବେ ବିଭାଗର ମୁଖ୍ୟ ପଦବୀ ରହିଛି । ଯାହାକି ଜାତୀୟ ଭେଷଜ ପରିଷଦ(ଏମ୍ଏଲ୍ସି)ର ନିୟମ ବର୍ହିଭୂତ ଅଟେ । ଫଳରେ ଉକ୍ତ ବିଭାଗ ଗୁଡିକରେ ଶିକ୍ଷା, ଗବେଷଣା ଓ ରୋଗୀ ସେବା ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଉକ୍ତ ସୁପର ସ୍ପେଶାଲିଟି ବିଭାଗରେ ନିୟମିତ ଡାକ୍ତର ନିଯୁକ୍ତି ପାଇଁ ଅଗ୍ରାଧିକାର ଭିତ୍ତିରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି । ଗତ ସପ୍ତାହରେ ଏହି ସୁପର ସ୍ପେଶାଲିଟି ବ୍ଲକ ଉଦ୍ଘାଟନ ପାଇଁ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଓଡିଶା ମେଡିକାଲ ଅଧ୍ୟାପକ ସଂଘ(ଓମଟା) , ଭିମସାର ପକ୍ଷରୁ ଏସମ୍ପର୍କରେ ଅନୁରୋଧ କରାଯାଇଥିଲା । ବହୁ ପ୍ରତିଷ୍ଠିତ ସୁପର ସ୍ପେଶାଲିଟି ବିଭାଗର ସମସ୍ୟା ଦୂର କରାଯାଇ ସଂସ୍ଥାନର ସ୍ୱୀକୃତିକୁ ବଜାୟ ରଖିବାରେ ସଂଘ ଦାବି କରିଛି । ଭିମସାରରେ ଚିକିତ୍ସାର ମାନ ବଜାୟ ରଖିବା ସକାଶେ ଜରୁରୀକାଳୀନ ଓ ସ୍ୱଚ୍ଛତାର ସହ ନିଯୁକ୍ତି ପ୍ରକିୟା ଆବଶ୍ୟକ । ୨୦୧୫ ପରେ ଭିମସାରରେ ବଡ ଧରଣର ନିଯୁକ୍ତି ପ୍ରକିୟା ହୋଇନାହିଁ । ସ୍ୱୟଂଶାସିତ କ୍ଷମତା ପାଇବାରେ ପରେ ୨୦୧୫ରୁ ୩୦ରୁ ଉର୍ଦ୍ଧ୍ୱ ଡାକ୍ତର ଯୋଗ୍ୟତା ସତ୍ତ୍ୱେ କ୍ୟାରିୟର ପଦୋନ୍ନତି ପାଇନାହାଁନ୍ତି । ଅନ୍ୟ ସରକାରୀ ମେଡିକାଲ କଲେଜ ସହ ଭିମସାର ଅଧ୍ୟାପକ ମାନଙ୍କ ଚାକିରୀ ସର୍ତ୍ତାବଳୀରେ ପ୍ରଭେଦ ରହିଛି । ଏମ୍ଏଲ୍ସିର ଚିକିତ୍ସା ସେବା ନିୟମ ଅନୁଯାୟୀ ଭିମସାରର ଅଧ୍ୟାପକ ମାନେ ସମସ୍ତ ଯୋଗ୍ୟତା ରଖିଥିବାରୁ ପଦବୀ ଉନ୍ନତି ଓ ଆର୍ଥିକ ସୁବିଧା ପାଉନାହାଁନ୍ତି । ଏଣୁ ରାଜ୍ୟ ସରକାରଙ୍କ ନିୟମ ମୁତାବକ ପଦୋନ୍ନତି ହେବା ଜରୁରୀ ଅଟେ । ଏହି ସମସ୍ତ ବିଷୟରେ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ, ସୁପର ସ୍ପେଶାଲିଟି ହସ୍ପିଟାଲ ରୋଗୀ ମାନଙ୍କୁ ଅତ୍ୟାଧୁନିକ ସମସାମୟିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବ । ଏହାକୁ ଦୃଷ୍ଟିରେ ରଖି ୨୦୧୪ରେ ଏହି ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ୭୦ ଓ ରାଜ୍ୟ ସରକାର ୩୦ ପ୍ରତିଶତ ଅର୍ଥ ମଞ୍ଜୁର କରିଥିଲେ । ପ୍ରାୟ ୧୨୫କୋଟି ଟଙ୍କାରେ ନିର୍ମିତ ଏହି ହସ୍ପିଟାଲରେ ୫୮ଟି ଆଇସିୟୁ ଶର୍ଯ୍ୟା ସହ ୨୭୨ଟି ଶର୍ଯ୍ୟା ରହିଛି । ତେବେ ନିୟମିତ ବିଶେଷଜ୍ଞ ବିନା ବିଭାଗ ଗୁଡିକ କେମିତି ଚାଲିବ ସେ ନେଇ ସାଧାରଣରେ ଆଲୋଚନା ହେଉଛି ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଜଳଛତ୍ର

ସମ୍ବଲପୁର, (ସବ୍ୟୁ): ଟାଟା ପାଓ୍ୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ, ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ପବିତ୍ର ଶୀତଳ ଷଷ୍ଠୀ ଉତ୍ସବ ଅବସରରେ ସମ୍ବଲପୁର ସହର ସ୍ଥିତ ଭୂତାପଡ଼ାଠାରେ ଏକ ଜଳ ଛତ୍ରର ଆୟୋଜନ କରାଯାଇଥିଲା । ଏହି ଜଳ ଛତ୍ରର ମୁଖ୍ୟ ଲକ୍ଷ୍ୟ ଥିଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଏହି ଧାର୍ମିକ ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଥିବା ଭକ୍ତ, ପଦଯାତ୍ରୀ ଏବଂ ସାଧାରଣ ଜନତାଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା । ପଶ୍ଚିମ ଓଡ଼ିଶାର ବର୍ଦ୍ଧିତ ତାପମାତ୍ରାକୁ ଦୃଷ୍ଟିରେ ରଖି ଭକ୍ତ, ପଦଯାତ୍ରୀ ଏବଂ ସାଧାରଣ ଜନତାଙ୍କ ପାଇଁ ଏହି ଜଳ ଛତ୍ରର ଆୟୋଜନ କରାଯାଇଥିଲା । ଲୋକେ ସ୍ଥାନୀୟ ପ୍ରଥା ପ୍ରତି ଟିପିଡବ୍ଲ୍ୟୁଓଡିଏଲର ସମ୍ବେଦନଶୀଳତା ଏବଂ ସାର୍ବଜନୀନ ସେବା ପ୍ରତି ଏହାର ସକ୍ରିୟ ଆଭିମୁଖ୍ୟକୁ ପ୍ରଶଂସା କରିଛନ୍ତି ।

# ଗଛକୁ ପିଟିଲା ବିଦ୍ୟୁତ ବିଭାଗ ଗାଡ଼ି, ଜଣେ ମୃତ ୩ ଗୁରୁତର

ହରଭଙ୍ଗା,(ସବ୍ୟୁ): ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ପୁରୁଣାକଟକ ଥାନା ଅନ୍ତର୍ଗତ ବଡବନ୍ଧ ଠାରେ ମଙ୍ଗଳବାର ଅପରାହ୍ନରେ ଚାରିଛକ ବିଦ୍ୟୁତ ବିଭାଗ ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ବିଦ୍ୟୁତ୍ ବିଭାଗରେ ର ଗାଡ଼ି ଯୋଗେ ଚାରିଛକ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଏବଂ ଅନ୍ୟ ତିନି ଜଣ କର୍ମଚାରୀ କୌଣସି କାର୍ଯ୍ୟରେ ବୌଦ୍ଧ ପଟରୁ ଚାରିଛକ ସ୍ଥିତ ନିଜ ଅଫିସ୍‌କୁ ଫେରିବା ସମୟରେ ଅପରାହ୍ନ ସମୟରେ ବଡ଼ବନ୍ଦ ଠାରେ ଗାଡ଼ିଟି ଭାରସାମ୍ୟ ହରାଇ ଗଛରେ ବାଡେଇ ହୋଇଥିଲା । ଏଥିରେ ଚାରିଜଣ ଗୁରୁତର ହେଇଥିଲେ । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଏବଂ ଆମ୍ବୁଲାନ୍ସ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ବିଦ୍ୟୁତ ବିଭାଗ ଗାଡ଼ି ଚାଳକ ଶିବାଜୀ ନାଗ (୪୭) ଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଭବାନୀ ପାଣିଗ୍ରାହୀ ଦୁଇ କର୍ମଚାରୀ ସଂଗ୍ରାମ ସାହୁ ଏବଂ ସମୀର ନାୟକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ମୃତ ଡ୍ରାଇଭର ଶିବାଜୀଙ୍କ ଘର ଚାରିଛକ ହୋଇଥିବା ବେଳେ ସେ ଜଣେ ମେଲାପି ବ୍ୟକ୍ତି ଥିଲେ । ତାଙ୍କ ମୃତ ଖବର ଶୁଣି ସହ ସହ ଲୋକେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚି ଥିଲେ । ଘଟଣା ସ୍ଥଳରେ ପୁରୁଣା କଟକ ପୋଲିସ୍ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ବୌଦ୍ଧ ପଠାଇଥିବା ବେଳେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ସୂଚନା ମିଳିଛି ।

# ଯୁବ କବି ମହିମା ଗନ୍ତାୟତଙ୍କୁ ଶ୍ରେଷ୍ଠ କବି ପୁରସ୍କାର



ରାୟଗଡା,(ସବ୍ୟୁ): ମୁମ୍ବାଇ ସ୍ଥିତ ଦେଶର ଅନ୍ୟତମ ପ୍ରସିଦ୍ଧ ପ୍ରକାଶନ ସଂସ୍ଥା ପୋଏଟିକ୍ ଏସେନ୍ସ ପ୍ରକାଶନ ଦ୍ୱାରା ଗତ ଜାନୁଆରୀ ୨୦୨୫ରେ ଆୟୋଜିତ ଜାତୀୟସ୍ତରୀୟ ପ୍ରତିଭା ପୁରସ୍କାର ୨୦୨୪ ପ୍ରତିଯୋଗିତାରେ ରାୟଗଡ଼ାର ବିଶିଷ୍ଟ ବ୍ୟାଙ୍ଗ ଲେଖକ ତଥା ସ୍ତମ୍ଭକାର ସତ୍ୟନାରାୟଣ ଗନ୍ତାୟତଙ୍କ କନିଷ୍ଠ କନ୍ୟା ଯୁବ ଲେଖିକା ମହିମା ଗନ୍ତାୟତ ଇଂରାଜୀ ବର୍ଗରେ ଶ୍ରେଷ୍ଠ କବି ଭାବରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସୃଜନଶୀଳ ସାହିତ୍ୟରେ ଏହି ସଫଳତା ପାଇଁ ସେ ଅନୁଷ୍ଠାନ ଦ୍ୱାରା ସାକ୍ଷାତକାର ପାଇଁ ଯୋଗ୍ୟା ହେବା ସହ ପ୍ରମାଣପତ୍ର ଏବଂ ସ୍ମାରକୀ ପାଇଛନ୍ତି। ସ୍କୁଲ ଜୀବନରୁ ଉଭୟ ଇଂରାଜୀ ଏବଂ ହିନ୍ଦୀ ଭାଷାରେ ସୃଜନଶୀଳ ଲେଖାରେ ନିୟୋଜିତା ମହିମା, ବିଭିନ୍ନ ପତ୍ରିକାରେ ନିୟମିତ ଭାବରେ ପ୍ରକାଶିତା ହୋଇଥିବା ବେଳେ ଅନେକ ସୃଜନଶୀଳ ପ୍ରତିଯୋଗିତା ମାନଙ୍କରେ ପୁରସ୍କୃତା ହୋଇ ଜଣେ ଯୁବ ଲେଖିକା ଭାବରେ ନିଜ ପାଇଁ ଏକ ସମ୍ମାନଜନକ ସ୍ଥାନ ସୃଷ୍ଟି କରିଛନ୍ତି। ତାଙ୍କର ଅସାଧାରଣ ବକ୍ତୃତା ପ୍ରଦାନ ଦକ୍ଷତା ପାଇଁ ଜଣାଶୁଣା, ମହିମା ବର୍ତ୍ତମାନ ଦ୍ୱାଦଶ ଶ୍ରେଣୀ (କଳା) ଛାତ୍ରୀ, ଏବଂ ବିଭିନ୍ନ ବିତର୍କ, କବିତା ଆବୃତ୍ତି ଇତ୍ୟାଦି ପ୍ରତିଯୋଗିତା ମାନଙ୍କରେ ନିଜର ଉତ୍କର୍ଷ ପ୍ରମାଣ କରି ସେ ଅଧ୍ୟୟନ ରତା ରାୟଗଡ଼ା ମହିଳା କଲେଜକୁ ଗୌରବ ମଣ୍ଡିତ କରି ଆସୁଛନ୍ତି ।

# ଓଏସଏପି ମିନି ଷ୍ଟାଡିୟମରେ ହେବ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଫୁଟବଲ କପର ପ୍ରଥମ ସେମିଫାଇନାଲ ମ୍ୟାଚ ୨ୟ ଓ.ଏସ.ଏ.ପି ମିନି ଷ୍ଟାଡିୟମରେ ବରଗଡ ଓ ଯାଜପୁର ଜିଲ୍ଲା ମଧ୍ୟରେ ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ଝାରସୁଗୁଡା ବିଧାୟକ ତଥା ଓଡିଶା ଫୁଟବଲ ଆସୋସିଏସନର ସଭାପତି ଟଙ୍କଧର ତ୍ରିପାଠୀ ଏକ ଜରୁରୀ ବୈଠକ ସ୍ଥାନୀୟ ସର୍କିଟହାଉସ ଠାରେ ଡକାଇ ଥିଲେ । ଏହି ପ୍ରତିଯୋଗୀତାକୁ ସଫଳ କରିବା ପାଇଁ ଜିଲ୍ଲା କ୍ରୀଡା ସଂଘର କର୍ମକର୍ତା ମାନଙ୍କ ସହିତ ବ୍ୟାପକ ଆଲୋଚନା କରି ଥିଲେ । ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଅଞ୍ଚଳର ଖେଳାଳି ଓ ଦର୍ଶକ ମାନଙ୍କ ପାଖରେ କିପରି ସୂଚନା ପ୍ରଦାନ କରାଯିବ ଏହାର ଯୋଜନା ପ୍ରସ୍ତୁତ କରି ଥିଲେ ।ଏହା ସହିତ ଫୁଟବଲ ପଡିଆ ଓ ଖେଳାଳି ମାନଙ୍କର ରହିବା ସ୍ଥାନ ବୁଲି ଦେଖି ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱକେଶନ ନାୟକ, ଜିଲ୍ଲା କ୍ରିଡା ଅଧିକାରୀ ତୁଷାରକାନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଧାୟକଙ୍କ ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ବନ ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିଲେ। ପ୍ରଥମରୁ ବଲାଙ୍ଗିର ପୌରସଂସ୍ଥା ତରଫରୁ ସହରରେ ଲଗାଯିବାକୁ ଥିବା ୧୪୦ ଗୋଟି ସିସି କେମେରାର ସ୍ଥିତି ପଚାରି ବଝିଥିବା ବେଳେ ପୌରପରିଷଦ ତରଫରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ତାର ଟେଣ୍ଡର ହୋଇଥିବାର ତଥ୍ୟ ଦେଇଥିଲେ । ସହରରେ ଆଇନ ଶୃଙ୍ଖଳା ବିଷୟରେ ଅତିରିକ୍ତ ପୋଲିସ ଅଧିକ୍ଷକଙ୍କ ସହିତ ଆଲୋଚନା କରିଥିଲେ । ଗତ ସମୀକ୍ଷା ବୈଠକରେ ଜିଲ୍ଲାର ଯୋଗାଣ ଅଧିକାରୀଙ୍କୁ ହିତାଧିକାରୀଙ୍କ ଖାଉଟି କାର୍ଡ ବିଷୟରେ ସବିଶେଷ ତଥ୍ୟ ଦେବାକୁ କହିଥିଲେ । ମାତ୍ର ତାର କୌଣସି ତଥ୍ୟ ବିଭାଗ ଦେଇନଥିବାରୁ କ୍ଷୋଭ ପ୍ରକାଶ କରି ଯୋଗ୍ୟ ହିତାଧିକାରୀଙ୍କୁ ପୌରାଞ୍ଚଳ ଓ ବ୍ଲକସ୍ତରୀୟ ସମସ୍ୟା ଉପରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଛତାମଖନା ଇଆଇସି ପ୍ରକଳ୍ପରୁ ସହରକୁ ପିଇବା ପାଣି ଯୋଗାଇବା ସମ୍ବନ୍ଧୀୟ ଆଲୋଚନା ବଲାଙ୍ଗିର ଜଳସେଚନ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ସହିତ ସ୍ଥିତି ଆଲୋଚନା କରିଥିଲେ । ପର୍ଯ୍ୟଟନ ବିଭାଗର ଅଧିକାରୀଙ୍କୁ ଦେଓଗାଁ ଚାନ୍ଦଲି ପାହାଡ ଓ ଭୀମଡୁଙ୍ଗରୀ ର ଉନ୍ନତିକରଣ କାର୍ଯ୍ୟ ବିଷୟରେ ଆଲୋଚନା କରି ବ୍ଲକର ବିଡିଓଙ୍କ ସହିତ ସମନ୍ୱୟ ରକ୍ଷାକରି ଖୁବଶୀଘ୍ର କାର୍ଯ୍ୟ ତୁଳାଇବାକୁ ପରାମର୍ଶ ଦେଇଥିଲେ । ବଲାଙ୍ଗିର ବ୍ଲକ ଚନ୍ଦନଭାଟି ବାଲିଘାଟରୁ ରାତିଅଧିଆ ବେଆଇନ ବାଲି ଚୋରାଚାଲାନ ହେଉଥିବା ବିଷୟରେ ଗତ ବୈଠକରେ ସବିଶେଷ ତଥ୍ୟ ମାଗଥିବା ବେଳେ ଆଜି ଯାଏଁ କୌଣସି ତଥ୍ୟ ପ୍ରଦାନ କରିନଥିବାରୁ ୪୮ ଘଣ୍ଟା ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ତଥ୍ୟ ପ୍ରଦାନ କରିବାକୁ କଡା ତାଗିଦ କରିଥିଲେ । ବଲାଙ୍ଗିର ବାଏପାସ ରାସ୍ତା କାମ ମନ୍ଥର ଗତି ଓ ଖୁଜେନପାଲି ବିଜାଖମନ ଅଞ୍ଚଳର ସରକାରୀ ଜମିରୁ ମାଟି ଚୋରାଚାଲାନ କରାଯାଇ ବାଏପାସ ରାସ୍ତାରେ ପଡୁଥିବା ଖବର ଗତ ବୈଠକରେ ବିଭାଗର ଅଧିକାରୀଙ୍କ ସମୁଖରେ ଭିଡିଓ ଉପସ୍ଥାପନ କରିଥିଲେ ଓ ତାଗିଦ କରି ନିର୍ଦ୍ଦେଶ ଦେଇଥିଲେ ବିଧାୟକ ଶ୍ରୀ ସିଂହଦେଓ । ବଲାଙ୍ଗିର ତହସିଲଦାର ଆରଆଇଙ୍କୁ ନେଇ ଜାତୀୟ ରାଜପଥ ବିଭାଗ ମିଳିତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ତାହା ଆଜି ପର୍ଯ୍ୟନ୍ତ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରି ୪୮ ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ପୌରାଧ୍ୟକ୍ଷା ଲିକା ସାହୁ , ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ସଦରବ୍ଲକ ଅଧ୍ୟକ୍ଷ ଗୋଲାପ ବା, ଲକ୍ଷ୍ମଣ ମେହେର, ଶୁଶିଲ ଚାନ୍ଦ, କୈଳାଶ ମହାନ୍ତି, ରାଜେନ୍ଦ୍ର ହୋତା, ନିହାର ରଞ୍ଜନ ସ୍ୱାଇଁ ,ପ୍ରଦ୍ୟୁମ୍ନ ହୋତା ପ୍ରମୁଖ ସମେତ ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ମୁକ୍ତ ବିଚାର ମଞ୍ଚର ମାସିକ ଆଲୋଚନାଚକ୍ର



ଖରିଆର,(ସବ୍ୟୁ): ମୁକ୍ତ ବିଚାର ମଞ୍ଚ, ଖଡ଼ିଆଳ ପକ୍ଷରୁ ପ୍ରତି ମାସ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥାଏ । ଏହି କ୍ରମରେ ରବିବାର 'ବୁକର ୨୦୨୫: ହାର୍ଟ ଲେମ୍ପ ଭାଷା ସାହିତ୍ୟର ଜୟଯାତ୍ରା' ଶୀର୍ଷକ ଉପରେ କ୍ଷତ୍ରିୟ ପାଟଣା ପ୍ରେକ୍ଷାଳୟରେ ଆଲୋଚନା ହୋଇଥିଲା। ବାନୁ ମୁସ୍ତାକଙ୍କ ଲେଖା ଏବଂ ଦୀପା ଭାସ୍ତିଙ୍କ ଅନୁଦିତ ବହି 'ହାର୍ଟ ଲେମ୍ପ' ଅନ୍ତର୍ଜାତୀୟ ବୁକର ପୁରସ୍କାର ପାଇବା ପୃଷ୍ଠଭୂମିରେ ଏହି ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଅଧ୍ୟାପକ ଲୋହିତାକ୍ଷ ଯୋଶୀ ଏବଂ ଅଧ୍ୟାପକ ସାମୁଏଲ ଦାନୀ ବିଷୟବସ୍ତୁ ଉପରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । କବି ବାସୁଦେବ ସୁନାନୀ ତାଙ୍କ ସୁଚିନ୍ତିତ ମତ ରଖିଥିଲେ। ପୂର୍ବତନ ଆୟକର ଅଯୁକ୍ତ ଶ୍ରୀକାନ୍ତ ଚଟର୍ଜୀ ସଭାପତିତ୍ୱ କରିଥିଲେ। ଆଲୋଚନା ବୈଠକରେ ସହରର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ପ୍ରଶ୍ନ ଉତ୍ତରରେ ସକ୍ରିୟ ଯୋଗଦାନ କରିଥିଲେ। ପଦ୍ମଲୋଚନ ର୍ମା, କାର୍ତ୍ତିକ ବାଗ, କିଶୋର ବାଗ, ଛନ୍ଦା ଚରଣ ଦଣ୍ଡସେନା, ନନ୍ଦ କୁମାର ପ୍ରଧାନୀ, ନନ୍ଦକିଶୋର ବାରିକ, ତରୁଣ କୁମାର ପ୍ରଧାନ, ଅରୁଣ ପଣ୍ଡା, ଆଲୋକ ରଥ, ସତୀଶ ପଟନାୟକ, ଆକାଶ ସୁନାନୀ, ଚତୁର୍ଭୁଜ ସିଂ, ଉପେନ୍ଦ୍ର ପାଣିଗ୍ରାହୀ, ସବିତା ଚଟର୍ଜୀ, ଅଧ୍ୟାପିକା ସଂଜୀବନୀ ସୁଧା ରଥ, ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ପଣ୍ଡା ଆଲୋଚନା ଚକ୍ରର ବିବରଣୀ ଲେଖନ କରିଥିଲେ। ଅଶୋକ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୋଲାମୁଣ୍ଡାରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଗୋଲାମୁଣ୍ଡା,(ସବ୍ୟୁ): ଆସନ୍ତା ଜୁନ ମାସ ୨୭ ତାରିଖରେ ଗୋଲାମୁଣ୍ଡା ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ । ଜୁନ ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, , ଜୁନ ୨୭ ତାରିଖରେ ରଥଯାତ୍ରା,ଜୁଲାଇ ୦୧ ତାରିଖରେ ହେରା ପଞ୍ଚମୀ, ଜୁଲାଇ ୦୪ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୦୫ ରେ ବାହୁଡା ଯାତ୍ରା, ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ । ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ପାଣି ବ୍ୟବସ୍ଥା ରହିବ,ଟ୍ରାଫିକ ଜୋନ ବ୍ୟବସ୍ଥା, ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥାର ପରିଚାଳନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ରାକେଶ କୁମାର ଅଗ୍ରୱାଲ, ସୁବାସ ଚନ୍ଦ୍ର ରାଉତ, ଅଭିରାମ ନାଏକ, ଚତୁର ଭୁଜ ନାଏକ, ଇଂ ଧିରେନ୍ କୁମାର ନାଏକ, ଗଗନ ମୁଣ୍ଡ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ସତ୍ୟ ନାରାୟଣ ବିଶି, ନରେନ୍ଦ୍ର ନାଏକ, ଜନ୍ମ ଜୟ ମାଝୀ, ଅନାଦି ରାଉତ, ଘନ ଶ୍ୟାମ ନାଏକ ଓ ଗୋଲାମୁଣ୍ଡା ସମସ୍ତ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ। ଜଗନ୍ନାଥଙ୍କ ମୁଖ୍ୟ ସେବକ ଚତୁର ଭୁଜ ନାଏକ ସଭା ପରିଚାଳନା କରିଥିବା ବେଳେ କୁମର ରଣା ଧନ୍ୟବାଦ ପ୍ରଦାନ କରିଥିଲେ।

**AFFIDAVIT**

By virtue of an affidavit sworn before Executive Magistrate Bangomunda, dated. 16.05.2025 I, Bhikari Bagarty Yadav, Address : At-Bakagura, Po-Alanda, Ps-Sindhekela, Dist-Balangir, Odisha, Pin-767033 declare that I have changed my name from Bhikaree Bagartee to Bhikari Bagarty Yadav. Henceforth, I shall be known as Bhikari Bagarty Yadav for all purposes.

**Bhikari Bagarty Yadav**

**AFFIDAVIT**

By virtue of an affidavit sworn before Executive Magistrate Bangomunda, dated. 17.05.2025 I, Rudrakshya Bagarty Yadav, Address : At-Bakagura, Po-Alanda, Ps-Sindhekela, Dist-Balangir, Odisha, Pin-767033 declare that I have changed my name from Rudrakshya Bagarty to Rudrakshya Bagarty Yadav. Henceforth, I shall be known as Rudrakshya Bagarty Yadav for all purposes.

**Rudrakshya Bagarty Yadav**

# ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ଚେସ ସଂଘ ପକ୍ଷରୁ ତଥା ରାଜ୍ୟ ଚେସ ସଂଘ ସହଯୋଗରେ ନୂଆପଡ଼ା ଜିଲ୍ଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ ପ୍ରଶିକ୍ଷଣ ଶିବିର କେ.ଏନ. କିଡସ ପବ୍ଲିକ ସ୍କୁଲ୍ ର ଅଡିଟୋରିୟମରେ ଉଦ୍ଘାଘାଟିତ ହୋଇଯାଇଛି । ପ୍ରଶିକ୍ଷଣ ଆସନ୍ତା ୧୨ ଜୁନ ୨୦୨୫ ଯାଏଁ ଚାଲିବ । ଉଦ୍ଘାଘାଟନ ସମାରୋହରେ ଜିଲ୍ଲା ଚେସ ସଂଘ ସମ୍ପାଦକ ବିଭୁଦତ୍ତ ମିଶ୍ର ଅତିଥି ପରିଚୟ କରିବା ସହ ଜିଲ୍ଲା ଚେସ ସଂଘର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଭାବରେ ଯୋଗଦେଇ ନୂଆପଡ଼ା ଜିଲ୍ଲା କ୍ରିଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡାଇ, ଜିଲ୍ଲାରେ ଏହିପରି ଏକ ଶିବିର ପ୍ରଥମ ଥର ପାଇଁ ଆରମ୍ଭ କରାଯାଇଥିବାରୁ ଜିଲ୍ଲା ଚେସ ସଂଘ ତଥା ରାଜ୍ୟ ଚେସ ସଂଘକୁ ଧନ୍ୟବାଦ ଦେଇଥିଲେ । ଏହା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଏହାର ସୁଯୋଗ ନେବା ପାଇଁ ଉତ୍ସାହିତ କହିଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନୂଆପଡ଼ା ଜିଲ୍ଲା କ୍ରିକେଟ ସଂଘ ସଭାପତି ପ୍ରକାଶ କୁମାର ସାହୁ ଚେସ ପ୍ରତି ପିଲାମାନଙ୍କ ଆଗ୍ରହ ରହିଥିବାରୁ ସେମାନେ ନିଶ୍ଚୟ ଆଗାମୀ ଦିନରେ ଭଲ କରିବେ ବୋଲି ମତ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି କେ.ଏନ. କିଡସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ କ୍ଷୀରୋଦ ନିବାଶ ପଣ୍ଡା ଚେସ ଖେଳର ଉପକାରିତା ଉପରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଉପରୋକ୍ତ ସ୍କୁଲ ର ପ୍ରତିଷ୍ଠାତା ସଦସ୍ୟ ପ୍ରମୋଦିନୀ ପଣ୍ଡା, ଅଧ୍ୟକ୍ଷା ପ୍ରତିମା ରାଜ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରର ପ୍ରଥମ ଦିନରେ ନୂଆପଡ଼ା ଜିଲ୍ଲାରୁ ୪୧ ଗୋଟି ଛାତ୍ର ଛାତ୍ରୀ ପଞ୍ଜିକରଣ କରି ପ୍ରଶିକ୍ଷଣ ନେଉଛନ୍ତି ।ଶେଷରେ ନୂଆପଡ଼ା ଜିଲ୍ଲା ଚେସ ସଂଘ ସଭାପତି ରବୀରଞ୍ଜନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଶିବିରକୁ ପରିଚାଳନା କରିଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୬/୦୭)

-ଦୈବାସୁରସମ୍ପଦ୍‌ବିଭାଗ-

(ଶ୍ରୀଭଗବାନୁବାଚ )

**ପ୍ରବୃତ୍ତିଞ୍ଚ ନିବୃତ୍ତିଞ୍ଚ ଜନା ନ ବିଦୁରାସୁରାଃ ।**
**ନ ଶୌଚଂ ନାପି ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ ।।୭।।**

ଅସୁରସ୍ୱଭାବ-ସମ୍ପନ୍ନ ମନୁଷ୍ୟମାନେ ଧର୍ମରେ ପ୍ରବୃତ୍ତି ଓ ଅଧର୍ମରେ ନିବୃତ୍ତି ବିଷୟ ଜାଣନ୍ତି ନାହିଁ । ଅତଏବ ସେମାନଙ୍କ ମଧ୍ୟରେ ଶୌଚ, ଆଚାର ବା ସତ୍ୟ ନାହିଁ ।।୭।।

# କଳିଙ୍ଗ ଯୁଦ୍ଧ ଉପରେ କର୍ମଶାଳା

**ସମ୍ପାଦକୀୟ**

ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଜୁନ୍ ୩ (୨୦୨୫)ରେ ଭୁବନେଶ୍ୱରଠାରେ ଏକ କର୍ମଶାଳା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଷ୍ଟ୍ରମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ଓ ବିଭାଗୀୟ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଯାଇଛି । ଏପରି ଏକ ଉଦ୍ୟମ ଯେ ପ୍ରଶଂସନୀୟ, ଏଥିରେ ସନ୍ଦେହ ନାହିଁ ।

ଉଦ୍‌ଘାଟନ ଉତ୍ସବ ପରେ ଏହାର ପ୍ରଥମ ଅଧିବେଶନର ବିଷୟବସ୍ତୁ ରଖାଯାଇଛି 'ଯୁଦ୍ଧ ପୂର୍ବ କଳିଙ୍ଗ ରାଜ୍ୟର ସାମାଜିକ, ରାଜନୀତିକ ଓ ସାମରିକ ସ୍ଥିତି' । ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ତଥା କଥାକାର ଦେବ ପ୍ରସାଦ ଦାଶ ଏହି ପ୍ରଥମ ଅଧିବେଶନକୁ ସଞ୍ଚାଳନ କରିବେ । ଏହା ପରବର୍ତ୍ତୀ ଦ୍ୱିତୀୟ ଅଧିବେଶନର ବିଷୟବସ୍ତୁ ରହିଛି ' ଯୁଦ୍ଧ କାଳଖଣ୍ଡରେ କଳିଙ୍ଗ ରାଜ୍ୟର ସ୍ଥିତି ( ଖ୍ରୀ.ପୂ ୨୬୦ ମସିହା)' ଏହି ଅଧିବେଶନରେ ପ୍ରଫେସର ସୋମା ଚାନ୍ଦଙ୍କ ପରି କେତେଜଣ ଐତିହାସିକ ଓ ଗବେଷକ ରହିଛନ୍ତି । ସେହିପରି ଏହାର ତୃତୀୟ ଅଧିବଶେନରେ ଯୁଦ୍ଧ ପରେ କଳିଙ୍ଗର ସ୍ଥିତି (ସତ ନା ମନଗଢ଼ା କାହାଣୀ) ବିଷୟବସ୍ତୁ ରହିଛି । ଏଥିରେ ଅନ୍ତର୍ଯ୍ୟାମୀ ମିଶ୍ର, ପଦ୍ମଶ୍ରୀଙ୍କ ପରି କେହି କେହି ପରିଚିତ ଲେଖକ ମଧ୍ୟ ବକ୍ତା ଭାବେ ଅଛନ୍ତି । ମାତ୍ର ଏଥିରେ ସାହିତ୍ୟିକଙ୍କ ଅପେକ୍ଷା ଅଧିକ ଇତିହାସ ଗବେଷକଙ୍କୁ ସାମିଲ କରିବା ଉଚିତ ହୋଇଥା'ନ୍ତା । ଅବଶ୍ୟ ଅଧିକାଂଶ ନିମନ୍ତ୍ରିତ ଆଲୋଚକ ଏ ବିଷୟରେ ବିଶେଷଜ୍ଞ ମଧ୍ୟ ନୁହନ୍ତି । ଏହି କର୍ମଶାଳାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟାନ୍ୟ କେନ୍ଦ୍ରୀୟ ମନ୍ତ୍ରିମାନଙ୍କୁ ଯୋଗ ଦେବା ଲାଗି ନିମନ୍ତ୍ରଣ କରିଥିଲେ,ଏପରି କର୍ମଶାଳାର ଗୁରୁତ୍ୱ ବଢ଼ି ଥାଆନ୍ତା । ଅବଶ୍ୟ ସେମାନଙ୍କର ସମୟ ମଧ୍ୟ ନଥାଇ ପାରେ । ଉଦ୍‌ଯାପନ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ରହିଛନ୍ତି । ତାଙ୍କର ତଥ୍ୟପୂର୍ଣ୍ଣ ବକ୍ତୃତା ଶୁଣିବାକୁ ଅଧିକାଂଶ ଆଗ୍ରହୀ ।

'କଳିଙ୍ଗ' ଶବ୍ଦଟି ଓଡ଼ିଶାର ପୁରୁଣା ନାମ ବୋଲି ଅନେକ ଶିକ୍ଷିତ ଓ ସଚେତନ ଓଡ଼ିଆ ଜାଣନ୍ତି । କିନ୍ତୁ ଉତ୍କଳ ନାମଟି ଓଡ଼ିଶା ସହିତ ବହୁ ଦିନ ଧରି ଯୋଡ଼ି ହୋଇଥିଲା । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି କଳିଙ୍ଗ ନାମଟିକୁ ଖୁବ୍ ଭଲ ପାଉଥିଲେ । ପରେ ସମ୍ରାଟ ଅଶୋକ କଳିଙ୍ଗ ରାଜ୍ୟକୁ ଆକ୍ରମଣ କରିଥିଲେ ଓ ଦୟା ନଦୀ କୂଳରେ ଓଡ଼ିଆମାନଙ୍କୁ ହତ୍ୟା କରି ସେ ରକ୍ତର ନଦୀ ବୁହାଇଥିଲେ । ଆଉ ଏଠାରୁ ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ ବୋଲି ମଧ୍ୟ କୁହାଯାଇଥାଏ । ପୁଣି କଳିଙ୍ଗ ଯୁଦ୍ଧ ସମୟରେ ଓଡ଼ିଶାର ରାଜା କିଏ ଥିଲେ, ତାହା ଜଣା ପଡ଼ିନାହିଁ । ସେ ସମୟରେ କଳିଙ୍ଗର ରାଣୀ 'କାରୁବାକୀ' ଥିଲେ ବୋଲି କୌଣସି କୌଣସି ଐତିହାସିକ ମତ ଦେଇଥାନ୍ତି ।

ଚୀନ୍ ପରିବ୍ରାଜକ ହୁଏନ ସାଂ ଭାରତ ପରିଭ୍ରମଣରେ ଆସିଥିଲାବେଳେ କଂଗୋଦରୁ ଦକ୍ଷିଣ ପଶ୍ଚିମ ଆଡ଼କୁ ପ୍ରାୟ ୩୦୦ ମାଇଲ (କିଲୋମିଟର ହିସାବରେ ଅଧିକ ହେବ) ଯାତ୍ରା କରି କଳିଙ୍ଗ ବା କ-ଲିଙ୍ଗ-କିଆରେ କୁଆଡେ ପହଞ୍ଚିଥିଲେ । ଏହି ରାଜ୍ୟ ସେତେବେଳେ ମହେନ୍ଦ୍ରଗିରିଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ବୋଲି କେହି କେହି ଗବେଷକ ଉଲ୍ଲେଖ କରିଛନ୍ତି ।

ଓଡ଼ିଶାର ଜଣେ ବିଶିଷ୍ଟ ଲେଖକ ଓ ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ତାଙ୍କ ଲେଖାରେ ଠାଏ ଉଲ୍ଲେଖ କରିଛନ୍ତି, ଏହିପରି- 'କଳିଙ୍ଗର ଦୁର୍ଦ୍ଧର୍ଷ ସମ୍ରାଟ ମହାମେଘବାହନ ଖାରବେଳ ଆରମ୍ଭ କଲେ ତାଙ୍କର ସାମରିକ ଅଭିଯାନ । ସମଗ୍ର ଭାରତବର୍ଷରେ ପ୍ରକମ୍ପ ସୃଷ୍ଟି ହେଲା । କଳିଙ୍ଗ ଯୁଦ୍ଧର ଲୋମହର୍ଷଣକାରୀ ଚିତ୍ର ଖାରବେଳଙ୍କ ମନ ଭିତରେ ପ୍ରତିଶୋଧର ନିଆଁ ଜାଳି ଦେଲା । ଖାରବେଳ ମଗଧ ଆକ୍ରମଣ କଲେ । ମଗଧ ସମ୍ରାଟ ପୁଷ୍ପମିତ୍ର ପରାଜିତ ହେଲେ । କଳିଙ୍ଗ ସମ୍ରାଟଙ୍କ ବିଜୟ ବୈଜୟନ୍ତୀ ଫର ଫର ହୋଇ ଉଡ଼ିଲା ପାଟଳିପୁତ୍ର ଉପରେ । ଜୀନାସନକୁ ସମ୍ରାଟ ଖାରବେଳ ମଗଧରୁ ପୁଣି ଫେରାଇ ଆଣିଲେ କଳିଙ୍ଗକୁ । କଳିଙ୍ଗ ସମ୍ରାଟଙ୍କର ଦୁର୍ଦ୍ଧର୍ଷ ଆକ୍ରମଣ ଦେଖି ବୈଦେଶିକ ଆକ୍ରମଣକାରୀମାନେ ପ୍ରାଣ ଆତଙ୍କରେ ଭାରତ ଛାଡ଼ି ସ୍ୱଦେଶକୁ ଫେରିଗଲେ । ('ସମରଜ୍ୟୋତି' ଓଡ଼ିଶାର ସାମରିକ ପରମ୍ପରା ମହୋତ୍ସବ-୨୦୦୩) ।

ଓଡ଼ିଶାରେ ୧୮୧୭ର ପାଇକ ବିଦ୍ରୋହ ହେଉଛି ପ୍ରକୃତରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ । ମାତ୍ର ଆମେ ତାହାକୁ ପ୍ରମାଣିତ କରିପାରିଲୁ ନାହିଁ । ଫଳରେ ୧୮୫୭ର ବିଦ୍ରୋହ, ଯାହା 'ସିପାହୀ ବିଦ୍ରୋହ' ଭାବେ ପରିଚିତ ତାକୁ ଆମେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କହି ଆସୁଛୁଁ ଆଜି ଯାଏଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପୁନଶ୍ଚ କରୋନା ମହାମାରୀ



**ଦଶରଥ ହେମ୍ବ୍ରମ୍**

ବିଶ୍ୱବ୍ୟାପୀ ମହାମାରୀ କରୋନା ଚୀନ ଦେଶରେ ଥିବା ଉହାନ୍ ସହର ନିକଟସ୍ଥ ଏକ ମାଛ ବଜାରରୁ ସୃଷ୍ଟି ହେବାପରେ ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଦେଇଥିଲା । ଦିନକରେ ଲକ୍ଷାଧିକ କରୋନାରେ ସଂକ୍ରମଣ ହେଉଥିବାବେଳେ ମାନବ ସମାଜରେ ମୃତ୍ୟୁର ତାଣ୍ଡବ ରଚିଥିଲା । ଏହାରି ଭୟରେ କେହି ଘରୁ ବାହାରକୁ ବାହାରିବା ପାଇଁ ସାହସ କରିପାରି ନଥିଲେ । ସମଗ୍ର ବିଶ୍ୱ ଜନଶୂନ୍ୟ ହୋଇପଡ଼ିଥିବା ବେଳେ ସମସ୍ତ ରାଷ୍ଟ୍ରମୁଖ୍ୟ ତଥା ସରକାରଙ୍କ ମୁଣ୍ଡ କାମ କରୁ ନଥିଲା । ଦେଶର ମହାନ ମହାନ ବୈଜ୍ଞାନିକମାନେ କରୋନା ଟୀକା ବାହାର କରିବାରେ ବିଫଳ ହେଲେ । କେବଳ ସଚେତନତା ଓ ସତର୍କତା ହିଁ ଏକମାତ୍ର ପ୍ରତିଷେଧକ ଔଷଧ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତ୍ୟେକ ରାଷ୍ଟ୍ରର ଜନସାଧାରଣଙ୍କୁ ଅବଗତ କରାଗଲା । କିଛି ମାସ ପରେ କରୋନା ଟୀକା ବାହାରିବା ପରେ ପରିସ୍ଥିତି ନିୟନ୍ତ୍ରଣ ପରିସରକୁ ଆସିଲା ।

୨୦୨୦ ମସିହା, ମାର୍ଚ୍ଚ ୧୬ ତାରିଖ ଦିନ ଓଡ଼ିଶାରେ କରୋନା ଜନ୍ମ ନେଲା, ଇଟାଲୀରୁ ନୂଆଦିଲ୍ଲୀ ଦେଇ ଫେରୁଥିବା ସଂକ୍ରମିତ ଜଣେ ଓଡ଼ିଆଙ୍କଠାରୁ । ସେ ଭୁବନେଶ୍ୱରରେ ଥିବା କ୍ୟାପିଟାଲ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହେଲେ କିନ୍ତୁ ସମଗ୍ର ଓଡ଼ିଶାକୁ କରୋନା ବ୍ୟାପିଲା । ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ମିଳିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟ ତଥା ଦେଶରେ 'ତାଲାବନ୍ଦ' ନୀତି ପ୍ରଣୟନ କରାଗଲା । ଉଲ୍ଲଙ୍ଘନକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନକୁ କଡ଼ାକଡ଼ି କରିବା ପାଇଁ "The Epidemic Diseases (Amendment) Ordinance, 2020" ଆଇନ ମଧ୍ୟ ପ୍ରଣୟନ ହେଲା । ହଠାତ୍ କରୋନା ଟୀକାର ଆବିଷ୍କାର ଏତେ ସହଜ ନଥିଲା, ତେଣୁ ଜନସଚେତନତା ହିଁ ଏକମାତ୍ର ଅସ୍ତ୍ର । ଏହି ବାବଦରେ ଜନତାଙ୍କୁ ସଚେତନ ଓ ସତର୍କ କରାଇବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ସଚେତନତା ଆରମ୍ଭ କରାଗଲା । ପରବର୍ତ୍ତୀ ସମୟରେ ଏହି ଉଦ୍ଦେଶ୍ୟରେ ଏକ ଇଣ୍ଟରନେଟ ପୋର୍ଟାଲ ଖୋଲାଯାଇ ରାଜ୍ୟ ସରକାର କରୋନା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଉପଲବ୍ଧ ହେଲା । ଏହାରି ମାଧ୍ୟମରେ ଶିକ୍ଷିତ ଗୋଷ୍ଠୀର ଲୋକମାନେ କରୋନା ସହିତ ମୁକାବିଲା କରିବା କୌଶଳ ଶିଖିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଅଧିକରୁ ଅଧିକ କରିବା ପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏଁ ରାଜ୍ୟରେ ଥିବା ସମସ୍ତ ମିଶନଶକ୍ତି ଏବଂ ଅଙ୍ଗନାୱାଡ଼ି କର୍ମୀଙ୍କ ମାଧ୍ୟମରେ କରୋନା ସଚେତନତା ସଂକ୍ରାନ୍ତ ବାର୍ତ୍ତା ସମସ୍ତଙ୍କ ଘରେ ଘରେ ପହଞ୍ଚାଇବାର ବ୍ୟବସ୍ଥା କରାଗଲା । ପ୍ରତିଦିନ କରୋନାର ସଦ୍ୟତମ ତଥ୍ୟ ସରକାରଙ୍କ ବାର୍ତ୍ତା ମାଧ୍ୟମରେ ପ୍ରକାଶ କରିବା ସହ ରାଜ୍ୟବାସୀଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ନିବେଦନ କରାଯାଉଥିଲା । ସାରା ରାଜ୍ୟରେ ସ୍ୱତନ୍ତ୍ର ସଚେତନତା ସଭା ଆୟୋଜନ ହେଲା । ଜନସାଧାରଣ କରୋନା ବିରୁଦ୍ଧରେ ଲଢ଼େଇ ଶିଖିଲେ ଏବଂ ଏ ଲଢ଼େଇରେ ଓଡ଼ିଶାବାସୀ ଜିତିଲେ ମଧ୍ୟ ।

ବିଶ୍ୱରେ ମହାମାରୀର ଇତିହାସ ଉପରେ ଆଲୋଚନା କଲେ ସ୍ପଷ୍ଟ ଜଣାଯାଏ ଯେ, ବିଭିନ୍ନ ସମୟରେ ଗୋଟିଏ ପରେ ଗୋଟିଏ ମହାମାରୀ ଧରାକୁ ଆସିଛି । ବହୁ ଧନଜୀବନ କ୍ଷତି କରିଛି କିନ୍ତୁ ପରେ ସେହି ମହାମାରୀ ମଣିଷ ଆଗରେ ହାରିଯାଇ ପୁଣି ତାକୁ ଯିବାକୁ ପଡ଼ିଛି । ସେଗୁଡ଼ିକ ମଧ୍ୟରୁ ଏନ୍‌ସେଫ୍‌ଲାଇଟିସ ଲେଟାର୍ଗିକା ସଂକ୍ରାମକ ବେମାରୀ ବିଶ୍ୱରେ ଦେଖିବାକୁ ମିଳିଥିଲା । କିଛିବର୍ଷ ପରେ ଏହାର ଅନ୍ତ ଘଟିଥିଲା । ସେହିପରି ସ୍ପେନିସ୍ ଫ୍ଲୁ ମହାମାରୀ ପ୍ରଥମ ଯୁଦ୍ଧ ସମୟରୁ ହିଁ ବ୍ୟାପିଥିଲା । ଏହା ସୈନିକଙ୍କ ମାଧ୍ୟମରେ ଭାରତକୁ ଆସିଥିଲା । ଏହାପରେ କୋଲେରା ପେଣ୍ଡାମିକ, ଏହା ହଇଜା ମହାମାରୀ ନାମରେ ପରିଚିତ । ଏହା ଭାରତରେ ଅତ୍ୟଧିକ ବ୍ୟାପିବାରୁ ଭାରତକୁ ମହାମାରୀର କେନ୍ଦ୍ର କୁହାଗଲା ।

ଏହିପରି ଭାବରେ ଅନେକ ମହାମାରୀ ଭାରତକୁ ଆସିଥିଲା କିନ୍ତୁ କିଛି ବର୍ଷ ମାନବ ସମାଜରେ ରହି ପୁଣି ଫେରିଯାଇଥିଲା । ଠିକ୍ ସେହିପରି, କରୋନା ମହାମାରୀ ମଧ୍ୟ ଅନ୍ୟ ମହାମାରୀ ପରି ଧରାପୃଷ୍ଠରେ ସୃଷ୍ଟି ହୋଇ ବିଶ୍ୱକୁ ଭୟଭୀତ କରିଛି । ମାତ୍ର ବିଭିନ୍ନ ସମୟରେ ଏହି ଭୂତାଣୁ ତା'ର ରୂପ ବଦଳାଇ କାୟା ବିସ୍ତାର କରୁଛି । ଆଖିକୁ ଦେଖା ନଗଲେ ବି ଏହି ଭୂତାଣୁ ପୂର୍ବର ସମସ୍ତ ଭୂତାଣୁ ଠାରୁ ଭିନ୍ନ । ରାଜ୍ୟ ତଥା ଦେଶରେ ସଂକ୍ରମଣ ହାର ବଢୁଛି, ଯଦିଓ ମୃତ୍ୟୁହାର କମ୍ । ଏହା ପୁଣି ପବନରେ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି । ତେଣୁ ସତର୍କ ରହିବାର ସମୟ ଆସିଯାଇଛି ।

ତିନି ବର୍ଷ ପରେ ପୁଣି ଫେରିଲା କରୋନା ।

**ବିଶ୍ୱରେ ମହାମାରୀର ଇତିହାସ ଉପରେ ଆଲୋଚନା କଲେ ସ୍ପଷ୍ଟ ଜଣାଯାଏ ଯେ, ବିଭିନ୍ନ ସମୟରେ ଗୋଟିଏ ପରେ ଗୋଟିଏ ମହାମାରୀ ଧରାକୁ ଆସିଛି । ବହୁ ଧନଜୀବନ କ୍ଷତି କରିଛି କିନ୍ତୁ ପରେ ସେହି ମହାମାରୀ ମଣିଷ ଆଗରେ ହାରିଯାଇ ପୁଣି ତାକୁ ଯିବାକୁ ପଡ଼ିଛି । ସେଗୁଡ଼ିକ ମଧ୍ୟରୁ ଏନ୍‌ସେଫ୍‌ଲାଇଟିସ ଲେଟାର୍ଗିକା ସଂକ୍ରାମକ ବେମାରୀ ବିଶ୍ୱରେ ଦେଖିବାକୁ ମିଳିଥିଲା । କିଛିବର୍ଷ ପରେ ଏହାର ଅନ୍ତ ଘଟିଥିଲା । ସେହିପରି ସ୍ପେନିସ୍ ଫ୍ଲୁ ମହାମାରୀ ପ୍ରଥମ ଯୁଦ୍ଧ ସମୟରୁ ହିଁ ବ୍ୟାପିଥିଲା । ଏହା ସୈନିକଙ୍କ ମାଧ୍ୟମରେ ଭାରତକୁ ଆସିଥିଲା । ଏହାପରେ କୋଲେରା ପେଣ୍ଡାମିକ, ଏହା ହଇଜା ମହାମାରୀ ନାମରେ ପରିଚିତ । ଏହା ଭାରତରେ ଅତ୍ୟଧିକ ବ୍ୟାପିବାରୁ ଭାରତକୁ ମହାମାରୀର କେନ୍ଦ୍ର କୁହାଗଲା ।**

ରାଜ୍ୟ ତଥା ଦେଶରେ କରୋନା ମହାମାରୀ କାୟା ବିସ୍ତାର କରି ଚାଲିଛି । ସବୁଠି କରୋନାର କୋକୁଆ ଭୟ ସୃଷ୍ଟି ହେଲାଣି । ସାରା ବିଶ୍ୱରେ ହୋଇଥିବା ଉକ୍ତ ପରିସ୍ଥିତିକୁ ବିଶ୍ୱବାସୀ ଭୁଲିନଥିବାବେଳେ ପୁଣି କରୋନା ମହାମାରୀ ମୁଣ୍ଡ ଧୀରେ ଧୀରେ ଟେକିଲାଣି । ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା ଆଦି ରାଜ୍ୟରେ କରୋନା ସଂକ୍ରମଣ ରୋଗୀ ଚିହ୍ନଟ ହୋଇଛି । ତେବେ କେରଳରେ ଯେଉଁଭଳି ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ତାହା ଏବେ ସରକାରଙ୍କ ଚିନ୍ତାର କାରଣ ପାଲଟିଛି ।

ଓଡ଼ିଶାରେ ମଧ୍ୟ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ବର୍ତ୍ତମାନ ଭୟର ବାତାବରଣ ସୃଷ୍ଟି ହୋଇଛି । ମାତ୍ର କରୋନା ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ସରକାର ବାର୍ତ୍ତା ମାଧ୍ୟମରେ ଜନସାଧାରଣଙ୍କୁ ପ୍ରତିଦିନ ଅବଗତ କରୁଛନ୍ତି । ଭୟଭୀତ ନ ହେଇ ସତର୍କତାର ସହିତ କରୋନାକୁ ମୁକାବିଲା କରିଲେ ବିଜୟ ହେବା ନିଶ୍ଚିତ । ତେଣୁ ସାମାଜିକ ଦୂରତା ଓ ପରିଚ୍ଛନ୍ନତା ରହିବା ହିଁ ଏକମାତ୍ର ବ୍ରହ୍ମାସ୍ତ୍ର କୁହାଯିବ । ଏହି ସଂକ୍ରମଣରେ ଜେଏନ.୧ ଓମିକ୍ରନର ଏକ ଉପ-ଭାରିଆଣ୍ଟ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା କଥା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି । ୨୦୨୦-୨୧ରେ କରୋନାର ଦୁଇ ପ୍ରଜାତି ଓ ଡେଲଟା ଠାବ ହୋଇଥିବାବେଳେ ଏବେ ଏହାର ତିନି ନୂଆ ପ୍ରଜାତି ଠାବ ହୋଇଛି । କିନ୍ତୁ ଭାରତରେ ଏନବି ୧.୮୧ ଏବଂ ଏଲଏଫ -୭ ଦୁଇ ନୂଆ ପ୍ରଜାତିର ଭୂତାଣୁ ଠାବ ହୋଇଛି । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହି ଭାରିଆଣ୍ଟକୁ ଏପର୍ଯ୍ୟନ୍ତ ଚିନ୍ତାଜନକ ଭାରିଆଣ୍ଟ ଭାବେ କୁହାଯାଇନାହିଁ । ଏହାର ଲକ୍ଷଣ ସାଧାରଣତଃ ହାଲୁକା ରହିଛି, ଯେପରିକି ଜ୍ୱର, ନାକରୁ ପାଣି ବହିବା, ଗଳା ଯନ୍ତ୍ରଣା, ମୁଣ୍ଡବିନ୍ଧା, ଥକ୍କା ଏବଂ ଅବସାଦ । ଅଧିକାଂଶ ସଂକ୍ରମିତ ବ୍ୟକ୍ତି ଚାରିଦିନ ମଧ୍ୟରେ ସୁସ୍ଥ ହୋଇଉଠୁଛନ୍ତି । ତେଣୁ ଭୟଭୀତ ନ ହୋଇ କରୋନାର ମୁକାବିଲା କରିବା ପାଇଁ ସମସ୍ତେ ସଚେତନ ଏବଂ ସତର୍କ ରହିଲେ ହିଁ କରୋନାକୁ ସହଜରେ ପରାଜିତ କରିହେବ ।

**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ,**
**ବାଲେଶ୍ୱର,**
**ମୋ-୯୩୩୭୪୦୪୨୫୪**

# ମୋଟାପଣର ଅପକାରିତା

**ଡି ଦେବହରି ରେଡ଼ି**

ସାଧାରଣତଃ ଅଧିକ ମୋଟା ବା ଓଜନ ରହିଲେ ଅନେକଙ୍କର ଧାରଣା ଥାଏ ଯେ, ସେ ସୁସ୍ଥ ଓ ସ୍ୱାସ୍ଥ୍ୟବାନ ଅଟନ୍ତି । କିନ୍ତୁ ଅଧିକ ଓଜନ ବା ମୋଟାପଣ ସୁସ୍ଥତାର ଆଦୌ ଲକ୍ଷଣ ନୁହେଁ । ଏହା ଏକ ନୀରବ ସ୍ୱାସ୍ଥ୍ୟ ସମସ୍ୟା । ବର୍ତ୍ତମାନ ସମୟରେ ମୋଟାପଣ ବା ମେଦବହୁଳତା ଏକ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ହୋଇ ଠିଆ ହେଲାଣି । ଅନେକ ଲୋକଙ୍କ କ୍ଷେତ୍ରରେ ମୋଟାପଣ ଦେଖିବାକୁ ମିଳୁଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ (୨୦୧୯ ରୁ ୨୦୨୧) ତଥ୍ୟ ଅନୁସାରେ ଭାରତରେ ଶତକଡା ୨୪ ଭାଗ ମହିଳା ଓ ୨୩ ଭାଗ ପୁରୁଷ ମେଦବହୁଳତାରେ ଅଛନ୍ତି । ଆକଳନ କରାଯାଏ ୨୦୫୦ ବେଳକୁ ଭାରତ ମୋଟାପଣ ଥିବା ଜନସଂଖ୍ୟାରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିବ ।

ଉଚ୍ଚତା ଅନୁସାରେ ଅଧିକ ଓଜନକୁ ମୋଟାପଣ କୁହାଯାଏ, ଯାହାକି ସ୍ୱାସ୍ଥ୍ୟ ବିଜ୍ଞାନରେ ବଡି ମାସ୍ ଇଣ୍ଡେକ୍ସ ବା ବି.ଏମ୍.ଆଇ ଦ୍ୱାରା ନିର୍ଣ୍ଣୟ କରାଯାଏ । ବି.ଏମ୍.ଆଇ ସାଧାରଣତଃ ଶରୀରର ଓଜନ (କିଲୋଗ୍ରାମ)କୁ ଉଚ୍ଚତା (ବର୍ଗମିଟର) ଦ୍ୱାରା ଭାଗ କରାଯାଇ ନିର୍ଣ୍ଣୟ କରାଯାଏ । ୧୮ ଠାରୁ ୨୨.୯ ବି.ଏମ୍.ଆଇ ସ୍ୱାଭାବିକ, ୨୩ ଠାରୁ ୨୪.୯ ପର୍ଯ୍ୟନ୍ତ ଅଧିକ ଓଜନ ଓ ୨୫ରୁ ଉର୍ଦ୍ଧ୍ୱକୁ ମୋଟାପଣ ବା ଓବେସିଟୀ ବୋଲି ଧରାଯାଏ । ୧୮ ରୁ କମ୍ ରହିଲେ ତାହା କମ୍ ଓଜନ ବିଶିଷ୍ଟ ଶରୀର ବୋଲି ନିର୍ଦ୍ଧାରିତ ହୁଏ ।

ମୋଟାପଣ ହେବାର ଅନେକ କାରଣ ରହିଛି ଯାହାକି କିଛି କାରଣକୁ ଆମେ ଚେଷ୍ଟା କରି ରୋକିପାରିବା । କିନ୍ତୁ ଆଉ କିଛି କାରଣକୁ ରୋକିବା କଷ୍ଟକର । ଯେମିତି ପରିବାରରେ ବଂଶଗତ ରୋଗ ଯାହାକି ଜଣେ ଇଛା ମୁତାବକ ରୋକିପାରିବ ନାହିଁ । କିନ୍ତୁ କିଛି କାରଣକୁ ରୋକା ଯାଇପାରିବ, ଉଦାହରଣ ସ୍ୱରୂପ ଅସ୍ୱାସ୍ଥ୍ୟକର ଖାଦ୍ୟାଭାସ, ଆଳସ୍ୟମୟ ଜୀବନଶୈଳୀ ଓ ଚାପମୟ ଜୀବନ । ଏହି ପ୍ରମୁଖ ହେଉଛି ମେଦବହୁଳତାର ମୁଖ୍ୟ କାରଣ । ତେଣୁ ଏଭଳି ଜୀବନଚର୍ଯ୍ୟାକୁ ପରିବର୍ତ୍ତନ କରିବାକୁ ହେବ ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ଆଧୁନିକ ଜୀବନଚର୍ଯ୍ୟା ଓ ଅସନ୍ତୁଳିତ ଖାଦ୍ୟ ଶୈଳୀର ମୋଟାପଣ ପାଇଁ ମୁଖ୍ୟ ଭୂମିକା ରହିଛି । ଆମ ଦେଶ ଭାରତରେ ଅନେକ ଲୋକ ବର୍ତ୍ତମାନ ଜୀବିକା ନିର୍ବାହ ପାଇଁ ହେଉ କି ସୁଖ ସାଚ୍ଛନ୍ଦ୍ୟ ପାଇଁ କିମ୍ବା ଉନ୍ନତ ମାନର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ସହରରେ ରହିବାକୁ ପସନ୍ଦ କରନ୍ତି । ସମସ୍ତେ କମ୍ ସମୟରେ ଅଧିକ ଉପାର୍ଜନ କରିବା ପାଇଁ ଅହରହ ପ୍ରଚେଷ୍ଟା କରୁଛନ୍ତି । ନିଜର ଖ୍ୟାତି, ଧନ ସଂପତ୍ତି ବୃଦ୍ଧି ପାଇଁ ପ୍ରତ୍ୟେକ ଦିନ ସବୁ ସମୟରେ ବ୍ୟସ୍ତ । ଏହି ପ୍ରତିଯୋଗିତା ଭିତରେ ଏମିତିକି ଖାଇବା ପାଇଁ ମଧ୍ୟ ସମୟ ପାଆନ୍ତି ନାହିଁ । ଫଳରେ କେବଳ ଭୋକକୁ ମାରିବା ପାଇଁ ଯାହା ନାହିଁ ତାହା ଖାଇ ଦିଅନ୍ତି ।

ଅନେକ କ୍ଷେତ୍ରରେ ବଜାରରେ ଉପଲବ୍ଧ ଛଣା ଛଣି ଖାଦ୍ୟ ବା ଯାହାକୁ ବର୍ତ୍ତମାନ ଫାଷ୍ଟ ଫୁଡ୍ କହୁ ଯାହା ଖାଇବାକୁ ପଡେ । ଯାହା ଫଳରେ ଶରୀର ପାଇଁ ଆବଶ୍ୟକ ପୋଷଣ ମିଳିବା ବଦଳରେ ଆବଶ୍ୟକ ଠାରୁ ଅଧିକ କ୍ୟାଲୋରୀ ମିଳିଥାଏ । ଅତ୍ୟଧିକ କ୍ୟାଲୋରୀ ବିଶିଷ୍ଟ ଖାଦ୍ୟ ମୋଟାପଣ ବୃଦ୍ଧି ପାଇଁ ସହାୟକ ହୋଇଥାଏ । ବ୍ୟସ୍ତମୟ ସମୟ ଭିତରେ ପରିଶ୍ରମ କରିବା ପାଇଁ ସମୟ ମିଳି ନଥାଏ । ଏହା ସାଙ୍ଗକୁ କାର୍ଯ୍ୟାଳୟ ଚାପ ପରିବାରର ଦାୟିତ୍ୱ ଯୋଗୁ ମାନସିକ ଅସ୍ଥିରତା ମଧ୍ୟ ମୋଟାପଣ ପାଇଁ ଅନ୍ୟ ପ୍ରମୁଖ ମୂଳ କାରଣ ।

ମୋଟାପଣ ଛୋଟ ପିଲାଙ୍କ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳେ । ଆଗ ଭଳି ମାଆମାନେ ଘର ତିଆରି ଖାଦ୍ୟ ଯଥା- ଚୁଡ଼ା ଦହି, ମୁଢ଼ି, ମାଣ୍ଡିଆ ଜାଉ, ଚକୁଳି, ଛତୁଆ, ଉପମା ଆଦି ନଦେଇ ବଜାରରେ ଉପଲବ୍ଧ ପ୍ରକ୍ରିୟାକୃତ ଖାଦ୍ୟ ଦେବାକୁ ପସନ୍ଦ କରନ୍ତି, ଯେଉଁଥିରେ ଅତ୍ୟଧିକ ଲୁଣ ତେଲ ମସଲା ମିଶ୍ରଣ ହୋଇ ପ୍ରସ୍ତୁତ ହୁଏ । ତାହା ଖାଇବା ଦ୍ୱାରା ଯଦିଓ ଜିଭର ପାଟିକୁ ସ୍ୱାଦ ଲାଗିପାରେ କିନ୍ତୁ ଶରୀର ପାଇଁ ଆବଶ୍ୟକୀୟ ଖାଦ୍ୟସାର ବା ପୋଷଣ ମିଳିନଥାଏ କିନ୍ତୁ ସେଥିରେ ଥିବା ଉଚ୍ଚ କ୍ୟାଲୋରୀ ଓଜନ ବୃଦ୍ଧି କରାଏ । ଏହି ପ୍ରକାର ଖାଦ୍ୟ ଖାଇବା ଦ୍ୱାରା ଜିଭର ସ୍ୱାଦ ଏକ ଅଲଗା ପ୍ରକାର ହୋଇପଡେ । ଫଳରେ ସବୁବେଳେ କେବଳ ସେହି ଜାତୀୟ ଖାଦ୍ୟ ଖାଇବା ପାଇଁ ପସନ୍ଦ କରନ୍ତି । ଏହି ଭଳି ପ୍ରକ୍ରିୟାକୃତ ଖାଦ୍ୟ ଅଭ୍ୟାସ ଫଳରେ ଶରୀରର ହର୍ମୋନ ବା ଜୀବରସର ସନ୍ତୁଳନ ସ୍ୱାଭାବିକ ହୋଇ ପାରେ ନାହିଁ ।

ଅସ୍ୱାସ୍ଥ୍ୟକର ଖାଦ୍ୟ ସାଙ୍ଗକୁ ଶାରୀରିକ ବ୍ୟାୟାମର ଅଭାବ ମଧ୍ୟ ରହିଛି । ପିଲାମାନଙ୍କୁ ଅଳ୍ପ ବୟସରୁ ହିଁ ପାଠ ପଢ଼ାର ଚାପ ଯୋଗୁ ଖେଳିବା ପାଇଁ ସମୟ ମିଳେ ନାହିଁ । ଆଗ ଭଳି ପିଲାମାନେ ଆଉ ଦଉଡ଼ି ଡିଆଁ, ପୁଚି ଖେଳ, କବାଡି, ନଦୀ କି ପୋଖରୀରେ ପହଁରା, ସାଇକେଲ ଚଢ଼ା ପ୍ରତି ଆଗ୍ରହୀ ହେଉନାହାନ୍ତି । ବର୍ତ୍ତମାନ ଅଳ୍ପ ବୟସର ପିଲା ମଧ୍ୟ ସ୍କୁଟି, ବାଇକ୍ ଚଳେଇବା ଅଭ୍ୟାସ ହେଲାଣି । ଫଳରେ ଶାରୀରିକ ପରିଶ୍ରମ ହୋଇପାରେନାହିଁ । ଯେତିକି ସମୟ ମିଳେ ସେହି ସମୟରେ ଘରେ ବସି ମୋବାଇଲ୍, ଟିଭିରେ ସମୟ ବିତେ । ୨୦୨୨ ମସିହାରେ ଏକ ଜାତୀୟ ସର୍ଭେ ଅନୁସାରେ ଭାରତରେ ପାଖାପାଖି ୧୨.୫ ମିଲିୟନ ୫-୧୯ ବର୍ଷ ବୟସ୍କ ପିଲା ମୋଟାପଣ ଅଟନ୍ତି ।

ଶିଶୁଙ୍କ କ୍ଷେତ୍ରରେ ମୋଟାପଣ ଫଳରେ ଶିଶୁ ଚାଲିବା,ବସିବା,ଉଠିବା ପାଇଁ କଷ୍ଟକର ହୁଏ । ଫଳରେ ଶିଶୁ ଖେଳିବା, ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିନଥାଏ । ସବୁବେଳେ ଚିଡ଼ିଚିଡ଼ା ସ୍ୱଭାବର ହୁଏ । ଏହି ମୋଟା ପଣ ଯୋଗୁ ଅନେକ ପ୍ରକାର ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ । ମୋଟା ପଣ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍ ରୋଗ, ମସ୍ତିଷ୍କଘାତ, ଯକୃତରେ ଚର୍ବି ଜମିବା ଓ ଆଣ୍ଠୁଗଣ୍ଠି ପୀଡ଼ା ଭଳି ଅନେକ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିର ମୂଳ କାରଣ ।

ମୋଟାପଣ ଭଳି ନୀରବ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାକୁ ପ୍ରତିରୋଧ କରିବା ନିହାତି ଆବଶ୍ୟକ । ପ୍ରତିରୋଧ ପାଇଁ ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ପଡ଼ିବ । ପ୍ରତ୍ୟେକ ଦିନ ଅଧ ଘଣ୍ଟାରୁ ଏକ ଘଣ୍ଟା ଶାରୀରିକ ପରିଶ୍ରମ, ବ୍ୟାୟାମ, ଯୋଗ, ପ୍ରାଣାୟମ କରିବା ସାଙ୍ଗକୁ ଆବଶ୍ୟକ ଅନୁଯାୟୀ କମ୍ କ୍ୟାଲୋରୀ ଯୁକ୍ତ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଆବଶ୍ୟକ । ବଜାରରୁ ମିଳୁଥିବା ପ୍ରକ୍ରିୟାକୃତ ଖାଦ୍ୟ ବା ଫାଷ୍ଟ ଫୁଡ୍ ନ ଖାଇ ଘରେ ପାରମ୍ପରିକ ଖାଦ୍ୟ ସହ ଋତୁ ଅନୁସାରେ ତଟକା ଫଳ ଓ ପନିପରିବା ଖାଇବା ଆବଶ୍ୟକ । ମାନସିକ ଚାପକୁ ନିୟନ୍ତ୍ରଣ ବା ସନ୍ତୁଳନ ରଖିବା ପାଇଁ ନିୟମିତ ପ୍ରାଣାୟମ, ଖେଳ କୁଦ, ଆମୋଦପ୍ରମୋଦରେ ସମୟ ଦେବା ସହିତ ଆବଶ୍ୟକ ବିଶ୍ରାମ ନେବା ଉଚିତ ।

**ସ୍ୱାସ୍ଥ୍ୟ ପରାମର୍ଶଦାତା**
**ତାରିଣୀପଲ୍ଲୀ, ଗଞ୍ଜାମ**
**ମୋ-୯୪୩୭୨୫୩୩୩୨**

# ମାନିବା - ଜାଣିବା

**ଲଳିତ ମୋହନ ମିଶ୍ର**

ମାନିବା ଜାଣିବା ଏହି ଦୁଇଟି କଥା ଭିନ୍ନ ଭିନ୍ନ... ଯେପରିକି ବନ୍ଧନରୁ ମୁକ୍ତ । ମାନିବା ହେଉଛି ବନ୍ଧନ ପ୍ରକ୍ରିୟା ଏବଂ ଜାଣିବା ହେଉଛି ମୁକ୍ତି ପ୍ରକ୍ରିୟା । ମାନିବା ମାନ୍ୟତା ଉପରେ ଆଧାରିତ ଏବଂ ଜାଣିବା ଜ୍ଞାନ ଉପରେ ଆଧାରିତ । ମାନିବା ଧାର୍ମିକ ପ୍ରକ୍ରିୟା, ଜାଣିବା ଆଧ୍ୟାତ୍ମିକ, ଯାହା ଉପରକୁ ଆଉ ଉଠି ହେବ ନାହିଁ ତାହାକୁ ଆମେ ଗ୍ରହଣ କରିଥାଉ । ଯେତେବେଳେ ତାହାର ଉପରକୁ ଉଠିଯାଉ, ସେତେବେଳେ ଅଧିକ ଜାଣିଯାଉ । ଯେପରି ଆମେ ଭଗବାନଙ୍କୁ ମାନୁ ଗ୍ରହଣ କରୁ କିନ୍ତୁ ତାଙ୍କର ସ୍ୱରୂପ ଜାଣି ନାହୁଁ । ଆମେ ଶ୍ରୀମଦ୍ ଭଗବତ୍ ଗୀତାକୁ ମାନୁ କିନ୍ତୁ ତାହାର ଜ୍ଞାନକୁ ଜାଣି ନାହୁଁ । ମାନିବା ଏକ ସ୍ଥୂଳ ପ୍ରକ୍ରିୟା ଏବଂ ଜାଣିବା ଏକ ସୂକ୍ଷ୍ମ ପ୍ରକ୍ରିୟା । ଯେତେବେଳେ ଆମେ ମାନିବାରୁ ଜାଣିଯାଉ, ସେତେବେଳେ ଜୀବନ ଧାରଣର ଦୃଷ୍ଟିକୋଣ ବଦଳି ଯାଏ । ମାନିବାରୁ ଜାଣିବା ଏକ ସମ୍ପୂର୍ଣ୍ଣ ରୂପାନ୍ତରିତ ପ୍ରକ୍ରିୟା । ଜ୍ଞାନୀକୁ କିଏ ବାନ୍ଧି ପାରେ ନାହିଁ, କାରଣ ସେ ବିଶ୍ୱର ଜ୍ଞାତା । ଜଣେ ଦ୍ରଷ୍ଟା ଓ ସାକ୍ଷୀଙ୍କ ପରି, ସେ କୌଣସିଥିରେ ବାନ୍ଧି ହୋଇ ଯାଏ ନାହିଁ । ସେ କିଛି ମାନେ ନାହିଁ କିନ୍ତୁ ଜାଣିଯାଏ ସବୁକିଛି । ଜାଣିବା ହେଉଛି ଚେତନାର ଏକ ଉଚ୍ଚତର ଅବସ୍ଥା । ଏହା ଅନୁଭବର ପ୍ରକ୍ରିୟା, ଯେଉଁଠି ମାୟା ଏବଂ ଆତ୍ମାର ସମ୍ପୂର୍ଣ୍ଣ ଅନୁଭବ । ଉଦାହରଣ ସ୍ୱରୂପ, ଯେମିତି ଆମେ କହୁ - ମୁଁ ସବୁ ଦେଶ, ଧର୍ମ, ଜାତି, ଆଇନକୁ ଜାଣେ ଅଥବା ଯଦି କେହି କୁହେ - ମୁଁ ଗୋଟିଏ ଦେଶ, ଜାତି, ଧର୍ମ ଉପରେ ବିଶ୍ୱାସ କରେ, ତେବେ ଉଭୟ ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି । ଯିଏ ଜାଣେ ସେ କାହାକୁ ଛୋଟ ବଡ଼ ଦେଖେ ନାହିଁ, ସଂସାରରେ କିଛି ଭୁଲ ଦେଖେ ନାହିଁ, କିମ୍ବା କିଛି ସଜାଡ଼ିବାକୁ ଚେଷ୍ଟା କରେ ନାହିଁ, ସେ କେବଳ ଜାଣେ ଜ୍ଞାତା । ସେ ସବୁକିଛି ଜାଣେ, କିନ୍ତୁ କୌଣସି ସ୍ଥାନରେ ଅଟକି ଯାଏ ନାହିଁ । ଏପରି ଲୋକ କୌଣସି ଦେଶ, ଧର୍ମ, ଜାତି ଶାସ୍ତ୍ର ଦ୍ୱାରା ଆବଦ୍ଧ ନୁହଁନ୍ତି । ସେମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ସଂସ୍କୃତି ସହିତ ଜଡିତ କରାଯାଇ ପାରିବ ନାହିଁ । ସେ ଯେ କୌଣସି ସ୍ଥାନର ହୋଇପାରନ୍ତି । ସେମାନଙ୍କର ଚିନ୍ତନ ପ୍ରକ୍ରିୟା ଯେକୌଣସି ସ୍ଥାନରୁ ଆରମ୍ଭ ହୋଇଥାଇପାରେ ।

ଏହା ନୁହେଁ କି ସେ ଆଧ୍ୟାତ୍ମିକ ବ୍ୟକ୍ତି, ଜଣେ ଚିନ୍ତାଶୀଳ କିମ୍ବା ଦାର୍ଶନିକ ରୂପରେ ଚିହ୍ନଟ ହୋଇଥିବେ । ମନର ଅବସ୍ଥା ଆଧାରରେ, ଲୋକଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରିବ-ଉଚ୍ଚ, ମଧ୍ୟମ ଏବଂ ନିମ୍ନ । ଯେଉଁମାନେ ମାନିବାର ଊର୍ଦ୍ଧ୍ୱକୁ ଉଠି ଜ୍ଞାନୀ ହୋଇଛନ୍ତି, ସେମାନେ ଉଚ୍ଚ ଶ୍ରେଣୀର । ସେମାନଙ୍କ ପାଇଁ ସବୁକିଛି ତୁଚ୍ଛ ହୋଇଯାଏ । ମଧ୍ୟମ ବର୍ଗରେ ବ୍ୟକ୍ତି ମନୁଷ୍ୟ ଦ୍ୱାରା ନିର୍ମିତ ସଂସ୍ଥା, ଜାତି, ଧର୍ମ, ଦେଶ, ସମ୍ପ୍ରଦାୟ, ଦୁର୍ନୀତି, ହିଂସା, ଆଇନ, ଅର୍ଥ, ପଦପଦବୀ, ପ୍ରତିଷ୍ଠା ଇତ୍ୟାଦି ଉପରେ ବିଶ୍ୱାସ କରିବା ଆରମ୍ଭ କରନ୍ତି । କେତେକ ଦେଶକୁ ମହାନ ବୋଲି ମାନିଥାନ୍ତି, କେତେକ ଜାତି, କେତେକ ସଂସ୍କୃତି, କେତେକ ଧର୍ମରେ ସେମାନେ ଫସି ଯାଆନ୍ତି ଏବଂ କେତେକ ଅନୁଷ୍ଠାନ, କେତେକ ସମ୍ପର୍କକୁ ମହାନ୍ ବୋଲି ମାନିଥାନ୍ତି । କେତେକ କିଛି ପଦବୀକୁ ମହାନ ବୋଲି ମାନିଥାନ୍ତି । ତା'ପରେ ଆମେ 'ବିଶ୍ୱାସୀ' ହୋଇଯାଉ ଏବଂ ସେହି ବ୍ୟବସ୍ଥାକୁ ଉନ୍ନତ କରିବା ଆରମ୍ଭ କରୁ । ସେଥିରେ ବିଶ୍ୱାସ କରୁଛ ଏହିପରି ଆମେ ସେଥିରେ ବାନ୍ଧି ହୋଇ ରହିଥାଉ । କିନ୍ତୁ ତୃତୀୟ ପ୍ରକାରର ଲୋକ ଅଛନ୍ତି ଯେଉଁମାନେ ସମାଜର ସମସ୍ତ ବିଶ୍ୱାସ, ନିୟମ, ପଦବୀ ଇତ୍ୟାଦି ବୁଝିପାରନ୍ତି ନାହିଁ, ସେମାନେ ନିଜ ଭିତରେ ଜଡିତ ରହିଯାଆନ୍ତି । ସେମାନଙ୍କର ବିଚାରଧାରା ଅନୁଯାୟୀ ସେମାନେ ନିମ୍ନ ବର୍ଗରେ ଆସନ୍ତି ।

**ନୟାଗଡ଼, ମୋ-୯୪୩୭୯୮୫୮୬୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୂଆ...

ହାଇଦ୍ରାବାଦ, ଡେକାନ ଚାର୍ଜର୍ସ ଓ ଗୁଜରାଟ ଟାଇଟନ୍ସ ଟ୍ରଫି ହାସଲ କରିଥିଲେ । ଏହି ତାଲିକାରେ ଯୋଡ଼ି ହୋଇଛି ବେଙ୍ଗାଲୁରୁ ।

ଦୀର୍ଘ ୭୨ଦିନ ଓ ୭୪ଟି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ପରେ ଚଳିତ ଆଇପିଏଲ୍‌ରେ ପୂର୍ଣ୍ଣାହୂତି ପଡିଛି । ପଞ୍ଜାବ କିଙ୍ଗ୍ସ ୧୭ ବର୍ଷର ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା । ଆଉ ଦଳର ନେତୃତ୍ୱ ନେଇଥିଲେ ଶ୍ରେୟାସ୍ ଆୟର । ସେ ଗତ ସଂସ୍କରଣର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସର ଅଧିନାୟକ ଥିଲେ । ଏଥର ପଞ୍ଜାବର ମଙ୍ଗୁଆଳ । ପୂର୍ବରୁ ଦଳ ୨୦୧୪ରେ ଫାଇନାଲ୍ ଖେଳି କୋଲକାତା ନାଇଟ ରାଇଡର୍ସ ଠାରୁ ପରାଜିତ ହୋଇଥିଲା । ୨୦୦୯, ୨୦୧୧ ଓ ୨୦୧୬ ପରେ ରୟାଲ୍ ଚ୍ୟାଲେଞ୍ଜର୍ସ ଚତୁର୍ଥ ଥର ପାଇଁ ଫାଇନାଲ୍ ଖେଳିଛି ।

୨୦୦୮ ରୁ ଆରମ୍ଭ ହୋଇଥିଲା ଆଇପିଏଲ୍ । ବିଗତ ୧୭ଟି ସଂସ୍କରଣରେ ୭ଟି ଦଳ ଆଇପିଏଲ୍ ଚାମ୍ପିଅନ ହୋଇଛନ୍ତି । ଏଥର ୧୮ତମ ସଂସ୍କରଣରେ ୮ମ ଦଳ ଭାବେ ବେଙ୍ଗାଲୁରୁ ନୂଆ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି । ଆଇପିଏଲ୍ ଇତିହାସ ଉପରେ ନଜର ପକାଇଲେ, ଚେନ୍ନାଇ ଓ ମୁମ୍ବାଇ ସର୍ବାଧିକ ୫ଥର ଲେଖାଏଁ ଚାମ୍ପିଅନ ହୋଇଛନ୍ତି । ଏହି ଦୁଇ ଲୋକପ୍ରିୟ ଦଳକୁ ପ୍ରଶଂସକଙ୍କ ଭଲ ପାଇବା ବି ଢ଼େର ମିଳିଛି । ଚେନ୍ନାଇ ୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩ରେ ଚାମ୍ପିଅନ ହୋଇଥିଲା । ମହେନ୍ଦ୍ର ସିଂହ ଧୋନି ଦଳକୁ ସଫଳତା ଦେଇଥିଲେ । ମୁମ୍ବାଇ ଇଣ୍ଡିଆ ରୋହିତ ଶର୍ମାଙ୍କ ନେତୃତ୍ୱରେ ୫ଥର ଚାମ୍ପିଅନ ହୋଇଛି । ଦଳ ୨୦୧୩ରେ ପ୍ରଥମ ଟ୍ରଫି ହାତେଇଥିଲେ । ପୁଣି ୨୦୧୫, ୨୦୧୭, ୨୦୧୯ ଓ ୨୦୨୦ରେ ଚାମ୍ପିଅନ ହୋଇଥିଲା । କୋଲକାତା ନାଇଟରାଇଡର୍ସ ୩ଥର ୨୦୧୨ ଓ ୨୦୧୪ରେ ଗୌତମ ଗମ୍ଭୀର ଓ ୨୦୨୪ରେ ଶ୍ରେୟାସ ଆୟରଙ୍କ ନେତୃତ୍ୱରେ ଚାମ୍ପିଅନ ହୋଇଥିଲା ।

ରାଜସ୍ଥାନ ରୟାଲ୍ସ ଆଇପିଏଲ୍‌ର ପ୍ରଥମ ସଂସ୍କରଣ ଅର୍ଥାତ୍ ୨୦୦୮ ରେ ଚାମ୍ପିଅନ ହୋଇଥିବା ବେଳେ ହାଇଦ୍ରାବାଦ୍ ୨୦୧୬ରେ, ଡେକାନ ଚାର୍ଜର୍ସ ୨୦୦୯ ରେ ଏବଂ ଗୁଜରାଟ ଟାଇଟନ୍ସ ୨୦୨୨ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଚାମ୍ପିଅନ ହୋଇଥିଲା ।

ଟାଇଟଲ ମୁକାବିଲା ପୂର୍ବରୁ ରଙ୍ଗାରଙ୍ଗ ଉଦ୍‌ଯାପନୀ ଉତ୍ସବ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ ତଥା ସାରା ଭାରତକୁ ଦୁଲୁକାଇଥିଲା । ଶଙ୍କର ମହାଦେବନଙ୍କ ଗୀତ ସାଙ୍ଗକୁ ତ୍ରିରଙ୍ଗା ପୋଷାକଧାରୀଙ୍କ ମତୁଆଲା ନାଚ ଆମ ବୀର ଯବାନଙ୍କୁ ଉତ୍ସର୍ଗ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ବହୁ ଆମନ୍ତ୍ରିତ ଅତିଥି ସାରା ବିଶ୍ୱରୁ ଯୋଗ ଦେଇଥିଲେ । ମ୍ୟାଚ୍‌ର ଶେଷ ଓଭରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ପୁରୁଖା ଖେଳାଳି ବିରାଟ କୋହଲିଙ୍କ ଆଖିରୁ ଆନନ୍ଦର ଅଶ୍ରୁ ଝରିଥିଲା । ଦଳର ୧୮ ବର୍ଷର ସଂଘର୍ଷ ଶେଷରେ ପୂରଣ ହୋଇଛି । ଆଉ ଗୋଟିଏ ଦୁଇଟି ସଂସ୍କରଣ ପରେ ବିରାଟ କୋହଲି ଆଇପିଏଲ୍‌ରୁ ଅବସର ନେଇପାରନ୍ତି । ତେଣୁ ୨୦୨୫ ସଂସ୍କରଣର ସୁଯୋଗକୁ ଆର୍‌ସିବି ହାତଛଡ଼ା ନକରି କୋହଲିଙ୍କୁ ଟ୍ରଫି ସହ ସ୍ମରଣୀୟ ଉପହାର ଦେଇଛି ।

## ରାଉରକେଲାରୁ...

ସାମଗ୍ରୀକୁ ଠାବ କରାଯାଇଥିଲା ।

ମେ' ୨୭ ତାରିଖରେ ବାଙ୍କୋ ପଥର ଖଣିକୁ ଯାଉଥିବା ୨୦୦ ପ୍ୟାକେଟ୍ ବିସ୍ଫୋରକକୁ ୪୦ରୁ ଉର୍ଦ୍ଧ୍ୱ ମାଓବାଦୀ ଲୁଟି ନେଇଥିଲେ । ଏହାକୁ ଗୁରୁତର ସହ ନେଇ ପୋଲିସ ଡ଼ିଜିପି ଯୋଗେଶ ବାହାଦୁର ଖୁରାନିଆ ଘଟଣାସ୍ଥଳରେ ଡେରା ପକାଇ ସ୍ଥିତି ସମୀକ୍ଷା କରିବା ସହ ଲୁଟ୍ ବିସ୍ଫୋରକ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ସହ ଆଇଜି (ଅପରେସନ) ଦୀପକ କୁମାର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ, ରାଉରକେଲା ଏସପି ନୀତେଶ ଓ୍ୱାଧଓ୍ୱାନୀ, ସୁନ୍ଦରଗଡ଼ ଏସ୍ପି ପ୍ରତ୍ୟୁଷ ଦିବାକର, ସ୍ୱତନ୍ତ୍ର ଗୁଇନ୍ଦା ଶାଖା ଅଧିକାରୀ ଓ ଝାଡ଼ଖଣ୍ଡ ପୁଲିସ ମଧ୍ୟ ସାମିଲ ଥିଲେ । ଏହା ପରେ ଡିଜିପି ଏନ୍‌ଆଇ୍‌ଏ ଟିମ୍ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଏହାର ତଦନ୍ତ ବର୍ତ୍ତମାନ ଏନ୍‌ଆଇଏ ଟିମ୍ କରୁଛି । ବର୍ତ୍ତମାନ ଜବତ ହେଇଥିବା ବିସ୍ଫୋରକକୁ ମାଓବାଦୀଙ୍କ ବିପକ୍ଷରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି । ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀର ସର୍ଚ୍ଚ ଅପରେସନ୍ ଏବେ ବି ଜାରି ରହିଛି ।

ପୂର୍ବେ ବିସ୍ଫୋରକ ସାମଗ୍ରୀ ମାଓବାଦୀ ଲୁଟ କରିଥିବା କୁହାଯାଉଥିଲା। ଏଯାଏଁ ଚୋରାମାଲ ସମ୍ପୂର୍ଣ୍ଣ ପରିମାଣରେ ମିଳିପାରିନି । ମାଓବାଦୀଙ୍କ ପାଖରେ କେତେ ଟନ୍ ବାରୁଦ ଅଛି ଜାଣିବା ବି ମୁସ୍କିଲ୍ । ଏସବୁ ଭିତରେ ଶ୍ରବଣର ଭୂମିକାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ମାଓ ଲିଙ୍କ୍ ନେଇ ଖୋଳତାଡ଼ ହୋଇଛି । ବେଆଇନ ବାରୁଦ କାରବାରର ବି ଛାନଭିନ୍ ଚାଲିଛି । ତେବେ ଖଣି ବେପାର କେବଳ ସୁନ୍ଦରଗଡ଼ରେ ସୀମିତ ନ ଥିବାରୁ, ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଏହା ପ୍ରସାର କରିଥିବା ଆଲୋଚନା ଆରମ୍ଭ ହୋଇଛି । ବେଧଡ଼କ ବାରୁଦ ବେପାର,କିପରି ଚାଲିଛି ତାର ଖୋଳତାଡ଼ ଆରମ୍ଭ ହୋଇଛି । କାହା ପାଖରେ ବନ୍ଧାପଡ଼ିଛି ବିସ୍ଫୋରକ ଆଇନବୋଲି ବିଶେଷକରି ଖଣି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଲାଣି । ଏପରିକି ସୁନ୍ଦରଗଡ଼ର ବାରୁଦ ବ୍ୟବସାୟୀଙ୍କ ଜଙ୍ଗଲ ଭିତରେ ଗୋଦାମ ଘର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସେହି ଜଙ୍ଗଲ ଭିତର ବାରୁଦ ଗୋଦାମରୁ ଜିଲ୍ଲା ବାହାରକୁ ଚାଲାଣ ହେଉଥିବାର ପ୍ରମାଣ ପାଇଛି ତଦନ୍ତ କରୁଥିବା ପୋଲିସ । ଗୋଦାମ ସିଲ୍ ଥାଇ ବି ଶ୍ରବଣ ବାବୁ ହାଇଦ୍ରାବାଦରୁ ମଗାଇଥିଲେ ଆଉ ୧୫ ହଜାର କିଲୋ ବାରୁଦ । ଯାହା ଗୋଦାମରେ ପହଞ୍ଚିବା ଆଗରୁ ପୁଲିସ ମାଡ଼ିବସିଛି । ଖାଲି ସେତିକି ନୁହେଁ, ସେହି ସମାନ ମାଲିକ ଶ୍ରବଣଙ୍କ ଗାଡ଼ିରୁ ରଘୁନାଥପଲ୍ଲୀ ଥାନା ଦେଓଗାଁ ସାରୁଅଟୋଲା ପାଖରୁ ୩୦୦ ପେଟି ମେଗା ପ୍ରାଇମ୍ ବ୍ରାଣ୍ଡ ବିସ୍ଫୋରକ ଜବତ ହୋଇଛି ।

ମାଓବାଦୀ ବିସ୍ଫୋରକ ଲୁଟିନେବା ପରେ ଏତେ କଥା ସାମ୍ନାକୁ ଆସିଲା । କିନ୍ତୁ ସେହି ମାଓ ଅପରେସନ୍ କେତେ ବାଟ ଗଲା କେହି କହୁନାହାନ୍ତି । ମାଓବାଦୀଙ୍କ ସହ ଗୁଳି ବିନିମୟରେ ଦିନକ ତଳେ ଯବାନ ଆହତ ହୋଇଥିଲେ । ମାଟିତଳୁ ଚୋରା ବିସ୍ଫୋରକ ସାମଗ୍ରୀ ଜବତ ହେଲା, କିନ୍ତୁ ମାଓବାଦୀ ଖସିଗଲେ । ଏମିତି କି ମାଓବାଦୀଙ୍କ ପାଖରେ ଏବେ କେତେ ପରିମାଣର ବିସ୍ଫୋରକ ରହିଛି, ତାହା କେହି ଜାଣନ୍ତି ନାହିଁ । ହେଲେ କୁହାଯାଉଛି, ସେମାନଙ୍କ ପାଖରେ ଯେତିକି ବାରୁଦ ରହିଛି, ସେତିକିରେ ଅଧା ଓଡ଼ିଶା ଉଡ଼ିଯିବ । ତେବେ ଏକା ଶ୍ରବଣ ନା ଏମିତି ଆହୁରି ଅଛନ୍ତି, ତାହା ଜାଣିବା ଜରୁରୀ ହୋଇଛି । ଏପରିକି ଖଣି ଖାଦାନ ଜିଲ୍ଲାରେ ଖଣି ମାଲିକ ମାନଙ୍କ ପାଖକୁ କେଉଁ ଠାରୁ କେତେ ପରିମାଣର ବିସ୍ଫୋରକ ସାମଗ୍ରୀ ଆସୁଛି ଓ ତାର କିପରି ବ୍ୟବହାର ହେଉଛି ତାର ଛାନଭିନ୍ ଚାଲିଥିବା ଜଣାପଡ଼ିଛି ।

## ୮ ଘଣ୍ଟାରେ...

ଉଠେନାହିଁ ବୋଲି ଶ୍ରୀ ଚୌହାନ କହିଛନ୍ତି ।

ପୁନେ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଚୌହାନ କହିଲେ ଯେ ମେ' ୧୦ରେ ପାକିସ୍ତାନ ଭାରତକୁ ଘେରିବା ପାଇଁ ଅନେକ ସମନ୍ୱିତ ଆକ୍ରମଣ ଆରମ୍ଭ କରିଥିଲା । ଏଥିଲାଗି ୪୮ ଘଣ୍ଟାର ଯୋଜନା କରିଥିଲା । ସେମାନେ ସଂଘର୍ଷକୁ ବଢ଼ାଇଥିଲେ । ମାତ୍ର ଆମେ କେବଳ ଆତଙ୍କୀ ଆଡ୍ଡାକୁ ଟାର୍ଗେଟ କରିଥିଲୁ । ୮ ଘଣ୍ଟା ମଧ୍ୟରେ ପାକିସ୍ତାନର ଯୋଜନାକୁ ଧୂଳିସାତ୍ କରାଗଲା । ତା'ପରେ ସେମାନେ ଟେଲିଫୋନ୍ କରି ଆଲୋଚନା ଚାହାଁନ୍ତି ବୋଲି କହିଥିଲେ । ମେ' ୭ରେ ଆମେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲୁ । ପାକିସ୍ତାନର ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା । ଆକ୍ରମଣ ପରେ ଭାରତ ପାକିସ୍ତାନକୁ ଏହି ସୂଚନା ଦେଇଥିଲା ଓ ସତର୍କ କରାଇ ଦେଇଥିଲା ଯେ ଯଦି ଆଗକୁ ଉତ୍ତେଜନା ବଢ଼ାଯାଏ ତେବେ ଭାରତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ପାକ୍ ଅଧିକୃତ କାଶ୍ମୀର ଓ ପାକିସ୍ତାନରେ ଥିବା ୯ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା । ଅପରେସନ୍ ସିନ୍ଦୂର ବର୍ତ୍ତମାନସୁଦ୍ଧା ଶେଷ ହୋଇନାହିଁ । ଏହା ଜାରି ରହିଛି । ମାତ୍ର ଅସ୍ଥାୟୀ ଭାବେ ଅସ୍ତ୍ର ବିରତି କାଯାଇଛି । ତେବେ ଆମକୁ ସତର୍କ ରହିବାକୁ ପଡ଼ିବ । ଆମ ଆକ୍ରମଣ ପରେ ପାକିସ୍ତାନ ବାଧ୍ୟ ହୋଇ ଫୋନ୍ କରିବାକୁ ବାଧ୍ୟ ହୋଇଥିଲା । କାରଣ ସେମାନଙ୍କର ଅଧିକ କ୍ଷତି ହୋଇଥିଲା । ଭାରତ ଏବେ ଆତଙ୍କବାଦ ଓ ପରମାଣୁର ବ୍ଲାକ୍‌ମେଲ୍‌କୁ ଶୁଣିବ ନାହିଁ । କ୍ଷତି କୌଣସି ପ୍ରଭାବ ପକାଏନାହିଁ । ଏଠି କ୍ଷତି ଗୁରୁତ୍ୱପୂର୍ଣ୍ଣ ନୁହେଁ, ପରିଣାମ ମହତ୍ୱପୂର୍ଣ୍ଣ । ଏହି ସଂଘର୍ଷ ପହଲଗାମ୍ ଆତଙ୍କୀ ଆକ୍ରମଣର ଆରମ୍ଭ ଥିଲା । ଆତଙ୍କବାଦର କୌଣସି ନିର୍ଦ୍ଦିଷ୍ଟ ତର୍କ ନାହିଁ ବୋଲି ସେ କହିଛନ୍ତି ।

## ଜନଗଣନା...

ଦାୟିତ୍ୱରେ ରହିବେ । କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସମୟ ମଧ୍ୟରେ ରାଜ୍ୟ ସରକାର ଜନଗଣନା କରିବେ । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଆଗକୁ ରାଜ୍ୟରେ ସୀମା ନିର୍ଦ୍ଧାରଣ ସହ ଲୋକସଭା ଓ ବିଧାନସଭାରେ ମହିଳା ସଂରକ୍ଷଣ ଲାଗୁ ହୋଇପାରେ । ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଜିଲ୍ଲା ଓ ବ୍ଲକ୍ ସ୍ତରରେ ଜନଗଣନା ପାଇଁ ଅଧିକାରୀ ନିଯୁକ୍ତି ହେବ । ପ୍ରଥମଥର ଲାଗି ଜାତିଭିତ୍ତିକ ଜନଗଣନା ହେଉଥିବାରୁ ୨୩୫ ପଛୁଆବର୍ଗଙ୍କୁ ସାମିଲ କରାଯାଇପାରେ ବୋଲି ସୂଚନା ମିଳୁଛି । ସ୍ୱାଧୀନତା ପରଠାରୁ ଦେଶରେ ୭ ଥର ଜନଗଣନା ହୋଇଛି । ଶେଷଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା । ୨୦୨୧ରେ କୋଭିଡ ମହାମାରୀ ପାଇଁ ହୋଇପାରିନଥିଲା । ୪ ବର୍ଷ ବିଳମ୍ବରେ ଏହା କରାଯିବ । ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନମାନେ ଜାତିଭିତ୍ତିକ ଜନଗଣନା ପାଇଁ ଦାବି କରୁଥିଲେ । କେନ୍ଦ୍ର ସରକାର ଏହାକୁ ଗ୍ରହଣକରିଛନ୍ତି । ଜନଗଣନାରୁ ନାଗରିକଙ୍କ ସାମାଜିକ, ଆର୍ଥିକ ସ୍ଥିତି ସହ ବୟସ ଓ ଲିଙ୍ଗଗତ ପରିସଂଖ୍ୟାନ ସ୍ପଷ୍ଟ ହୋଇଥାଏ । କେତେ ସଂଖ୍ୟକ ଶିକ୍ଷିତ ମଧ୍ୟ ଜଣାପଡିଥାଏ । ଏଥର ବୈଷୟିକ ଜ୍ଞାନକୌଶଳ ବ୍ୟବହାର ହେଉଥିବାରୁ ଜନଗଣନା କମ୍ ସମୟ ମଧ୍ୟରେ ଶେଷ ହେବ ବୋଲି ସୂଚନା ମିଳୁଛି ।

## ଦଶରେ...

ଉଦାହରଣ ସ୍ଥାପିତ କରିଛନ୍ତି । ମିଜୋରାମରେ ପୁରୁଷ ସାକ୍ଷରତା ହାର ୯୯.୨% ଥିବାବେଳେ ମହିଳା ୯୭% ରହିଛି । ସେହିଭଳି ମେଘାଳୟରେ ପୁରୁଷଙ୍କ ସାକ୍ଷରତା ହାର ୯୫.୧% ଓ ମହିଳାଙ୍କ କ୍ଷେତ୍ରରେ ୯୩.୫% ଏବଂ କେରଳରେ ପୁରୁଷଙ୍କ କ୍ଷେତ୍ରାରେ ୯୬.୭% ଓ ମହିଳାଙ୍କ କ୍ଷେତ୍ରରେ ୯୪% ରହିଛି । ଗ୍ରାମୀଣ ଭାରତ ପଛରେ ରହିବା ଉଚିତ୍ ନୁହେଁ । ଗ୍ରାମୀଣ ବିଦ୍ୟାଳୟଗୁଡ଼ିକରେ ବୟସ୍କ ସାକ୍ଷରତା କେନ୍ଦ୍ର ଓ ମହିଳା ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଉଲ୍ଲେଖ କରାଯାଇଛି । କେବଳ ପାଠ୍ୟ ପୁସ୍ତକ ପଢ଼ିବା ନୁହେଁ, ଏକ ଏମିତି ଭବିଷ୍ୟତ ତିଆରି କରିବା ଉଦ୍ଦେଶ୍ୟରେ ଯେଉଁଠି ପ୍ରତ୍ୟେକ ଲୋକ ପଢ଼ିପାରିବେ, ଲେଖିପାରିବେ ଓ ଆଧୁନିକ ଅର୍ଥନୀତିର ଅଂଶ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

## ପାଇଖାନା...

ଚିକିତ୍ସାଳୟକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ପୁଲିସ୍ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ପ୍ରାଥମିକ ରିପୋର୍ଟ ଅନୁସାରେ ସମସ୍ତେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି । ତେବେ ଶବ ବ୍ୟବଚ୍ଛେଦ ପରେ ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ ବୋଲି ଡାକ୍ତର କହିଛନ୍ତି । ମୃତ ଅମୀୟ ଖରାଙ୍କ ସମ୍ପର୍କୀୟ ସୁମିକା ଖରା କହିଛନ୍ତି ଯେ ସେ ସେଠାକୁ କାମ କରିବାକୁ ଯାଇ ନଥିଲେ । ସେ ରାସ୍ତା କଡ଼ରେ ବସିଥିଲେ । ପାଇଖାନା ଟାଙ୍କିରେ ଦୁଇ ଜଣ ଅଚେତ ହେବା ପରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଅମୀୟ ଖରାଙ୍କୁ ଡକା ଯାଇଥିଲା । ଯିଏ ତାଙ୍କୁ ଡାକି ନେଇଥିଲେ, ସେ ଏବେ ତାଙ୍କ ପରିବାର କଥା ବୁଝୁ । ଅମୀୟ କୁଲି ମଜୁରୀ କରି ଚଳୁଥିଲେ । ତାଙ୍କର ଦୁଇଟି ଛୁଆ ଅଛନ୍ତି । ଏବେ ସେମାନଙ୍କର କ'ଣ ହେବ ।

# ବିଭିନ୍ନ କାରଖାନାରେ ପୋଲିସର ବିସ୍ଫୋରକ ଗୋଦାମ ଯାଞ୍ଚ

ସୁନ୍ଦରଗଡ଼,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବାଙ୍କୋ ପଥର ଖଣିରୁ ମାଓବାଦୀ ବିସ୍ଫୋରକ ଲୁଟି ନେବା ଓ ପୁଲିସ ଅପରେସନରେ ଅଢ଼େଇ ଟନ୍ ଉଦ୍ଧାର ହେବା ଘଟଣା ରାଜ୍ୟରେ ହଇଚଇ ଖେଳାଇଦେଇଛି । ବିସ୍ଫୋରକ ବଡ଼ଗାଁ ଥାନା ଇତମା ଖଡ଼ିଆପଡ଼ାସ୍ଥ ଶ୍ରବଣ ଅଗ୍ରଓ୍ୱାଲଙ୍କ ଗୋଦାମରୁ ଯାଇଥିଲା । ଏହା ଭିତରେ ପୂରା ପ୍ରକ୍ରିୟାରେ ସନ୍ଦେହ ଘେରକୁ ଚାଲି ଯାଇଥିବା ମାଲିକ ଶ୍ରବଣଙ୍କୁ ମଙ୍ଗଳବାର ରାଉରକେଲା ପୁଲିସ ଗିରଫ କରିଛି । ମାଲିକଙ୍କ ମାଓ ଲିଙ୍କ ଚର୍ଚ୍ଚା ଆସିବା ପରେ ପୁଲିସ ମାମଲାକୁ ଗମ୍ଭୀରତାର ସହ ନେଇଛି ।

ପଶ୍ଚିମାଞ୍ଚଳ ଆରକ୍ଷୀ ଉପ ମହାନିରୀକ୍ଷକ ବ୍ରିଜେଶ ରାୟଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ପୁଲିସ ଜିଲାର ଏମସିଏଲ, ଏନଟିପିସି ଦର୍ଲିପାଲି ପାଓ୍ୱାର ପ୍ଲାଣ୍ଟ, ଏନଟିପିସି ଡୁଲିଙ୍ଗା କୋଇଲା ଖଣି, ମନୋହରପୁର ଓସିପିଏଲ କୋଇଲା ଖଣି , ଜାମକାନି ବେଦାନ୍ତ କୋଇଲା ଖଣି, ଲାଞ୍ଜିବେରଣା ଚୂନପଥର ଖଣିରେ ମାଗଜିନ ଓ ବିସ୍ଫୋରକ ଗୋଦାମଗୁଡ଼ିକୁ ଯାଞ୍ଚ କରୁଛି । ଆରକ୍ଷୀ ଉପ ମହାନିରୀକ୍ଷକଙ୍କ ନିର୍ଦ୍ଦେଶରେ ସୁନ୍ଦରଗଡ଼, ରାଉରକେଲା ଓ କେନ୍ଦୁଝରରେ ଯାଞ୍ଚ ଚାଲିଛି ।

# ସ୍ତମ୍ଭ ପଡ଼ି ଶ୍ରମିକ ଆହତ, ଡ଼ାକ୍ତରଖାନାରେ ଭର୍ତ୍ତି

କୋରାପୁଟ,(ସବ୍ୟୁ) : କିଛି ଦିନ ପୂର୍ବେ କୋରାପୁଟ ବସଷ୍ଟାଣ୍ଡର ପୁରୁଣା କୋଠାର ଉପର ମହଲା ଭଙ୍ଗା କାମ ଚାଲିଥିବା ବେଳେ ସେଠାରେ କାମ କରୁଥିବା ତ୍ରିଲୋଚନ ରାଉତ ନାମକ ଶ୍ରମିକଙ୍କ ଉପରେ ଭଙ୍ଗା ସ୍ତମ୍ଭ ପଡ଼ି ଯାଇଥିଲା । ତାଙ୍କର ଗୋଡ଼ରେ ଆଘାତ ଲାଗିବାରୁ କୋରାପୁଟ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରୀପାଠୀଙ୍କ ଉପସ୍ଥିତିରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ କୁ ନିଆଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଆହତ ତ୍ରିଲୋଚନଙ୍କୁ ଅସ୍ଥିଶଲ୍ୟ ଅନ୍ତଃ ବିଭାଗରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ତାଙ୍କର ଚିକିତ୍ସା ପାଇଁ ଯାହା ବି ସାହାଯ୍ୟ ଆବଶ୍ୟକ ପଡେ ପ୍ରଶାସନ ପକ୍ଷରୁ ସାହାଯ୍ୟ କରାଯିବ ବୋଲି କୋରପୁଟ ପୌର ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ବିପଦପୂର୍ଣ୍ଣ ଭାବେ ଥିବା ଏହି ପୁରୁଣା କୋଠାର ଉପର ମହଲାକୁ ଗତ କିଛି ଦିନ ହେଲା ପୌରପ୍ରଶାସନ ଭାଙ୍ଗିବାକୁ ଆରମ୍ଭ କରିଥିବା ବେଳେ ଦିନ ବେଳେ କାମ ଆରମ୍ଭ ସମୟରେ ପ୍ରଶାସନ ସତର୍କତା ପୂର୍ଣ୍ଣ ଭାବେ ଗାଡି ଚଳାଚଳ ଓ ଜନସାଧାରଣଙ୍କ ପ୍ରବେଶକୁ ବସଷ୍ଟାଣ୍ଡ ଭିତରକୁ ନିଷେଧ କରିଛି ।

## ଛାତ...

କରାଯାଇଥିବା ଅଗ୍ନିଶମ ବାହିନୀ ସୂତ୍ରରୁ ଜଣାପଡିଛି । ୩ ଜଣଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି ।

ସେଠାରେ କାର୍ଯ୍ୟରତ ଶ୍ରମିକଙ୍କ ଘର ବାଲେଶ୍ୱର ଓ ପଶ୍ଚିମବଙ୍ଗରେ । ସେମାନେ ନିର୍ମାଣ କାର୍ଯ୍ୟ ପାଇଁ ସେଠାରେ ରହି କାମ କରୁଥିଲେ । ପୁରୁଣା ଛାତକୁ ବାଡେଇ ଭାଙ୍ଗୁଥିବା ବେଳେ ହଠାତ୍ ତାହା ଭୁଶୁଡି ପଡିବାରୁ ସେମାନେ ଚାପି ହୋଇଯାଇଥିଲେ । ପ୍ରାୟ ୧ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ଅଗ୍ନିଶମ ବାହିନୀ ସେଠାରେ ନିୟୋଜିତ ରହି ଭୁଶୁଡି ଥିବା ଛାତ ପ୍ରଭୃତି କାଟି ସଫା କରିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ଅଗ୍ନିଶମ ବାହିନୀର ଅପରେସନ ଶୈଳୀକୁ ସେଠାରେ ଉପସ୍ଥିତ ଲୋକେ ପ୍ରଶଂସା କରିଛନ୍ତି ।

## ଆଉ...

ପୁରୀ ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ୬ରେ ବାଲେଶ୍ୱର, ଭଦ୍ରକ, ଗଜପତି, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଓ କଟକ ଜିଲ୍ଲାର ସ୍ଥାନେ ସ୍ଥାନେ ଗ୍ରୀଷ୍ମ ଲହରୀ ପ୍ରବାହିତ ହୋଇପାରେ । ଯାଜପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ଗରମ ସହିତ ଗୁଳୁଗୁଳି ଅନୁଭୂତ ହୋଇପାରେ । ତେବେ ୭ ତାରିଖରୁ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ଓ ବଜ୍ରପାତ ବୃଦ୍ଧି ପାଇବ ।

# ଆଥଲେଟିକ୍ ଆସୋସିଏସନ ପୁନର୍ଗଠନ ଦାବିରେ ଧାରଣା




ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡସ୍ତରୀୟ ଆଥଲେଟିକ ଆସୋସିଏସନ ପୁନର୍ଗଠନ ଓ କାର୍ଯ୍ୟକ୍ଷମ ଦାବିରେ ପଦ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଲେ ଉପଖଣ୍ଡ ସ୍ତରୀୟ କ୍ରିଡାବିତ ସଂଘ । କ୍ରିଡା ଓ କ୍ରିଡାବିତ ମାନଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି । ପଦ୍ମପୁର ଅଞ୍ଚଳରେ କ୍ରିଡା ଓ କ୍ରିଡାବିତ ମାନଙ୍କ ଉନ୍ନତି ପାଇଁ ବହୁ ଦିନରୁ ଆଥଲେଟିକ ଆସୋସିଏସନ ରହିଛି । ହେଲେ ଦୀର୍ଘ ଦିନ ହେବ ତାହା ମୂମୁର୍ଷୁ ଅବସ୍ଥାରେ ପଡି ରହିଛି । ଆଥଲେଟିକ ଆସୋସିଏସନର ଗୋଟିଏ ଖେଳ ପଡିଆ ରହିଛି ଯାହାକି ଖେଳାଳି ମାନଙ୍କ ଖେଳ ବଦଳରେ କେବଳ ସର୍କସ,ମୀନାବଜାର ଓ ଯାତ୍ରା ପାଇଁ ବ୍ୟବହାର ହେଉଥିବା ଖେଳାଳି ମାନେ ଅଭିଯୋଗ କରିଛନ୍ତି । ଆଥଲେଟିକ ଆସୋସିଏସନର ସ୍ଥାୟୀ ସଭାପତି ହେଉଛନ୍ତି ପଦ୍ମପୁର ଉପଜିଲ୍ଲାପାଳ । ପଦ୍ମପୁର ଉପଖଣ୍ଡସ୍ତରୀୟ ଆଥଲେଟିକ ଆସୋସିଏସନ ପୁନର୍ଗଠନ ଓ କାର୍ଯ୍ୟକ୍ଷମ କରିବା ପାଇଁ ପୂର୍ବରୁ ଅନେକଥର ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଥିଲେ । ହେଲେ ତାହା କାର୍ଯ୍ୟକାରୀ ହେଲା ନାହିଁ । ପ୍ରତିବାଦରେ ପଦ୍ମପୁର ଉପଖଣ୍ଡସ୍ତରୀୟ କ୍ରିଡାବିତ ସଂଘ ମଙ୍ଗଳବାର ପଦ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମୁଖରେ ଶତାଧିକ କ୍ରିଡାବିତ ଧାରଣାରେ ବସିଛନ୍ତି ।

# ଟ୍ରକ୍ ଚଢି ଯିବାରୁ ବାଇକ୍ ଆରୋହୀ ମୃତ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋର୍ଟ ସମ୍ମୁଖ ୩୫୩ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଦୁଇ ଜଣ ଗୁରୁତର ହୋଇଛନ୍ତି । ଜିଲ୍ଲାର ସଦର ମହକୁମା ଠାରେ ମଙ୍ଗଳବାର ଦୁର୍ଘଟଣା ହୋଇଛି । ଟ୍ରକ୍ ଏବଂ ବାଇକ୍ ମଧ୍ୟରେ ଦୁର୍ଘଟଣା ହେବାରୁ ବାଇକ୍ ଆରୋହୀ ଟ୍ରକ୍‌କୁ ଅତିକ୍ରମ କରୁଥିବା ବେଳେ ବାଇକ୍ ଚାଳକ ଭାରସାମ୍ୟ ହରାଇ ଚକା ତଳକୁ ପଡ଼ିଯାଇଥିଲ । ବାଇକ୍‌ରେ ବସିଥିବା ଅନ୍ୟ ଦୁଇ ଯୁବକ ଛିଟିକି ପଡ଼ିବାରୁ ସାମାନ୍ୟ ଆହତ ହୋଇଛନ୍ତି । ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିଲା । ମୃତ ଯୁବକ ଜଣକ ସିରୋଲ ଗ୍ରାମର ହିତେଶ ମାଝୀ ବୋଲି ଜଣାପଡ଼ିଛି ।


**AFFIDAVIT**

By virtue of an affidavit sworn before Executive Magistrate Dated. 02.06.2025, I, Lova Sahoo, Address, Vill-Kankardia, Po-Balitutha, Ps-Kujang, Dist- Jagatsinghpur, Odisha and Pin- 754141 declare that I have changed my Name from Sobhabati Sahoo to Lova Sahoo. Henceforth I shall be known as Lova Sahoo for all purposes.

Lova Sahoo

**PARADIP PORT AUTHORITY**

**E-TENDER CALL NOTICE**

**No. EM/MCHP/Tender-01/25/192**

**Date: 30.05.2025**

Name of the work "Design, Fabrication, Supply, Erection and Commissioning of one no. of Stacker of 4000 TPH Capacity". Estimated cost: **Rs.55,10,00,000/-**. Last date & time of submission of bid: **Dt.07.07.2025 up-to 17:15 Hrs.** Refer our website for details https://eprocure.gov.in/eprocure/app.

**Sd/- Executive Engineer (M), MCHP, Paradip Port Authority**

PPA/PR/13/2025-2026 dtd.02.06.2025

**LOST**

I Arvind Das aged about 61 years S/o Bikram Keshari Das Resident of Plot No -35 , Satya Nagar , Bhubaneswar , Presently residing At - # 72 , Eagle Ridge , Begur Koppa Road , Begur , Bangalore South , Bengaluru , Karnataka - 560068 do hereby give a public notice to all concerns that I am the absolute owner of landed property having Khata No -298 /1231 having Plot no -160/1210 under Mz-Deuliapatna , Tahsil-Jatani , Dist -Khurda , that my original saledeed was destroyed & eaten by white ant . This notice is given for the purpose of sale of schedule land to M/s Dasbhuja Enclave Pvt. Ltd.

**AFFIDAVIT**

By virtue of an affidavit sworn before Notary Public BHUBANESWAR, dated 03/06/2025 I, MOTI RANJAN SINGH At-Pubakhanda, Po/Ps-Niali, Dist-Cuttack, Pin Code-754004 Odisha declare that I have changed the name of my son/daughter/ward from SUBHASHREE SINGH. to S.M. SUBHASHREE SINGH. Henceforth, he/she shall be known as S.M. SUBHASHREE SINGH for all purposes.

(MOTI RANJAN SINGH)

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**

**SHORT TENDER CALL NOTICE**

**Notice No. LXVII-54/2025/RS/7903/TC Date : 31.5.2025**

**JJ-16 :** Sealed tenders are invited from intending registered manufactures of medicines/wound dressing materials or authorized dealers/suppliers for supply of 1200 packet of First-Aid-Kits. The tender must reach the undersigned latest by 1.00 PM of 16.06.2025. For further details please visit our website : **http://orissatransport.nic.in.**

**By the order of the Transport Commissioner, Odisha**

**Sd/- Joint Commissioner Transport Road Safety) STA, Odisha, Cuttack**

**NOTICE FOR LOSS OF DOCUMENTS**

Notice is hereby given from Chandra Shekhar Behera that, he has applied for loan to LIC HFL. But at present, he has lost the Original Link Documents i.e. RSD No.: 10241902327 dtd.: 05/08/2019, RSD No.: 10241502768 dtd. 03/08/2015 and Original Mutation ROR of Khata No.: 789/2007, Khata No.: 789/1594 which were kept with him and inspite of his best efforts, failed to trace the same. Therefore, notice is hereby given to general public that if anybody has got any right, title interest over the property on the missing documents, he/she has to claim before the LIC HFL At: Cuttack within 15 days from the date of publication. And after that the documents will lose its legal force and LIC HFL, Cuttack will not be responsible for any claim What-so-ever on the property after 15 days.

**Address for Communication**
**LIC HFL, Cuttack Branch, Cuttack,**
**B. K. Pattanaik, Advocate,**
**Mob. No. 9337395558**

**AFFIDAVIT**

By an affidavit No. 63AA058425 sworn before the Executive Magistrate, Angul on dtd. 09.05.2025. I Swarnapriya Pradhan, D/O Tirthabasi Sahoo of Village-Sapajhara, PO-Munduribeda, PS-Khamar, Dist-Angul, PIN-759118 declare that I have changed my surname from "PRADHAN" to "SAHOO". That all in my education certificate as well as in all my official documents issued by government my name is recorded as SWARNAPRIYA SAHOO". Henceforth, I shall be known as "SWARNAPRIYA SAHOO" for all purposes. In my Aadhar card No. i.e. 2150 0395 2865 also my name mentioned as SWARNAPRIYA SAHOO.

**NOTICE**

I Sri Raj Kumar Pattnaik aged about 44 years S/o Late Pratap Pattnaik being the director of Dasbhuja Enclave Pvt. Ltd. Having its office at Plot No -9 , Saheed Nagar , Bhubaneswar , do hereby give a public notice to all concerns that our company had intended to purchase a piece of land measuring an area Ac.0.410 Decimal from Khata No -298 / 1231 having Plot no -160/1210 under Mz- Deuliapatna , Tahsil-Jatani , Dist -Khurda , Hence it is informed to all concerns that if any claims demands or whatsoever against the property mentioned above may please inform me immediately on my authorized mobile No - 7205082050 within 15 days from the date of publication of the notice. And on expiry of the notice period, any claim or whatsoever, we shall not be responsible in any manner.

**OFFICE OF THE DISTRICT MAGISTRATE JAGATSINGHPUR**

**TENDER NOTICE**

Letter no. 10201 / (Sub Conecte) Date. 31.05.25

**Selection of agency for providing; facility Management services (FMS) Atal Bus Stand Balikuda and Erasama in Jagatsinghpur.**

Request for Proposal is invited from eligible Firm/Agency interested to provide different Manpower Services/Facility Management Services (FMS) at Type-C Category of Atal Bus Stand on outsourcing basis for New Bus Stand, Jagatsinghpur. Details regarding the eligibility criteria, terms & conditions, and formats of submission of tender may be downloaded from the website https://jagatsinghpur.odisha.gov.in/and the tender should reach the office of the undersigned by 20/06/25(5.00 PM). The undersigned reserves the right to reject any or all the tenders without assigning any reason thereof.

**Sd/- Collector-Cum-Chairman, District Level ABS Committee, Jagatsinghpur**

**GOVERNMENT OF ODISHA**
**DEPARTMENT OF WATER RESOURCES**

A-241

**Office of the Executive Engineer, Mechanical Division, Laxmiposi.**

**Email Address: eemdlaxmiposi@gmail.com**

**e-Procurement Notice- Bid Identification No.- EE/MDL-01/2025-26**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 06 (Six) |
| 3. | Category of executors | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | EE/MDL-01/2025-26 |
| 5. | Estimated Cost | Rs.6,52,401.72 to Rs.9,65,647.87 |
| 6. | Period of Completion | 01 (One) calendar month. |
| 7. | Date & time of availability of bid documents in the Portal | From dt. 02/06/2025 (10:00 AM) to dt. 09/06/2025 (5:00 PM) |
| 8. | Last date/ time for receipt of bid in the Portal | dt.09.06.2025 (up to 5.00 PM) |
| 9. | Date and Place of opening of online bids | dt.10.06.2025 (11:00 AM onwards in the O/o the undersigned) |
| 10. | Name of the Officer inviting bid | Executive Engineer, Mechanical Division, Laxmiposi |

Further details can be seen from the e-procurement portal https://tendersodisha.gov.in

**Sd/- Executive Engineer**
**Mechanical Division, Laxmiposi**

**ଚକ୍ରଧରପୁର ଡିଭିଜନରେ ବିଭିନ୍ନ ଆସେଟ୍‌ସ ପାଇଁ ଇ-ନିଲାମ ବିଜ୍ଞପ୍ତି**

ନଂ. ସିଏମ.୧୮/ଏନଏଫଆର/ଇ-ଅକ୍ସନ କାଟାଲଗ/ଜୁନ/୨୫ ତାରିଖ : ୦୨.୦୬.୨୦୨୫

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନ ଅଧୀନରେ ନିମ୍ନୋକ୍ତ ଆସେଟସ୍ କ୍ୟାଟେଗୋରିଜ୍ ପାଇଁ ଇ–ନିଲାମ ଆହ୍ୱାନ କରୁଛନ୍ତି । ଏ ସମ୍ପର୍କରେ ଇ–ଅକ୍ସନ ନୋଟିସ୍‌ର ଡ୍ରାଫ୍ଟ ସଂଲଗ୍ନ କରାଯାଇଅଛି । ଯାହାକି https://www.ireps.gov.in / ୱେବସାଇଟ୍‌ରେ ସୂଚିତ ହୋଇଅଛି । ଇ–ନିଲାମର ସବିଶେଷ ବିବରଣୀ ନିମ୍ନରେ ଦିଆଯାଇଛି : କ୍ର.ନଂ., କ୍ୟାଟେଗୋରି, କାଟଲଗ୍ ନଂ., ନିଲାମ ତାରିଖ, ନିଲାମ ଆରମ୍ଭ ସମୟ, ନିଲାମ ବନ୍ଦ ସମୟ, (୧) ପାର୍ସଲ, ପାର୍ସଲ ଏସଏଲଆର–୧୮୧୦୧, ୦୯.୦୬.୨୦୨୫, ୧୨:୦୦ ଘଟିକା ୧୨.୩୦ ଘଟିକା । (୨) ହାଇବ୍ରିଡ୍ ଏନଏଫଆର, ହାଇବ୍ରିଡ୍ – ଟିଏସଭି–ସିକେପି–୨, ୧୧.୦୬.୨୦୨୫, ୧୧.୩୦ ଘଟିକା ୧୨.୦୦ ଘଟିକା (୩) ପାର୍କିଂ, ପାର୍କିଂ – ଆରଓୟୁ–୨୫, ୧୩.୦୬.୨୦୨୫ ୧୨.୦୦ ଘଟିକା ୧୨.୪୦ ଘଟିକା (୪) ପାର୍କିଂ, ପାର୍କିଂ–ଏଡିଟିପି–୨୫, ୧୪.୦୬.୨୦୨୫, ୧୩.୦୦ ଘଟିକା ୧୩.୩୦ ଘଟିକା (୫) ଅନ୍ୟାନ୍ୟ, ଏମଏସଏସ୍–ଡିଏଲ–ଟାଟା–୨୫, ୧୬.୦୬.୨୦୨୫, ୧୨.୦୦ ଘଟିକା ୧୨.୩୦ ଘଟିକା (୬) ବିଜ୍ଞାପନ, ବିଜ୍ଞାପନ–ଇନ୍‌ସାଇଟ୍–୨୫, ୧୬.୦୬.୨୦୨୫, ୧୨.୩୦ ଘଟିକା, ୧୩.୦୦ ଘଟିକା । ଇଚ୍ଛୁକ ପକ୍ଷମାନେ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଏବଂ ଇ–ନିଲାମ ନୋଟିସ୍ ସମ୍ପର୍କରେ ଉପର ସୂଚିତ ସୂଚନା ଅନୁଯାୟୀ ସାଇଟ୍‌ର ସବିଶେଷ ବିବରଣୀ ଏବଂ ତତ୍‌ସଂକ୍ରାନ୍ତ ସୂଚନା ପାଇଁ ୱେବ୍‌ସାଇଟ୍ ଦେଖନ୍ତୁ । ଯଦି କିଛି ଜାଣିବାର ଥାଏ/ସ୍ପଷ୍ଟୀକରଣ ଦେବାର ଥାଏ ତେବେ ଦୟାପୂର୍ବକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-227) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳବାଇ
ଆମେ ହସ ସହ ସେବା ପ୍ରଦାନ କରୁଛୁ

**OFFICE OF SUPERINTENDING ENGINEER GAJAPATI IRRIGATION DIVISION PARALAKHEMUNDI, DIST : GAJAPATI, ODISHA**

A-250

Phone/Fax : 06815-223249, Email Id : - eepkdgpt@gmail.com

**e-Procurement Notice No. SE-GID-01/2025-26**

| | | |
|---|---|---|
| 1. | Type of work | Flood Protection Work |
| 2. | Form of Contract | Percentage Rate |
| 3. | Period of Completion | 02 (Three) Calendar Months. |

| Procurement Officer | Bid Identification No. | Bid Amount Rs. in lakhs | Availability & submission of Bids online |
|---|---|---|---|
| Superintending Engineer Gajapati Irrigation Division, | GID-01/2025-26 (01 One no. of work) | 8.65 lakhs | 05.06.2025 at 10.00 A.M. to 16.06.2025, 5.30 P.M. |

Date of openign of the Technical & Financial Bid : 17.06.2025 at 11.00 A.M.

Further details can be seen from the Govt. website : **www.tendersorissa.gov.in. Date of Lottery (if required) - 20.06.2025 at 11.00 A.M.**

**Sd/- Superintending Engineer**
**Gajapati Irrigation Division**
**Paralakhemundi**

# ସୁପର ପ୍ରିମିୟମ ବସ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ୫ଟି ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳୀ କୁ ଯିବ ବସ, ମହିଳା ମାନଙ୍କ ପାଇଁ ୫୦ ଭାଗ ରିହାତି

ପୁରୀ, (ସବ୍ୟୁ): ଯାତ୍ରୀ ଓ ଶ୍ରଦ୍ଧାଳୁ ମାନଙ୍କୁ ଉନ୍ନତ ମାନର ବସ ସେବା ଯୋଗାଇବା ଲକ୍ଷ୍ୟ ରେ ପୁରୀ ଠାରୁ ତିରୁପତି, ଅଯୋଧ୍ୟା, ଉଜ୍ଜୟିନୀ, ହାଇଦ୍ରାବାଦ ଓ ଭିଲାଇ ପର୍ଯ୍ୟନ୍ତ ସୁପର ପ୍ରିମିୟମ ବସ ସେବା ସହ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ବା (ଆଇଇଏମଏସ)ର ଶୁଭାରମ୍ଭ ହୋଇଛି । ମଙ୍ଗଳବାର ମଧ ଶୂନ୍ୟ ଦୁର୍ଘଟଣା ଦିବସ ପାଳିତ ହୋଇଥିଲା । ମଙ୍ଗଳବାର ଅପରାହ୍ନ ରେ ମାଳତୀ ପାଟପୁର ବସ ଷ୍ଟାଣ୍ଡ ଠାରୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବସ ସେବା ଓ ଆଇଇଏମଏସ ର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଏ ବର୍ଷକ ମଧ୍ୟରେ ପ୍ରାୟ ସବୁ ପୂରଣ କରିଛନ୍ତି । ସରକାର ମଙ୍ଗଳବାର ୮ ଟି ସୁପର ପ୍ରିମିୟମ ବସ ସେବା ଆରମ୍ଭ କରିଛନ୍ତି । ତେବେ ପୁରୀକୁ ଗୁରୁତ୍ୱ ଦେଇ ୫ ଟି ବସ ପୁରୀରୁ ଯାଉଛି । ଏହି ବସ ମାଳତୀ ପାଟପୁରରୁ ତିରୁପତି, ଅଯୋଧ୍ୟା, ଉଜୟିନୀ ହାଇଦ୍ରାବାଦ ଓ ଭିଲାଇ କୁ ଯିବ ବୋଲି ଡା ପାତ୍ର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ,ପରିବହନ ବିଭାଗ ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଓ ଡା ଦେବେନ୍ଦ୍ର ନାଥ ତରାଇ ପ୍ରମୁଖ ଯୋଗ ଦେଇଥିଲେ ।



ଏହି ଆରାମ ଦାୟକ ବସସେବାରେ ମହିଳା ମାନଙ୍କ ପାଇଁ ଶତକଡା ୫୦ ଭାଗର ରିହାତି ରହିଛି । ଏହି ବସ ମାଳତୀ ପାଟପୁରରୁ ତିରୁପତି, ଅଯୋଧ୍ୟା ଓ ଉଜୟିନୀକୁ ପ୍ରତି ସପ୍ତାହରେ ଥରେ ଯିବା ଆସିବା କରିବ । ସେହିପରି ହାଇଦ୍ରାବାଦ ଓ ଭିଲାଇକୁ ଦୈନିକ ବସ ଯିବା ଆସିବା କରିବ ବୋଲି ପୁରୀ ପରିବହନ ନିଗମ ମ୍ୟାନେଜର ରଶ୍ମି ସାମଲ ସୂଚନା ଦେଇଥିଲେ । ଅପରପକ୍ଷରେ ଆଇଇଏମଏସ ବ୍ୟବସ୍ଥା ଦ୍ୱାରା ବେଗ ନିୟନ୍ତ୍ରଣ ସହ ଦୁର୍ଘଟଣା କୁ ପ୍ରତିହତ କରାଯାଇ ପାରିବ । ପୂର୍ବରୁ ପୁରୀ ରୁ ଉତ୍ତରା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ଥିବା ବେଳେ ବର୍ତ୍ତମାନ ପୁରୀ ରୁ କୋଣାର୍କ ଓ କୋଣାର୍କ ରୁ ପିପିଲି ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଏହି ବ୍ୟବସ୍ଥା ଦ୍ୱାରା ସିସିଟିଭି ମାଧ୍ୟମରେ ନିର୍ଦ୍ଧାରିତ ବେଗ ଠାରୁ ଅଧିକ ଗତି ରେ ଗଲେ ତାହାର ଚିହ୍ନଟ କରି ସିଧାସଳଖ ଉଲ୍ଲଘଂନ କାରୀଙ୍କ ପାଖକୁ ଚାଲାଣ ପହଞ୍ଚିଯିବ ବୋଲି ଆରଟିଓ ରବିନ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନୋଡାଲ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର, ଏସଡିପିଓ ଆର ଏନ ଭଞ୍ଜ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପରିବହନ ବିଭାଗ ର ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୱାର୍ଡ ସଭ୍ୟାଙ୍କ ଠାରୁ ସୁନାଚେନ ଲୁଟ

ନିମାପଡା,(ସବ୍ୟୁ) :ଚୋରୀ ରୋକିବା ପାଇଁ ଗତ ସୋମବାର ସଂଧ୍ୟାରେ ଚାରିଛକ ଥାନା ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସଚେତନତା ସଭା ହେବାର ୧୨ ଘଣ୍ଟା ନବିତୁଣୁ ଲୁଟେରା ମାନେ ପୁଲିସକୁ ଖୋଲା ଚ୍ୟାଲେଂଜ ଦେଇଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ଚାରିଛକ ଥାନା ଅନ୍ତର୍ଗତ ଭୋଦର ଗ୍ରାମର ୱାର୍ଡ ସଭ୍ୟାଙ୍କ ବେକରୁ ଲୁଟେରା ମାନେ ଏକ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଛନ୍ତି । ପ୍ରକାଶ ଯେ, ରବିବାର ପୂର୍ବାହ୍ନ ୬ ଟାରେ ୱାର୍ଡ ସଭ୍ୟା ସବିତାରାଣୀ ସିହ୍ନା ଘର ନିକଟ କେନାଲ ବନ୍ଧ ରାସ୍ତାରେ ପ୍ରାତଃଭ୍ରମଣ କରୁଥିବା ସମୟରେ ଦୁଇ ଜଣ ଲୁଟେରା ଏକ ବାଇକରେ ଆସି ୱାର୍ଡ ସଭ୍ୟା ସିହ୍ନାଙ୍କୁ ଆକ୍ରମଣ କରିବା ସହ ସେ ପିନ୍ଧିଥିବା ଏକ ଦେଢଭରି ଓଜନର ସୁନା ଚେନକୁ ଛିଣ୍ଡାଇ ନେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ । ଏ ନେଇ ୱାର୍ଡ ସଭ୍ୟା ସିହ୍ନା ଚାରିଛକ ଥାନାରେ ଅଭିଯୋଗ କରିବା ପରେ ସିସି ଟିଭି ଫୁଟେଜକୁ ଆଧାରକରି ପୁଲିସ ତଦନ୍ତ ଚଳାଇଛି ।

## ଅସରାଏ ବର୍ଷାରେ ଦବିଲା ବରଗଡ କେନାଲ ରାସ୍ତା

# ଭୁବନେଶ୍ୱରରେ ୫୭ ମିମି ରେକର୍ଡ

ଭୁବନେଶ୍ୱର (ସବ୍ୟୁ): ରାଜଧାନୀରେ ଦିନସାରା ପ୍ରବଳ ଗୁଳୁଗୁଳିରେ ଛଟପଟ ହୋଇଥିଲେ ସହରବାସୀ । ତେବେ ଅପରାହ୍ଣରେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଦେଇଥିଲା । ଅସରାଏ ବର୍ଷାରେ ଭୁବନେଶ୍ୱରର ପ୍ରମୁଖ ରାସ୍ତା ଜଳମଗ୍ନ ହେବା ସହିତ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ଫଳରେ ଘଣ୍ଟା ଘଣ୍ଟା ଧରି ଫସି ରହିଥିଲେ ଲୋକେ । କେବଳ ସେତିକି ନୁହେଁ ବର୍ଷାରେ ବଡ଼ଗଡ଼ କେନାଲ ରାସ୍ତା ଦବି ଯାଇଛି । ଏବେଠୁ ଯଦି ଏପରି ଅବସ୍ଥା, ତାହେଲେ ଆଗକୁ ପରିସ୍ଥିତି ପୂରା ଅଣାୟତ ହେବ ଏଥିରେ ସନ୍ଦେହ ନାହିଁ ।

ମଙ୍ଗଳବାର ଦିନସାରା ପ୍ରବଳ ଖରା ଓ ଗୁଳୁଗୁଳିରେ ରାଜଧାନୀବାସୀ କଲବଲ ହେଉଥିବା ବେଳେ ଅପରାହ୍ଣ ୪ଟାରେ ପାଣିପାଗ ହଠାତ ପରିବର୍ତ୍ତନ ହୋଇଛି । ଭୁବନେଶ୍ୱରରେ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ହୋଇଛି । ୫୭ ମିମି ବର୍ଷା ପରେ ରାସ୍ତାରେ ପାଣିର ସୁଅ ଛୁଟିଛି । ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବା ବେଳେ ଅନେକ ମୁଖ୍ୟ ରାସ୍ତାରେ ପାଣି ଲହଡ଼ି ଭାଙ୍ଗିଛି ।



ପ୍ରବଳ ବର୍ଷା ଯୋଗୁଁ ଜନପଥ, ବମିଖାଲ ଓ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ବର୍ଷା ପାଣିରେ ଅନେକ ସ୍ଥାନରେ ଗାଡ଼ିଗୁଡ଼ିକ ବୁଡ଼ି ଯାଇଥିବା ଦେଖିବାକୁ ମିଳିଛି ।

ସେପଟେ ବଡ଼ଗଡ଼ କେନାଲ ରାସ୍ତା ବର୍ଷା ଯୋଗୁଁ ଦବି ଯାଇଛି । ପ୍ରାୟ ୩୦ ଫୁଟର ସାଇଫନ ଧସିଯାଇଥିଲା । ଫଳରେ ସ୍ଥାନୀୟ ଲୋକମାନେ ଯାତାୟତରେ ବାଧାପ୍ରାପ୍ତ ହୋଇଥିଲା । ଘଟଣାସ୍ଥଳକୁ ବିଏମସି ମେୟର ସୁଲୋଚନା ଦାସ ପରିଦର୍ଶନ କରିଥିଲେ । ଏହି ସମୟରେ ସ୍ଥାନୀୟବସିନ୍ଦାଙ୍କ ବିରୋଧର ଶୀକାର ହୋଇଥିଲେ ମେୟର ।

## ସୋଆ ଏସ୍ଏଚ୍ଏମ୍ ପକ୍ଷରୁ

# ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୱି କ୍ୟାନ୍ କୁକ୍ ଆଣ୍ଡ ୱି କ୍ୟାନ୍ ବେକ୍ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଖାଦ୍ୟ ରନ୍ଧନ ଖୁବ୍ ଭଲ ଅନୁଭବ ଏବଂ ମା'ର ହାତ ରନ୍ଧାର ତୁଳନା ନାହିଁ। ଘରର ମହିଳାଟି ଯେଉଁ ଶ୍ରଦ୍ଧାରେ ଖାଦ୍ୟ ରାନ୍ଧିକି ଦିଏ ତାହାର ସ୍ୱାଦ ଖୁବ୍ ନିଆରା । କେବଳ ଖାଦ୍ୟ ସୁସ୍ୱାଦ ହେବା ଯେତିକି ଜରୁରୀ ନୁହେଁ ବରଂ ଶରୀର ପାଇଁ ମଧ ସେତିକି ସ୍ୱାସ୍ଥ୍ୟକର ହେବା ଆବଶ୍ୟକ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ। ସୋଆ ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ମଙ୍ଗଳବାର ମହିଳାମାନଙ୍କ ନିମନ୍ତେ ଆରମ୍ଭ ହୋଇଥିବା ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ କୁକ୍' ଆଣ୍ଡ 'ୱି କ୍ୟାନ୍ ବେକ୍' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ପ୍ରଫେସର ପ୍ରଧାନ ।

ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ଅବସରରେ ଦୁଇ ସପ୍ତାହବ୍ୟାପୀ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହିଳାମାନେ କିଭଳି ରୁଚିକର ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରିପାରିବେ



ଓ ଠିକ୍ ଭାବେ ପରଷି ପାରିବେ ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ଏସ୍ଏଚ୍ଏମ୍ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି । ୪ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ରାନ୍ଧଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ସ୍ଥାନରୁ ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗ ଦେଇଛନ୍ତି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାରତୀୟ ଖାଦ୍ୟ ଯେପରିକି କବାବ ଏବଂ ଅନ୍ୟାନ୍ୟ ସ୍ୱାଦିଷ୍ଟ ବ୍ୟନ, ପୁଷ୍ଟିକର କନ୍‌ଟିନେଂଟାଲ୍ ଓ ଚାଇନିଜ, ବିଭିନ୍ନ ପ୍ରକାରର ମକ୍‌ଟେଲ୍ ଓ ବେକରୀ ଜାତୀୟ ଖାଦ୍ୟ ପ୍ରସ୍ତୁତିର ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ ଦିନ ୨ଟାରୁ ୫ ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମର ପ୍ରୋଗ୍ରାମ୍ କୋର୍ଡିନେଟର ତଥା ଏସ୍ଏଚ୍ଏମ୍ର ପ୍ରଫେସର (ଡକ୍ଟର) ସ୍ମିତା ସୁଚରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କେଶବ ରାଉତ ନାଟ୍ୟ ସ୍ମୃତି କମିଟିର ବାର୍ଷିକୋତ୍ସବ



ଭୁବନେଶ୍ୱର, (ସବ୍ୟୁ): କେଶବ ରାଉତ ନାଟ୍ୟ ସ୍ମୃତିକମିଟିର ବାର୍ଷିକୋତ୍ସବ ପଟିଆରେ ଅନୁଷ୍ଠିତ ହୋଇଯାଇଛି । ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଯାତ୍ରା କଳାକାର ଦୈତାରୀ ପଣ୍ଡା, ଲିଙ୍ଗୁଳ ଚୌଧୁରୀ, ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ସମ୍ପାଦକ ବସନ୍ତ ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ ।

କମିଟିର ସମ୍ପାଦକ ମିହିର କୁମାର ରାଉତ ଅତିଥି ପରିଚୟ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅମୂଲ୍ୟ କୁମାର ଜେନାସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ପୁସ୍ତକ 'ବାପାଙ୍କ କଲମରୁ' ଲୋକାର୍ପଣ ସହ ବହୁ ଲେଖକ ଓ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା । କମିଟିର ସହସମ୍ପାଦକ ଅନନ୍ଦା ପ୍ରସାଦ ରାୟ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

# ଦେଶୀ ବନ୍ଧୁକ ସହ ପିସ୍ତଲ ଜବତ : ୩ ଗିରଫ

ଦଶପଲ୍ଲା,(ସବ୍ୟୁ) : ସ୍ଥାନୀୟ ପୋଲିସ ଚଢ଼ାଉ କରି ଗୋଟିଏ ଦେଶୀ ପିସ୍ତଲ ସହ ଏକ ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ଏହି ଘଟଣାରେ ସଂପୃକ୍ତ ତିନି ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଅଭିଯୁକ୍ତ ହେଉଛନ୍ତି ସ୍ଥାନୀୟ ଦୁଆରଗାଁ ଡିହସାହି ଗ୍ରାମର ରାଜେଶ ପ୍ରଧାନ, ମଧ୍ୟଖଣ୍ଡ ଗଡ ଭିତରସାହି ଗ୍ରାମର ତପନ ପରିଡା ଓ ଗୋବର୍ଦ୍ଧନ ପରିଡା ବୋଲି ଜଣାପଡିଛି । ଏହି ଘଟଣା ରେ ତପନଙ୍କ ଭାଇ ବିଭୁତି ଫେରାର ହୋଇ ଯାଇଥିବା ବେଳେ ଉଭୟ ଗୋବର୍ଦ୍ଧନ ଓ ତପନ ଦାଦା ପୁତୁରା ବୋଲି ଜଣା ପଡ଼ିଛି। ମଙ୍ଗଳବାର ଦିନ ପୋଲିସ ପକ୍ଷରୁ ପେଟ୍ରୋଲିଂ ଚାଲିଥିବା ବେଳେ ଦୁଆରଗାଁ ଗ୍ରାମର ରାଜେଶ ଚୋରା ଦେଶୀ ବନ୍ଧୁକ ରଖିଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ । ପରେ ଆଇ ଆଇ ସି ଙ୍କ ନିର୍ଦ୍ଦେଶ ପରେ ପୋଲିସ ପକ୍ଷରୁ ରାଜେଶ ଙ୍କ ଘର ଉପରେ ଚଢ଼ାଉ କରାଯାଇଥିବା ବେଳେ ପରେ ମଧ୍ୟଖଣ୍ଡ ଗ୍ରାମର ଗୋବର୍ଦ୍ଧନ ଓ ତପନଙ୍କ ଘର ଉପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟ ରେ ପୋଲିସ ଗୋଟିଏ ଦେଶୀ ବନ୍ଧୁକ ସହ ଏକ ଦେଶୀ ପିସ୍ତଲ ଜବତ କରିଥିବା ବେଳେ ବହୁ ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଛି । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ନଥିବା ଜଣାପଡିଛି । ଅନ୍ୟ ପାର୍ଶ୍ୱରେ ସ୍ଥାନୀୟ ଅଂଚଳର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୋଲିସ ପକ୍ଷରୁ ଉପେକ୍ଷା କରାଯାଇଥିବା ବେଳେ ଏହି ଘଟଣାରେ ନୟାଗଡ଼ରେ ଏସ ପିଙ୍କ ପ୍ରେସ ମିଟ ନେଇ ସ୍ଥାନୀୟ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

# ମେ ୨୦୨୫ରେ ହୋଣ୍ଡା ମୋଟରସାଇକଲ ସ୍କୁଟର ଇଣ୍ଡିଆର ୪,୬୫,୧୧୫ ୟୁନିଟ ବିକ୍ରି

ଭୁବନେଶ୍ୱର (ସବ୍ୟୁ): ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ତାହାର ମେ ୨୦୨୫ ମାସ ନିମନ୍ତେ ବିକ୍ରି ସଂଖ୍ୟା ସମ୍ପର୍କରେ ଘୋଷଣା କରିଛି । ମେ ୨୦୨୫ରେ କମ୍ପାନୀର ମୋଟ ବିକ୍ରି ୪,୬୫,୧୧୫ ୟୁନିଟ ହୋଇଛି । ଏଥିରେ ଘରୋଇ ବିକ୍ରି ୪,୧୭,୨୫୬ ୟୁନିଟ ଏବଂ ୪୭,୮୫୯ ୟୁନିଟ ର ପ୍ତାନି ଅନ୍ତର୍ଭୁକ୍ତ । ଏଚଏମଏସଆଇର ୱାଇଟିଡିଏଫୱାଇ୨୬ (ଏପ୍ରିଲ୨୫–ମେ୨୫) ମୋଟ ବିକ୍ରି ୯,୪୫,୯୭୯ ୟୁନିଟ ହୋଇଛି। ଏଥିମଧ୍ୟରେ ଘରୋଇ ବିକ୍ରି ୮,୪୦,୧୫୫ ୟୁନିଟ ଏବଂ ୧,୦୫,୮୨୪ ୟୁନିଟର ପ୍ତାନି ଅନ୍ତର୍ଭୁକ୍ତ । ଏଚଏମଏସଆଇ ଅନେକ ଅଲ–ନିୟୁ ପ୍ରିମିୟମ ମୋଟରସାଇକଲ ବଜାର ପ୍ରବେଶ କରାଇବା ସହିତ ତାହାର ବିଗୱିଙ୍ଗ ବର୍ଗମାଳାକୁ ମଜଭୁତ କରିଛି । କମ୍ପାନୀ ଅଲ–ନିୟୁ ରିବେଲ ୫୦୦, ଏକ୍ସ–ଏଡିଭି, ସିବି୭୫୦ ହର୍ନେଟ୍, ସିବି୧୦୦୦ ହର୍ନେଟ୍ ଏସପି ଏବଂ ତାହାର ଅଗ୍ରଣୀ ଗୋଲଡ ୱିଙ୍ଗ ଟୁରର ୫୦ତମ ବର୍ଷ ପୂର୍ତ୍ତି ସଂସ୍କରଣ ବଜାର ପ୍ରବେଶ କରାଇଥିଲା । ଏଥିସହିତ ଏହାର ସିବି୬୫୦ଆର ଏବଂ ସିବିଆର୬୫୦ଆର ର ଇ–କ୍ଲଚ ସଂସ୍କରଣ ମଧ ଭାରତରେ ବିକ୍ରି ପାଇଁ ଉପଲବ୍ଧ । ହୋଣ୍ଡା ବିଶ୍ୱସ୍ତରରେ ୫୦୦ ନିୟୁତତମ ମୋଟରସାଇକଲର ବଜାର ପ୍ରବେଶ କରାଇ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟରେ ପହଞ୍ଚିଥିଲା, ଏହା ୧୯୪୯ରେ କମ୍ପାନୀର ପ୍ରଥମ ବ୍ୟାପକ ଭାବରେ ଉତ୍ପାଦିତ ଡ୍ରିମ ଡି–ଟାଇପ ଉନ୍ମୋଚନ ପରେ ୭୬ତମ ବର୍ଷରେ ପ୍ରବେଶ କରିଛି । ଏଥିସହିତ ଏଚଏମଏସଆଇ ଭାରତର ବିଠଲପୁର ପ୍ଲାଣ୍ଟରେ ନୂଆ ଉତ୍ପାଦନ ଲାଇନ ଯୋଗକରି ତାହାର ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି।

# ମାଦକ ଦ୍ରବ୍ୟ ବିରୋଧୀ 'ଆମ ସଂକଳ୍ପ' ସଚେତନତା ରଥର ଶୁଭାରମ୍ଭ

କଟକ, (ସବ୍ୟୁ):ଜିଲ୍ଲାବ୍ୟାପୀ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧୀ ଜନସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ମଙ୍ଗଳବାର କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଭାରପ୍ରାପ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରୟଦର୍ଶିନୀ ମିଶ୍ର, ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ପ୍ରମୁଖ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ବିଭିନ୍ନ ମାଦକ ତଥା ଅପମିଶ୍ରିତ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ରୋକିବା ଲାଗି ଜିଲ୍ଲାବ୍ୟାପୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ରଥ ଓ କଟକ ମହାନଗର ନିଗମ ଅଂଚଳରେ ଦୁଇଟି ରଥ ପରିକ୍ରମା କରିବ । ଆମ ସଙ୍କଳ୍ପ ନିଶା ନୁହେଁ ଜୀବନ' ଅଭିଯାନକୁ ପ୍ରତ୍ୟେକ ଲୋକଙ୍କ ନିକଟରେ ପହଂଚାଇବା ପାଇଁ ଜିଲ୍ଲା ଅବକାରୀ



ବିଭାଗ ପକ୍ଷରୁ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ସଚେତନତା ସୃଷ୍ଟି କରିବ । ଏହା ବ୍ୟତୀତ ବିଭାଗ ପକ୍ଷରୁ ପାଲା, ଦାସକାଠିଆ ଆଦି ମାଧ୍ୟମରେ ପଥପ୍ରାନ୍ତ ନାଟକ, ସଚେତନତା ସଭା, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଓ ସ୍ୱାସ୍ଥ୍ୟ ଶିବିର, ଯୋଗ ଶିବିର, ରାଲି ଆଦି ଆୟୋଜନ କରାଯାଇ ସଚେତନତା ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

## ବିଭିନ୍ନ ଶ୍ରମ ଆଇନ ଉପରେ

# ସହକାରୀ ଶ୍ରମ ଅଧିକାରୀଙ୍କୁ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଶ୍ରମ ବିଭାଗ, ଓଡ଼ିଶା ଦ୍ୱାରା ବିଭିନ୍ନ ଶ୍ରମ ଆଇନ ଉପରେ ସହକାରୀ ଶ୍ରମ ଅଧିକାରୀ ମାନଙ୍କୁ ଏକ ୨ ଦିନିଆ ତାଲିମ କାର୍ଯକ୍ରମ ରାଜ୍ୟ ଲୋକସେବା ଭବନର କନଭେନସନ କେନ୍ଦ୍ରରେ ଉଦଯାପିତ ହୋଇଯାଇଛି । ଏହି ତାଲିମ କାର୍ଯକ୍ରମକୁ ଶ୍ରମ ବିଭାଗ ର ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ ଉଦଘାଟନ କରିଥିଲେ । ଶ୍ରମ ବିଭାଗ ର ଅତିରିକ୍ତ ଶାସନ ସଚିବ ରାଜେଶ କୁମାର ଅଗ୍ରୱାଲା ଏହି କାର୍ଯକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ନିରଞ୍ଜନ ଜେନା, ଉପ ସଚିବ, ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତାଲିମ କାର୍ଯକ୍ରମରେ ଶ୍ରମ ନିର୍ଦ୍ଦେଶାଳୟର ନୂତନ ଭାବରେ ନିଯୁକ୍ତି ପାଇଥିବା ୩୮ ଜଣ ସହକାରୀ ଶ୍ରମ ଅଧିକାରୀ ଯୋଗଦାନ କରିଥିଲେ ।

ବିଘ୍ନଜିତ ମହନ୍ତ ମହାପାତ୍ର, ଯୁଗ୍ମ ଶ୍ରମ ଆୟୁକ୍ତ, ପ୍ରଦୀପ କୁମାର ମହାନ୍ତି, ଡିଭିଜିନାଲ୍ ଶ୍ରମ ଆୟୁକ୍ତ କେନ୍ଦ୍ରାପଡ଼ା, ସୁବାସ ଚନ୍ଦ୍ର ଜେନା, ପୂର୍ବତନ ନିର୍ଦ୍ଦେଶକ, ଓଡିଶା ହାଇଡ୍ରୋପାୱାର କର୍ପୋରେସନ୍ ଲିମିଟେଡ୍, ଡ଼. ବିଜୟ କୁମାର ସୁନ୍ଦରାୟ, ଏସୋଶିୟେଟ ପ୍ରଫେସର, ପି.ଏମ.ଆଇ.ଆର. ବିଭାଗ, ଉତ୍କଳ ବିଶ୍ୱ ବିଦ୍ୟାଳୟ, ଶ୍ରୀମତୀ ବନାନୀ ମହାପାତ୍ର, ଡିଭିଜିନାଲ୍ ଶ୍ରମ ଆୟୁକ୍ତ, ଶ୍ରମ ନିର୍ଦ୍ଦେଶାଳୟ, ଡ଼. ତାରଛପଦ ଦାଶ ଓ ଶ୍ରୀ ପ୍ରଦୀପ କୁମାର ମହାପାତ୍ର, ପୂର୍ବତନ ଯୁଗ୍ମ ଶ୍ରମ ଆୟୁକ୍ତ ଇତ୍ୟାଦି ତାଲିମ ପ୍ରଦାନ କରିଥିଲେ । ତାଲିମ ଶେଷରେ କୃତୀ ସହକାରୀ ଶ୍ରମ ଅଧିକାରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଜେଇଇ ଆଡଭାନ୍ସଡ୍ ୨୦୨୫ରେ

# ବେଦାନ୍ତୁ ଛାତ୍ରଙ୍କ ସଫଳତା

ଭୁବନେଶ୍ୱର (ସବ୍ୟୁ): ଜେଇଇ ପ୍ରସ୍ତୁତି ପାଇଁ ଭାରତର ଅଗ୍ରଣୀ ଶିକ୍ଷା ମଞ୍ଚବେଦାନ୍ତୁ, ଜେଇଇ ଆଡଭାନ୍ସଡ୍ ୨୦୨୫ରେ ନିଜର ଛାତ୍ରମାନଙ୍କର ଅସାଧାରଣ ପ୍ରଦର୍ଶନକୁ ଗର୍ବର ସହିତ ଘୋଷଣା କରିଛି । ବର୍ଷ ପରେ ବର୍ଷ ଶୀର୍ଷ ର୍‍ୟାଙ୍କିଙ୍ଗ ଏବଂ ଲଗାତାର ଉତ୍କୃଷ୍ଟ ଫଳାଫଳ ସହିତ, ଏହି ବର୍ଷ ଉଚ୍ଚ–ଗୁଣବତ୍ତା, ବ୍ୟକ୍ତିଗତ ଏବଂ ଫଳାଫଳ–କେନ୍ଦ୍ରିତ ଶିକ୍ଷା ପ୍ରଦାନ କରିବାରେ ବେଦାନ୍ତୁର ନିରନ୍ତର ସଫଳତାକୁ ପ୍ରତିଫଳିତ କରୁଛି। ଉଲ୍ଲେଖନୀୟ ଉପଲବ୍ଧି ପ୍ରାପ୍ତ କରିଥିବା ଛାତ୍ରମାନଙ୍କ ମଧ୍ୟରେ ବାଙ୍ଗାଲୁରୁର ଦକ୍ଷ ତୟାଲିୟା ମଧ ଅଛନ୍ତି, ଯିଏ ଗଣିତରେ ପୁରା ୧୨୦ ନମ୍ବର ପାଇ ସର୍ବଭାରତୀୟ ସ୍ତରରେ ୧୫ତମ ସ୍ଥାନ ଏବଂ କର୍ଣ୍ଣାଟକ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବେଦାନ୍ତୁର ୩ ବର୍ଷର ଦୀର୍ଘକାଳୀନ ବ୍ୟାଚର ଛାତ୍ର ଦକ୍ଷଙ୍କ ଅଟଳ ଅନୁଶାସନ, ପ୍ରତିଶ୍ରୁତିବଦ୍ଧତା ଏବଂ ଏହି ପ୍ରକ୍ରିୟାରେ ବିଶ୍ୱାସ ଦେଖାଇଛନ୍ତି ଯାହା ପ୍ରକୃତରେ




ପ୍ରେରଣାଦାୟକ । ଗୋରଖପୁରର ପ୍ରଖର ସିଂହ ମଧ ବେଦାନ୍ତୁ ପରିବାରକୁ ଗୌରବାନ୍ୱିତ କରିଛନ୍ତି, ଯିଏ ଦୀର୍ଘକାଳୀନ ବ୍ୟାଚର ଅଂଶ ଭାବରେ ଏୟାର ୯୨ ପ୍ରାପ୍ତ କରିଛନ୍ତି– ଯାହାକି ଏକ କେନ୍ଦ୍ରିତ ପ୍ରୟାସ, ସ୍ଥିରତା ଏବଂ ବିଶେଷଜ୍ଞଙ୍କ ମାର୍ଗଦର୍ଶନର ପରିଣାମ ଅଟେ । ଆମର ଉପଲବ୍ଧି କେବଳ ଏତିକିରେ ସୀମିତ ନୁହେଁ । ବେଦାନ୍ତୁ ଛାତ୍ରଛାତ୍ରୀମାନେ ଦୃଢ଼, ନିରନ୍ତର ପ୍ରଦର୍ଶନ ପ୍ରଦର୍ଶିତ କରିଛନ୍ତି, ୮ ଜଣ ଛାତ୍ର ଶ୍ରେଷ୍ଠ ୧୦୦ ମଧ୍ୟରେ, ୨୦ ଜଣ ଶ୍ରେଷ୍ଠ ୫୦୦ ମଧ୍ୟରେ ଏବଂ ୮୩ ଜଣ ଶ୍ରେଷ୍ଠ ୫,୦୦୦ ମଧ୍ୟରେ ସ୍ଥାନ ପାଇଛନ୍ତି – ଏହା ବେଦାନ୍ତୁର ବ୍ୟକ୍ତିଗତ, ଫଳାଫଳ–ମୁଖୀ ଶିକ୍ଷଣୀୟ ପଦ୍ଧତିର ସଫଳତାକୁ ପୁନଃସାବ୍ୟସ୍ତ କରିଛି । ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କ ପାଇଁ ଅନଲାଇନରେ ଉଚ୍ଚ–ଗୁଣବତ୍ତାଯୁକ୍ତ, ବ୍ୟକ୍ତିଗତ ଶିକ୍ଷା ଉପଲବ୍ଧ କରାଇବା ଭଳି ଏକ ସାହସିକ ଦୃଷ୍ଟିକୋଣ ସହିତ ଆରମ୍ଭ ହୋଇଥିଲା । ବିଗତ କିଛି ବର୍ଷ ଧରି, ଏହି ମଡେଲ ଉଲ୍ଲେଖନୀୟ ସଫଳତା ପ୍ରଦାନ କରିଛି ।

# ଓଡ଼ିଶା ପାଇଁ ଏଲ୍ଆଇସି ହାଉସିଂର ସ୍ୱତନ୍ତ୍ର କାର୍ଯ୍ୟାଳୟ

ଭୁବନେଶ୍ୱର, (ସବ୍ୟୁ) : ଦେଶର ସର୍ବବୃହତ୍ତ ହାଉସିଂ ଫାଇନାନ୍ସ କମ୍ପାନୀ ଏଲ୍ଆଇସି ହାଉସିଂ ଫାଇନାନ୍ସର ଦଶମ ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟାଳୟର ନାମ ଇଷ୍ଟକୋଷ୍ଟ ରିଜିଓନାଲ ଅଫିସ୍ ରଖାଯାଇଛି । ଏହା କେବଳ ଓଡ଼ିଶା ପାଇଁ କାର୍ଯ୍ୟ କରିବ । ପୂର୍ବରୁ ବିହାର, ଝାଡଖଣ୍ଡ, ଓଡ଼ିଶା ପ୍ରଭୃତି ତିନୋଟି ରାଜ୍ୟକୁ ମିଶାଇ ଏଲ୍ଆଇସି ହାଉସିଂ ଫାଇନାନ୍ସ କାର୍ଯ୍ୟ କରୁଥିଲା । ଏବେ ଏହି କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଖୋଲାଯାଇଛି । ଏହି କାର୍ଯ୍ୟାଳୟର ଉଦ୍‌ଘାଟନୀ ଉତ୍ସବରେ ଏଲ୍ଆଇସି ହାଉସିଂ ଫାଇନାନ୍ସ ବୋର୍ଡର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି, ଏଲ୍ଆଇସି ହାଉସିଂର ସମସ୍ତ ବୋର୍ଡ ସଦସ୍ୟମାନେ ଏଥିରେ ଉପସ୍ଥିତ ଥିଲେ । ୨୦୨୪–୨୫ ଆର୍ଥିକ ବର୍ଷରେ ଏଲ୍ଆଇସି ହାଉସିଂ ଫାଇନାନ୍ସ ସାରା ଦେଶରେ ୫୪ ହଜାର ୦୨୨ କୋଟି ଟଙ୍କାର ଋଣ ବଣ୍ଟନ କରିଥିବା ବେଳେ ଏହା ମଧ୍ୟରୁ କେବଳ ଓଡ଼ିଶା ପାଇଁ ୧ ହଜାର ୯୫୦ କୋଟି ଟଙ୍କା ଗୃହନିର୍ମାଣ ଋଣ ବାବଦରେ ବଣ୍ଟନ କରାଯାଇଛି । ଆଗାମୀ ଦିନରେ ଇଷ୍ଟକୋଷ୍ଟ ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶା ଲୋକଙ୍କ ଗୃହନିର୍ମାଣ ଚାହିଦା ପୂରଣ କରିପାରିବ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟାଳୟ ଜରିଆରେ ଆବାସିକ ତଥା ବ୍ୟବସାୟିକ ଅନୁଷ୍ଠାନ ଓ ରିଏଲ ଇଷ୍ଟେଟ୍ ମାଲିକମାନେ ଉପକୃତ ହୋଇପାରିବେ ।

# ଚଳିତ ଗ୍ରୀଷ୍ମଋତୁରେ ମାକ୍ସ ଫ୍ୟାଶନ ଆଣିଛି ଏକ ଟ୍ରପିକାଲ କଲେକ୍ସନ

ଭୁବନେଶ୍ୱର (ସବ୍ୟୁ): ଡିଜିନିର ଲିଲୋ ଆଣ୍ଡ ଷ୍ଟିଚର ବହୁ ପ୍ରତୀକ୍ଷିତ ଥିଏଟର ମୁକ୍ତି ଲାଭ ପୂର୍ବରୁ ମ୍ୟାକ୍ସର ଫେସନ ତାହାର ନୂଆ କଲେକ୍ସନ –ପିଲା, କିଶୋର ଓ ଯୁବପିଢ଼ିଙ୍କ ଲାଗି ପୋଷାକ ସମ୍ଭାର ଆଣିଛି । ଗ୍ରାହକଙ୍କ ପାଇଁ ଏହା ଏକ ତାଜା ଅନୁଭବ ପ୍ରଦାନ କରିବ ।

ଟ୍ରେଣ୍ଡି ଓ ସୁଲଭ ପୋଷାକ ପାଇଁ ଜଣାଶୁଣା ଏକ ଅଗ୍ରଣୀ ଫେସନ ବ୍ରାଣ୍ଡ ମାକ୍ସ ଫେସନ ଦ୍ୱାରା ଚିତାକର୍ଷକ କଲେକ୍ସନ ମେ ୨୪ ତାରିଖରେ ମୁମ୍ବାଇର ମେଗୁମିରେ ଏକ ପ୍ରଦର୍ଶନୀରେ ଲଞ୍ଚ କରାଯାଇଥିଲା। ଏହା ପିଲା ଓ ଯୁବବର୍ଗଙ୍କ ପାଇଁ ଏକ ମନଲୋଭା କଲେକ୍ସନ ଅଭିନେତ୍ରୀ ବିପାଶା ବସୁ ସୋଷ୍ଟପର ଭାବରେ ଏହି ଷ୍ଟାଇଲିସ କଲେକ୍ସନକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରୀଷ୍ମକାଳୀନ ପୋଷାକ ସମ୍ଭାର ରହିଛି । ଏଥିରେ ମନୋରମ ଚଳଚ୍ଚିତ୍ର–ପ୍ରେରିତ ଉପାଦାନ, ସ୍ପନ୍ଦନଶୀଳ ପ୍ରିଂଟ ଏବଂ କମଳା, ପବନମୟ ନୀଳ, ସତେଜ ସବୁଜ ଏବଂ ସ୍ୱପ୍ନମୟ ପାଷ୍ଟେଲର ଏକ




ଉଜ୍ଜ୍ୱଳ ଗ୍ରୀଷ୍ମ ପ୍ୟାଲେଟ୍ ରହିଛି । ଆମର ନବୀନତମ ଲିଲୋ ଆଣ୍ଡ ଷ୍ଟିଚ ଥିମ କଲେକ୍ସନ ଡିଜିନି ସହିତ ଆମର ଦୃଢ ସୃଜନଶୀଳ ସହଯୋଗର ପ୍ରମାଣ । ଗ୍ରାହକଙ୍କ ନିକଟରେ ସୃଜନଶୀଳତା ଓ ସ୍ୱଭାବ ଆଣିବା ଲାଗି ବଢୁଥିବା ଚାହିଦା ପୂରଣ ପାଇଁ ଆମେ ପ୍ରୟାସ କରୁଛୁ । ଏହା ଆମକୁ ବୃହତ୍, ସୃଜନଶୀଳ ଏବଂ ସାହସିକ ଉପାୟରେ ଦର୍ଶକମାନଙ୍କୁ ଯୋଡ଼ିବା ଏବଂ ଜଡ଼ିତ କରିବା ପାଇଁ ଉତ୍ସାହଜନକ ସୁଯୋଗ ମଧ ପ୍ରଦାନ କରେ ବୋଲି ଡିଜିନି କଂଜ୍ୟୁମର ପ୍ରଡକ୍ଟସ ଇଣ୍ଡିଆର ନିର୍ଦ୍ଦେଶକ ପ୍ରିୟା ନିଝାରା କହିଛନ୍ତି ।

# ବିଶ୍ୱରୁ ଆତଙ୍କବାଦର ଅନ୍ତ ହେଉ

## ସ୍ୱଦେଶ ଫେରୁଛନ୍ତି ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ



ନୂଆଦିଲ୍ଲୀ: ସ୍ୱଦେଶ ଫେରୁଛନ୍ତି ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ । ଭାରତର ୭ଟି ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ବିଶ୍ୱର ବିଭିନ୍ନ ଦେଶକୁ ଗସ୍ତ କରିଥିଲେ । ଅପରେସନ ସିନ୍ଦୂରର ସଫଳତା ଏବଂ ପାକିସ୍ତାନର ଆତଙ୍କୀ ପ୍ରୀତି ନେଇ ସାରା ବିଶ୍ୱ ଆଗରେ ପାକିସ୍ତାନର ଅସଲ ମୁଖା ଖୋଲିବାକୁ ବିଭିନ୍ନ ପ୍ରତିନିଧିମଣ୍ଡଳୀ ଦେଶ ଦେଶ ବୁଲି ଆତଙ୍କବାଦ ବିରୋଧରେ ସ୍ୱର ଉଠାଇଥିଲେ ଏବଂ ଆତଙ୍କବାଦର ମୂଳପୋଛ ପାଇଁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ । ବିଭିନ୍ନ ଦେଶରେ ଭାରତୀୟ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

ବିଶ୍ୱର ୩୩ଟି ଦେଶକୁ ଭ୍ରମଣ କରିଥିବା ଭାରତର ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଭାରତର ସ୍ପଷ୍ଟ ନୀତିକୁ ବିଶ୍ୱ ଆଗରେ ରଖି ସ୍ୱଦେଶ ଫେରିବା ଆରମ୍ଭ କରିଛନ୍ତି । ସଞ୍ଜୟ ଝାଙ୍କ ନେତୃତ୍ୱରେ ଯାଇଥିବା ଟିମ୍ ଭାରତ ଫେରିବାକୁ ଯାତ୍ରା ଆରମ୍ଭ କରିଥିବା ବେଳେ ଚେନ୍ନାଇ ପହଞ୍ଚିଛନ୍ତି ଡିଏମକେର କାନିମୋଜି କରୁଣାନିଧି । ବିଶ୍ୱର ସମସ୍ତ ଦେଶ ଆତଙ୍କବାଦକୁ ନେଇ ଚିନ୍ତାରେ ରହିଛି । ସବୁ ଦେଶ ଚାହୁଁଛନ୍ତି ବିଶ୍ୱରୁ ଆତଙ୍କବାଦର ଅନ୍ତ ହେଉ ତେଣୁ ସମସ୍ତେ ଏକାଠି ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସାଂସଦ କାମିମୋଜି କହିଛନ୍ତି ।

ତେବେ ୭ଟି ବଡ଼ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ବିଶ୍ୱ ଭ୍ରମଣରେ ଯାଇଥିଲେ । କଂଗ୍ରେସର ଶଶି ଥରୁର, ବିଜେପିର ରବି ଶଙ୍କର ପ୍ରସାଦ ଏବଂ ବୈଜୟନ୍ତ ପଣ୍ଡା, ଜେଡିୟୁର ସଞ୍ଜୟ ଝା, ଡିଏମକେର କାନିମୋଜି କରୁଣାନିଧି, ଏନସିପିର ସୁପ୍ରିୟା ସୁଲେ ଏବଂ ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ବିଭିନ୍ନ ଦଳର ନେତୃତ୍ୱ ନେଇଥିଲେ । ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଏବଂ ପୂର୍ବ ଏସିଆ ପରି ଅନେକ ଦେଶ ଗସ୍ତ କରିଛନ୍ତି । ଶଶି ଥରୁର ଆମେରିକା, ପାନାମା, ଗୁଆନା, ବ୍ରାଜିଲ ଓ କଲମ୍ବିଆ ଗସ୍ତ କରିଥିବା ବେଳେ । ବୈଜୟନ୍ତ ପଣ୍ଡା ସାଉଦି ଆରବ, କୁଏତ, ବାହାରିନ ଭଳି ଦେଶ ଗସ୍ତ କରିଥିଲେ । ସେଠାରେ ବିଭିନ୍ନ ଦେଶର ନେତୃତ୍ୱ ସମେତ ବିଭିନ୍ନ ଦେଶର ସରକାରଙ୍କୁ ଭେଟି ପାକିସ୍ତାନର ଆତଙ୍କୀ ପ୍ରୀତି ଏବଂ ଆତଙ୍କବାଦର ମୂଳପୋଛ ପାଇଁ ସାରା ବିଶ୍ୱ କେମିତି ପଦକ୍ଷେପ ନେବ ଏବଂ କେମିତି ଏକାଠି ହେବା ଜରୁରୀ ସେନେଇ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ବ୍ରିଫ୍ କରିଛନ୍ତି ।

ବିଶ୍ୱସ୍ତରରେ ପାକିସ୍ତାନକୁ ଘେରିବାକୁ ଭାରତର ଏହି ଯୋଜନା କେତେ ଫଳପ୍ରଦ ହେଲା ଏବଂ ବିଶ୍ୱର ବିଭିନ୍ନ ଦେଶ କଣ ସବୁ ପ୍ରତିକ୍ରିୟା ରଖିଲେ ସେସବୁ ବାବଦରେ ଗୋଟି ଗୋଟି କରି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମୋଦୀଙ୍କୁ ବ୍ରିଫ୍ କରିବେ । ଆଉ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଠାରୁ ସବୁ ଶୁଣିବା ପରେ ଆତଙ୍କବାଦ ବିରୋଧରେ ଆଗାମୀ ରଣନୀତି କଣ ହେବ ତାହା ସ୍ଥିର ହେବ ବୋଲି କୁହାଯାଉଥିବା ବେଳେ ଜୁନ ୯ କିମ୍ବା ୧୦ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀଙ୍କୁ ଭେଟିବେ ବୋଲି ସୂଚନା ରହିଛି ।

# ରୁଷର କ୍ରିମିୟା ସେତୁ ଧ୍ୱଂସ



କିଭ୍: ୟୁକ୍ରେନୀୟ ସେନାରୁଷର କ୍ରିମିୟା ସେତୁ ଉପରେ ୧୧୦୦ କିଲୋଗ୍ରାମ ବିସ୍ଫୋରକ ପାଣି ତଳେ ରଖି ଉଡ଼ାଇ ଦେଇଛି । ୟୁକ୍ରେନର ସୁରକ୍ଷା ସେବା (ଏସବିୟୁ) ଅନୁଯାୟୀ, ଏହି ଆକ୍ରମଣରେ ଟିଏନଟି ବିସ୍ଫୋରକ ବ୍ୟବହାର କରାଯାଇଛି । ଏହି ଆକ୍ରମଣ କ୍ରିମିୟା ସେତୁକୁ ବଡ଼ କ୍ଷତି ପହଞ୍ଚାଇଛି ବୋଲି ଦାବି କରିଛି । ଏହା ରୁଷକୁ କ୍ରିମିୟା ସହିତ ସଂଯୋଗ କରୁଥିବା ଏକ ରଣନୈତିକ ଏବଂ ବାଣିଜ୍ୟିକ ଭାବରେ ଗୁରୁତ୍ୱପୂର୍ଣ୍ଣ ସେତୁ । ବିସ୍ଫୋରଣ ପରେ ଏହି ପୋଲ ଉପରେ ଗମନାଗମନକୁ ସ୍ଥଗିତ ରଖାଯାଇଛି ।

ଏହା ପୂର୍ବରୁ ମଧ୍ୟ ୟୁକ୍ରେନ ଅନେକ ଥର ଏହି ସେତୁକୁ ଉଡ଼ାଇ ଦେବାକୁ ଚେଷ୍ଟା କରିଥିଲା ।ଦୁଇ ଦିନ ତଳେ ୟୁକ୍ରେନ ଏକ ଡ୍ରୋନ୍ ଆକ୍ରମଣରେ ରୁଷର ୫ଟି ସେନା ଘାଟି ଉଡ଼ାଇ ଦେଇଥିଲା । ଏଥିରେ ୟୁକ୍ରେନ ରୁଷର ୪୧ଟି ଯୁଦ୍ଧ ବିମାନକୁ ନଷ୍ଟ କରିଥିବା ଦାବି କରିଥିଲା । ତିନିବର୍ଷ ତଳେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ଥିବା ରୁଷ ଉପରେ ସବୁଠାରୁ ଭୟାନକ ଆକ୍ରମଣ ।

# କରୋନା ଭୟ: ଦିଆଗଲାଣି ବୁଷ୍ଟର୍ ଡୋଜ୍

ୱାଶିଂଟନ: କିଛି ବର୍ଷର ବିରତି ପରେ ଏବେ ପୁଣି ଭାରତ ସମେତ ଅନେକ ଦେଶରେ କରୋନା ଭୂତାଣୁ ସଂକ୍ରମଣ ବଢିବାରେ ଲାଗିଛି । ହେଲେ କରୋନାର ଦ୍ୱିତୀୟ ଲହର ବେଳେ ଲୋକମାନେ କରୋନା ଟିକାର ପ୍ରଥମ ଓ ଦ୍ୱିତୀୟ ଡୋଜ ନେବା ସହ ବୁଷ୍ଟର ଡୋଜ ମଧ୍ୟ ନେଇସାରିଛନ୍ତି । ଏହାକୁ କରୋନା ସଂକ୍ରମଣ ବିରୋଧରେ ଲଢିବାକୁ ପର୍ଯ୍ୟାପ୍ତ ବୋଲି କୁହାଯାଇଥିଲା । ହେଲେ ସମୟ ସହ ତାଳ ଦେଇ କରୋନାର ନୂଆ ନୂଆ ପ୍ରଜାତି ସାମ୍ନାକୁ ଆସୁଛି । ସେପଟେ ବୈଜ୍ଞାନିକମାନେ ଅନୁଭବ କରୁଛନ୍ତି କି, କିଛି ସମୟ ପରେ ଏହି ଟିକାର ପ୍ରଭାବ କମିବାରେ ଲାଗୁଛି । ଏହାକୁ ନେଇ ବୁଷ୍ଟର ଡୋଜ୍ ଆରମ୍ଭ କରାଯାଇଥିଲା । ହେଲେ ଏବେ ପ୍ରଶ୍ନ ଉଠୁଛି କି, ବୁଷ୍ଟର ଡୋଜ୍ ପରେ କ'ଣ ପୁଣିଥରେ ଟିକା ନେବାର ଆବଶ୍ୟକତା ରହିଛି କି ? ଭାରତରେ ଏପର୍ଯ୍ୟନ୍ତ ବୁଷ୍ଟର ଡୋଜକୁ ଠିକ୍ ବୋଲି ଗ୍ରହଣ କରାଯାଇଥିଲା । ଏହା ଟିକାର ଦୁଇଟି ଡୋଜ ନେବାର ୬ ମାସ ପରେ ନେବାକୁ ପଡିଥାଏ । ଏବେ ପୁଣି କରୋନା ଭୂତାଣୁ ବ୍ୟାପୁଥିବାରୁ ଲୋକମାନଙ୍କ ମନରେ ଟିକାକୁ ନେଇ ପ୍ରଶ୍ନ ଉଠୁଛି ।

# କମଲଙ୍କୁ କର୍ଣ୍ଣାଟକ ହାଇକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ: କନ୍ନଡ-ତାମିଲ ଭାଷାକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଅଭିନେତା କମଲ ହାସନଙ୍କୁ କର୍ଣ୍ଣାଟକ ହାଇକୋର୍ଟ ଭର୍ତ୍ସନା କରିଛନ୍ତି । ହାଇକୋର୍ଟ କମଲଙ୍କୁ



କଡ଼ା ସମାଲୋଚନା କରି କହିଛନ୍ତି,' ଆପଣଙ୍କର କହିବାର ଅଧିକାର ଅଛି, କିନ୍ତୁ ଲୋକଙ୍କ ଭାବନାକୁ ଆଘାତ ଦେବାରେ କେଣସି ଅଧିକାର ନାହିଁ । ତୁମେ କମଲ ହାସନ ହୁଅ କି, ଅନ୍ୟ କେହି ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ ଲୋକଙ୍କ ଭାବନାକୁ ଆଘାତ ଦିଆଯାଇପାରିବ ନାହିଁ । ଆମେ ଏବେ ଏହା ଆପଣଙ୍କ ଉପରେ ଛାଡି ଦେଉଛୁ । ଯଦି ଆପଣ କାହାକୁ ଆଘାତ ଦେଇଛନ୍ତି, ତେବେ କ୍ଷମା ମାଗନ୍ତୁ । କର୍ଣ୍ଣାଟକରୁ କୋଟି କୋଟି ଟଙ୍କା ରୋଜଗାର କରାଯାଇ ପାରିବ । ଯଦି ଆପଣଙ୍କୁ କନ୍ନଡ ଲୋକଙ୍କ ଆବଶ୍ୟକତା ନାହିଁ, ତେବେ ଏଠାରୁ ରୋଜଗାର କରିବା ବନ୍ଦ କରନ୍ତୁ ।

କିଛିଦିନ ତଳେ କମଲ ତାଙ୍କ ଆଗାମୀ ଫିଲ୍ମ 'ଠଗ୍ ଲାଇଫ୍'ର ଅଡିଓ ଲଞ୍ଚ ସମୟରେ ତାମିଲ ଭାଷାରୁ କନ୍ନଡ଼ ଭାଷା ଜନ୍ମିତ ହୋଇଥିବା ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟ ପାଇଁ କମଲ କ୍ଷମା ନମାଗିବା ପର୍ଯ୍ୟନ୍ତ କର୍ଣ୍ଣାଟକରେ 'ଠଗ୍ ଲାଇଫ୍'କୁ ରିଲିଜ୍ କରାଇ ଦିଆଯିବ ନାହିଁ ବୋଲି କେଏଫ୍‌ସି ପୂର୍ବରୁ ଘୋଷଣା କରିଥିଲା । ଅଭିନେତା କମଲ ହାସନ ଏହି ମାମଲାରେ କ୍ଷମା ମାଗିବାକୁ ରୋକଠୋକ ମନା କରି କହିଥିଲେ,'ଏକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ମୁଁ ଏହି ମନ୍ତବ୍ୟ ଦେଇଥିଲି ।'

# ଧ୍ୱଂସ ପାଇଛି ଆତଙ୍କୀସ୍ତାନର ୨୮ ଠିକଣା

ଇସ୍ଲାମାବାଦ୍: ପାକିସ୍ତାନର ଦସ୍ତାବିଜରୁ ସାମ୍ନାକୁ ଆସିଛି ଆଶ୍ଚର୍ଯ୍ୟଜନକ ତଥ୍ୟ, ଯେଉଁଥିରେ ଦାବି କରାଯାଇଛି ଯେ ଭାରତର ଅପରେସନ୍ ସିନ୍ଦୂର ମେ ୭ ତାରିଖରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ନଅଟି ଆତଙ୍କବାଦୀ ଶିବିର ବ୍ୟତୀତ ଅନ୍ୟ ଆଠଟି ସ୍ଥାନରେ ଭାରତୀୟ ବାୟୁସେନା ଆକ୍ରମଣ କରି ଏହାକୁ ଧ୍ୱଂସ କରିଛି । ଏହି ସୂଚନା ପାକିସ୍ତାନର ସେନା ଓ ସରକାରୀ ସୂତ୍ରମାନଙ୍କ ରିପୋର୍ଟକୁ ଉଲ୍ଲେଖ କରି ପ୍ରସ୍ତୁତ କରାଯାଇଛି । ଅପରେସନ୍ ସିନ୍ଦୂର ଥିଲା ଏପ୍ରିଲ ୨୨ ତାରିଖରେ ଜମ୍ମୁକଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବ । ଭାରତୀୟ ସେନା, ନୌସେନା ଓ ବାୟୁସେନାର ମିଳିତ ଅଭିଯାନରେ ଜୈସ-ଏ-ମହମ୍ମଦ, ଲସ୍କର-ଏ-ତୋଇବା ଓ ହିଜବୁଲ ମୁଜାହିଦିନ ସମ୍ପର୍କିତ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା । ପାକିସ୍ତାନର ଦସ୍ତାବିଜ ଅନୁଯାୟୀ, ଭାରତର ଆକ୍ରମଣ କେବଳ ଆତଙ୍କବାଦୀ ଶିବିର ନୁହେଁ, ବରଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସାମରିକ ସ୍ଥାନକୁ ମଧ୍ୟ ନଷ୍ଟ କରିଛି । ଯାହା ପାକିସ୍ତାନ ସେନାରେ ଆତଙ୍କ ସୃଷ୍ଟି କରିଥିଲା ।

ରାୱଲପିଣ୍ଡି, ଲାହୋର, ଝାଙ୍ଗ, ସୌରକୁଟ, ବାୱାଲନଗର, ରହିମ୍ ୟାର ଖାନ୍, ପେଶାୱାର, କରାଚୀ, ହାଇଦ୍ରାବାଦ, ସୁକ୍କର, ଆଟୋକ୍, ଚାକ୍ୱଲ, ଗୁଜରାଟ, କରାଚୀ, ମିଆନୋ, ଚୋର୍, ଗୁଜରନୱାଲା, ଲାହୋର ଆଦି ସ୍ଥାନରେ ଭାରତୀୟ ବାୟୁସେନା ଆକ୍ରମଣ କରିଥିଲା ।

# ଆଇଏସ୍ଆଇ ଲିଙ୍କ୍ : ପଞ୍ଜାବ ଗୁପ୍ତଚର ଗିରଫ



ଲୁଧିଆନା: ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍ଆଇ ଏବଂ ଶୀର୍ଷ ଖଲିସ୍ତାନୀ ଆତଙ୍କବାଦୀ ଗୋପାଳ ସିଂହ ଚାୱଲାଙ୍କ ସହ ଦୃଢ଼ ସମ୍ପର୍କ ଥିବା ଜଣେ ଅଭିଯୁକ୍ତ ଗୁପ୍ତଚରଙ୍କୁ ମଙ୍ଗଳବାର ଦିନ ପଞ୍ଜାବ ପୁଲିସ୍ ଗିରଫ କରିଛି ।

ଅଭିଯୁକ୍ତ ବର୍ଷ ବର୍ଷ ଧରି ସୀମା ସେପାଖରେ ଥିବା ଏଜେଣ୍ଟମାନଙ୍କୁ ସହିତ ସେନା ଗତିବିଧି ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରି ଆସୁଥିଲା । ଯେଉଁଥିରେ 'ଅପରେସନ ସିନ୍ଦୂର' ମଧ୍ୟ ସାମିଲ ଅଛି । ଅଧିକାରୀମାନେ କହିଛନ୍ତି ଯେ ଗିରଫ ଅଭିଯୁକ୍ତ ଗଗନଦୀପ ସିଂହ ସୈନ୍ୟ ନିୟୋଜନ ଏବଂ ରଣନୈତିକ ସ୍ଥାନର ବିବରଣୀ ସମେତ ସମ୍ବେଦନଶୀଳ ଗୋପନୀୟ ସୂଚନା ଅଂଶୀଦାର କରିଥିଲେ, ଯାହା ଜାତୀୟ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି ।

ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଗଗନଦୀପ ସିଂହ ଗତ ପାଞ୍ଚ ବର୍ଷ ଧରି ପାକିସ୍ତାନସ୍ଥିତ ଖଲିସ୍ତାନୀ ସମର୍ଥକ ଗୋପାଳ ସିଂହ ଚାୱଲାଙ୍କ ସହ ଯୋଗାଯୋଗରେ ଥିଲେ । ଯାହାଙ୍କ ମାଧ୍ୟମରେ ସେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା (ପିଆଇଓ) ସହିତ ପରିଚିତ ହୋଇଥିଲେ । ସେ ଭାରତୀୟ ଚ୍ୟାନେଲ ମାଧ୍ୟମରେ ପିଆଇଓଙ୍କଠାରୁ ପେମେଣ୍ଟ ମଧ୍ୟ ପାଉଥିଲେ ବୋଲି ପଞ୍ଜାବ ପୁଲିସର ମହାନିର୍ଦ୍ଦେଶକ ଗୌରବ ଯାଦବ କହିଛନ୍ତି । ପୁଲିସର କହିବା ଅନୁଯାୟୀ, ତାଙ୍କଠାରୁ ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍ ତାଙ୍କ ପାକିସ୍ତାନ ଏଜେଣ୍ଟମାନଙ୍କ ସହ ସେ ଦେଇଥିବା ଗୁପ୍ତ ସୂଚନା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରକାଶ କରିଛି ।

## ଆତଙ୍କୀ ସହ ସମ୍ପର୍କ

# ଜେଲ ଗଲେ ୩ ସରକାରୀ କର୍ମଚାରୀ

ନୂଆଦିଲ୍ଲୀ : ଭାରତରେ ରହି ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନ ପାଇଁ କାମ କରିବା ଭଳି ଜଘନ୍ୟକାଣ୍ଡ । ଏପରି କାଣ୍ଡ କାରନାମା କରୁଥିବା ୩ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି ଜମ୍ମୁ-କଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନା । ଏପ୍ରିଲ ୨୨ ପହଲଗାମ ନରସଂହାର ପରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଦମନ ଅଭିଯାନକୁ ଜୋରଦାର କରାଯାଇଛି ।

କେବଳ ଆତଙ୍କବାଦୀ ନୁହନ୍ତି, ସେମାନଙ୍କ ସହଯୋଗମାନଙ୍କୁ ମଧ୍ୟ ସୁରକ୍ଷା ଏଜେନ୍ସି ଗୋଡ଼ାଇ ଗୋଡ଼ାଇ ଧରୁଛନ୍ତି । ଏହିକ୍ରମରେ ଜମ୍ମୁ-କଶ୍ମୀର ୩ ଜଣ ସରକାରୀ କର୍ମଚାରୀଙ୍କ ଟେରର ଲିଙ୍କ ସାମ୍ନାକୁ ଆସିଥିଲା । ଏହାର ପ୍ରମାଣ ମିଳିବା ପରେ ସେମାନଙ୍କୁ ବହିଷ୍କାର କରାଯିବା ସହ ଜେଲ ହାଜତକୁ ପଠାଇ ଦିଆଯାଇଛି । ବହିଷ୍କୃତ ପରେ ଜେଲ ଯାଇଥିବା କର୍ମଚାରୀମାନେ ପାକିସ୍ତାନରେ ସକ୍ରିୟ ଲସ୍କର-ଇ-ତାଏବା ଓ ହିଜବୁଲ ମୁଜାହିଦ୍ଦିନ ପାଇଁ କାମ କରୁଥିଲେ । ଏହି ଦୁଇ ସଂଗଠନ ଜମ୍ମୁ-କଶ୍ମୀର ସମେତ ଦେଶରେ ବିଭିନ୍ନ ଆତଙ୍କବାଦୀ ହମଲାରେ ସାମିଲ ରହିଛନ୍ତି । ବହିଷ୍କାର ପରେ ଜେଲ ଯାଇଥିବା ସରକାରୀ କର୍ମଚାରୀମାନେ ହେଲେ ପୁଲିସ୍ କନଷ୍ଟେବଲ ମଲିକ ଇସଫାକ ନସୀର, ଶିକ୍ଷକ ଏଜାଜ ଅହମଦ ଓ ଶ୍ରୀନଗରର ସରକାରୀ ମେଡିକାଲ କଲେଜରେ ଜୁନିୟର ଆସିସଷ୍ଟାଣ୍ଟ ଭାବେ କାମ କରୁଥିବା ୱାସୀମ ଅହମଦ ଖାନ । ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ କହିଛନ୍ତି ଯେ ବହିଷ୍କୃତ ହୋଇଥିବା ଅଧିକାରୀମାନେ ବେଶ ସକ୍ରିୟ ଭାବେ ବ୍ୟାନ ହୋଇଥିବା ସଂଗଠନ ଗୁଡ଼ିକ ସହ ମିଶି କାମ କରୁଥିଲେ ।

## ହନିମୁନ୍‌ରେ ଯାଇ ନିଖୋଜ ଦମ୍ପତି

# ମିଳିଲା ଯୁବକଙ୍କ ମୃତଦେହ, ମହିଳାଙ୍କୁ ଖୋଜୁଛି ପୋଲିସ

ଶିଲଂ : ସୋହରା (ମେଘାଳୟ)ରୁ ନିଖୋଜ ହୋଇଥିବା ଇନ୍ଦୋର ଦମ୍ପତି ସୋନମ ଏବଂ ରାଜା ରଘୁବଂଶୀଙ୍କୁ ଖୋଜୁଥିବା ପୁଲିସକୁ ଏକ ବଡ଼ ସଫଳତା ମିଳିଛି । ୮ଦିନର ନିରନ୍ତର ସନ୍ଧାନ ପରେ, ଜୁନ୍ ୨ରେ, ବିସାବଡୋଙ୍ଗ୍ ନିକଟସ୍ଥ ଏକ ଗଭୀର ଖାତରୁ ରାଜା ରଘୁବଂଶୀଙ୍କ ମୃତଦେହ ମିଳିଥିବା ଜଣାଯାଇଛି । ମୃତଦେହ ମିଳିବା ପରେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ପୁଲିସ ହତ୍ୟା ମାମଲା ରୁଜୁ କରିଛି ଏବଂ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରି ନିଖୋଜ ପତ୍ନୀଙ୍କୁ ଖୋଜିବା ଆରମ୍ଭ କରିଛି ।

ସୂଚନା ମୁତାବକ ମୃତକଙ୍କ ଡାହାଣ ହାତରେ ଥିବା 'ରାଜା' ଟାଟୁରୁ ମୃତଦେହ ଚିହ୍ନଟ ହୋଇଛି । ଘଟଣାସ୍ଥଳରୁ ଜଣେ ମହିଳାଙ୍କ ଧଳା ସାର୍ଟ, ଏକ ପେଣ୍ଟ୍ରା ୪୦ଷ୍ଟ୍ରିପ୍, ଭିଭୋ ମୋବାଇଲର ଏକ ଭଙ୍ଗା ଏଲସିଡି ସ୍କ୍ରିନ୍ ଏବଂ ମୃତକଙ୍କ ହାତରୁ ଏକ ସ୍ମାର୍ଟ ଘଣ୍ଟା ଜବତ କରାଯାଇଛି । ଉଲ୍ଲେଖଯୋଗ୍ୟ, ରାଜା ଏବଂ ସୋନମ ଗତ ମାସ ୧୧ ମେ'ରେ ଇନ୍ଦୋରରେ ବିବାହ କରିଥିଲେ । ଏହାପରେ ସେମାନେ ୨୦ ମେ'ରେ ହନିମୁନ୍ ପାଇଁ ବେଙ୍ଗାଲୁରୁ ଦେଇ ଶିଲଂରେ ପହଞ୍ଚିଥିଲେ । ୨୩ ମେ'ରେ ସେମାନଙ୍କର ଶେଷ ରହିବା ସ୍ଥାନ ଓସାରା ହିଲ୍ସ ନିକଟରେ ଥିଲା, ଯେଉଁଠାରେ ସେମାନେ ଭଡା ନେଇଥିବା ସ୍କୁଟି ପରିତ୍ୟକ୍ତ ଅବସ୍ଥାରେ ମିଳିଥିଲା ।

ସେବେଠାରୁ, ଉଭୟଙ୍କ ମୋବାଇଲ୍ ବନ୍ଦ ଥିଲା ଏବଂ ପରିବାର ସହିତ କୌଣସି ଯୋଗାଯୋଗ ହୋଇନଥିଲା । ପରିବାର ଲୋକ ଶିଲଂ ପୁଲିସ ଉପରେ ଅବହେଳାର ଅଭିଯୋଗ ଆଣିଛନ୍ତି । ସେମାନେ କହିଛନ୍ତି ଯେ ପ୍ରାରମ୍ଭିକ ତଦନ୍ତରେ, ଗାଇଡ୍ ଏବଂ ସ୍ଥାନୀୟ ଲୋକଙ୍କୁ ଠିକ୍ ଭାବରେ ପଚରାଉଚରା କରାଯାଇ ନଥିଲା ।

# ପାକ୍ ଆତଙ୍କୀର ରହସ୍ୟଜନକ ମୃତ୍ୟୁ



ଇସ୍ଲାମାବାଦ : ପାକିସ୍ତାନୀ ଆତଙ୍କବାଦୀଙ୍କ ରହସ୍ୟମୟ ମୃତ୍ୟୁ ଜାରି ରହିଛି । ଏବେ ଏହି ତାଲିକାରେ ଜୈଶ-ଏ-ମହମ୍ମଦର ଜଣେ ଶୀର୍ଷ କମାଣ୍ଡର ଅବଦୁଲ ଅଜିଜ ଏସାରର ନାମ ଯୋଡା ଯାଇଛି । ପାକିସ୍ତାନର ପଞ୍ଜାବ ଜିଲ୍ଲାରେ ରହସ୍ୟମୟ ପରିସ୍ଥିତିରେ ତାହାର ମୃତଦେହ ମିଳିଛି । ଅବଦୁଲ ଅଜିଜ ଏସାର ଭାରତ ବିରୋଧୀ ଭାଷଣ ଦେବା ପାଇଁ ଜଣାଶୁଣା ଥିଲା । ତା ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ତାର ଅନ୍ତିମ ସଂସ୍କାର ଜୁନ୍ ୩, ମଙ୍ଗଳବାର ଦିନ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟ ବାହାୱଲପୁରରେ କରାଯାଇଥିଲା ।

ପ୍ରାପ୍ତ ସୂଚନା ଅନୁଯାୟୀ, ଅବଦୁଲ ଅଜିଜ ଗଜୱା-ଏ-ହିନ୍ଦ ମାଧ୍ୟମରେ ତା ଉତ୍ତେଜକ ଭାଷଣ ମାଧ୍ୟମରେ ଯୁବକମାନଙ୍କୁ ଜିହାଦୀରେ ପରିଣତ କରୁଥିଲେ । ତାଙ୍କ ଭାଷଣ ପ୍ରାୟତଃ ଜୈଶର ସୋସିଆଲ ମିଡିଆ ଚ୍ୟାନେଲରେ ଭାଇରାଲ ହେଉଥିଲା ।

ଅବଦୁଲ ଅଜିଜ ଏସାର ଭାରତ ବିରୋଧୀ ଭାଷଣ ଦେବା ପାଇଁ ଜଣାଶୁଣା ଥିଲା । ତା ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ତାର ଅନ୍ତିମ ସଂସ୍କାର ଜୁନ୍ ୩, ମଙ୍ଗଳବାର ଦିନ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟ ବାହାୱଲପୁରରେ କରାଯାଇଥିଲା ।

ଏହା ପୂର୍ବରୁ ମଧ୍ୟ ଅନେକ ଆତଙ୍କବାଦୀଙ୍କୁ ରହସ୍ୟମୟ ବନ୍ଧୁକଧାରୀମାନେ ଗୁଳି କରି ହତ୍ୟା କରିଥିଲେ । ବିଗତ କିଛି ବର୍ଷ ମଧ୍ୟରେ ଏପରି ଘଟଣା ବଢିଚାଲିଥିବାରୁ ଆତଙ୍କବାଦୀମାନେ ଚିନ୍ତାରେ ଅଛନ୍ତି । ସେପଟେ ଅପରେସନ ସିନ୍ଦୂରରେ ଭାରତ ପାକିସ୍ତାନର କେତେକ ପ୍ରମୁଖ ଆତଙ୍କବାଦୀ ଟ୍ରେନିଂ ସେଣ୍ଟରକୁ ଧ୍ୱଂସ କରିବା ସତ୍ତ୍ୱେ ଏବେ ବି ଆତଙ୍କବାଦୀ ସକ୍ରିୟ ଅଛନ୍ତି ।

# କରାଚୀ ଜେଲ୍‌ରୁ ୨୦୦ କଏଦୀ ଚମ୍ପଟ




କରାଚୀ: ଭୂକମ୍ପ ଲୋକଙ୍କ ପାଇଁ ବିପର୍ଯ୍ୟୟ ଆଣିଥାଏ, ଅନେକ ଘର ଭୁଶୁଡ଼ି ପଡ଼ିଥାଏ ଏବଂ ସହରର ଭିତ୍ତିଭୂମିକୁ ବଡ଼ କ୍ଷତି ପହଞ୍ଚାଇଥାଏ । କିନ୍ତୁ ପାକିସ୍ତାନର କରାଚୀରେ ହୋଇଥିବା ଭୂକମ୍ପ କରାଚୀ ଜେଲ୍ରେ ବନ୍ଦୀ ଥିବା କିଛି କଏଦୀଙ୍କ ପାଇଁ ସୁଯୋଗ ଆଣିଦେଇଛି । ଅଧିକାରୀଙ୍କ କହିବା ଅନୁଯାୟୀ, କରାଚୀରେ ହୋଇଥିବା ଭୂକମ୍ପ ସମୟରେ ମାଲିର ଜେଲର କାନ୍ଥ ଫାଟି ଯାଇଥିଲା, ଯାହା ଯୋଗୁ ଅନେକ କଏଦୀ କ୍ଷତିଗ୍ରସ୍ତ ହୋଇଥିବା କାନ୍ଥ ଭାଙ୍ଗି ଖସି ପଳାଇବାରେ ସଫଳ ହୋଇଥିଲେ ।

କରାଚୀ ଡିଆଇଜି ମହମ୍ମଦ ହାସନ ସେହତୋ କହିଛନ୍ତି ଯେ, ଭୂକମ୍ପ ଯୋଗୁ ଅନେକ କଏଦୀ ସେମାନଙ୍କ ବାରାକରୁ ବାହାରକୁ ଆସି ଜେଲ୍ ଗେଟ୍ ଭାଙ୍ଗି ଜେଲ୍ କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିଲେ । କେତେକ ରିପୋର୍ଟ ଅନୁଯାୟୀ, କଏଦୀମାନେ ଜେଲ୍ ଅଧିକାରୀଙ୍କ ଠାରୁ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇଥିଲେ । ପରେ ପୁଲିସ ଏବଂ କଏଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଅନେକ କଏଦୀ ଜେଲରୁ ବାହାରକୁ ଦୌଡ଼ି ପଳାଇଥିଲେ । ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଅର୍ଶଦ ହୁସେନ ନିଶ୍ଚିତ କରିଛନ୍ତି ଯେ, ଗୁଳି ବିନିମୟ ସମୟରେ ଜଣେ କଏଦୀ ଆହତ ହୋଇଛନ୍ତି । କରାଚୀର ଲାଣ୍ଡି ଜେଲରୁ ପଳାୟନ କରିଥିବା କଏଦୀମାନଙ୍କୁ ଖୋଜିବା ପାଇଁ ପୋଲିସ ସମଗ୍ର ଅଞ୍ଚଳରେ ଚେକପୋଷ୍ଟ ସ୍ଥାପନ କରିଛି ଏବଂ ଖୋଜାଖୋଜି ଜାରି ରହିଛି । କାଜାଫି ଟାଉନ୍, ଶାହ ଲତିଫ୍ ଏବଂ ଭୈନ୍ସ କଲୋନି ସମେତ ଅଞ୍ଚଳରୁ ପୁଲିସ ୨୦ରୁ ଅଧିକ ପଳାୟନ କରିଥିବା କଏଦୀଙ୍କୁ ପୁଣି ଗିରଫ କରିଛି । ଜେଲ୍ ବାହାରେ ରେଞ୍ଜର୍ସଙ୍କୁ ମୁତୟନ କରାଯାଇଛି ଏବଂ ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି । କରାଚୀରେ ୨୪ ଘଣ୍ଟା ମଧ୍ୟରେ ୧୦ ଥର ଭୂକମ୍ପ ଘଟିଥିଲା । ୧୦ମ ଥର ଘଟିଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୨.୪ ଥିଲାଛ ଏହା ରାତି ୧୧ଟା ୧୬ରେ ଲାଣ୍ଡି, ଶେରପାଓ ଏବଂ କାଇଦାବାଦ ଅଞ୍ଚଳରେ ରେକର୍ଡ କରାଯାଇଥିଲା । ପାଣିପାଗ ବିଭାଗ କହିଛି ଯେ, କିର୍ଥର ଫଲ୍ଟ ଲାଇନ ନିକଟରେ ଥିବାରୁ ଏହି ଅଞ୍ଚଳରେ ଛୋଟ ଛୋଟ ଭୂକମ୍ପ ଘଟିବା ସାଧାରଣ କଥା । ସିନ୍ଧ୍ ଜେଲ୍ ମନ୍ତ୍ରୀ ଅଲି ହାସନ ଜର୍ଦ୍ଦାରୀ ଏହି ଘଟଣା ନେଇ ଅବଗତ ଅଛନ୍ତି ଏବଂ ଜେଲ୍ ଇନ୍ସପେକ୍ଟର ଜେନେରାଲ ତଥା ଡେପୁଟି ଇନ୍ସପେକ୍ଟର ଜେନେରାଲଙ୍କଠାରୁ ଏକ ରିପୋର୍ଟ ମାଗିଛନ୍ତି । ସେ ଅଞ୍ଚଳକୁ ଘେରାବନ୍ଦୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଜୋର ଦେଇଛନ୍ତି ଯେ, ଯେକୌଣସି କଏଦୀ ଖସି ପଳାୟନ କଲେ ତାଙ୍କୁ ଧରିବା ଜରୁରୀ । ଏହି ମାମଲାରେ କୌଣସି ଅଧିକାରୀ ଅବହେଳା କରିଥିଲେ କି ନାହିଁ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି ।

# ଯମୁନାରେ ବୁଡ଼ିଗଲେ ୪ ବାଳିକା

ଆଗ୍ରା: ମଙ୍ଗଳବାର ଉତ୍ତରପ୍ରଦେଶର ଆଗ୍ରାର ଯମୁନା ନଦୀରେ ଏକ ବଡ଼ଧରଣର ଅଘଟଣ ଘଟି ଯାଇଛି । ପ୍ରବଳ ଗରମ ହେତୁ ଯମୁନା ନଦୀକୁ ଗାଧୋଇବାକୁ ଯାଇଥିବା ଚାରିଜଣ ବାଳିକା ବୁଡ଼ି ଯାଇଥିବା ବେଳେ ଦୁଇଜଣଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଛି । ଦୁର୍ଘଟଣାର ସୂଚନା ପାଇବା ପରେ ଡିଏମ, ପୁଲିସ ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୁର୍ଘଟଣାରୁ ଉଦ୍ଧାର କରାଯାଇଥିବା ଦୁଇଜଣ ବାଳିକାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ।



ପ୍ରାପ୍ତ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୧୦ଟା ସମୟରେ ୬ଜଣ ବାଳିକା ଆଗ୍ରାର ସିକନ୍ଦରା ଥାନା ଅଞ୍ଚଳର ନାଗଲା ନାଥୁ ନିକଟରେ ଯମୁନା ନଦୀକୁ ଗାଧୋଇବାକୁ ଯାଇଥିଲେ । ଏମାନଙ୍କ ମଧ୍ୟରେ ମୁସ୍କାନ, ତାଙ୍କ ସାନ ଭଉଣୀ ସନ୍ଧ୍ୟା, ଦିବ୍ୟା, ସମ୍ପର୍କୀୟ ନୈନା, ମାଉସୀ ଝିଅ ଭଉଣୀ ସୋନମ, ସୁହାନି ସାମିଲ ଥିଲେ । ମୁସ୍କାନଙ୍କ ସମ୍ପର୍କୀୟ ଭାଇ ଦୀପେଶ ମଧ୍ୟ ଭଉଣୀମାନଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲେ । ଦୀପେଶ ଏବଂ ତାଙ୍କ ଭଉଣୀମାନେ ଯମୁନା ନଦୀରେ ଗାଧୋଉଥିଲେ । ହଠାତ ସନ୍ଧ୍ୟା ଗଭୀର ପାଣି ଭିତରକୁ ପଶି ଯାଇଥିଲେ । ସନ୍ଧ୍ୟାଙ୍କୁ ଗଭୀର ପାଣି ଭିତରକୁ ଯାଉଥିବା ଦେଖି ମୁସ୍କାନ, ସୋନମ ଏବଂ ଦିବ୍ୟା ତାଙ୍କୁ ବଞ୍ଚାଇବାକୁ ଯାଇଥିଲେ । କିନ୍ତୁ ସେମାନେ ମଧ୍ୟ ଗଭୀର ପାଣିରେ ଫସି ଯାଇଥିଲେ । ଝିଅମାନଙ୍କୁ ବୁଡ଼ି ଯାଉଥିବା ଦେଖି ପାଖରେ ଉପସ୍ଥିତ ଥିବା ଗ୍ରାମବାସୀ ସେମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ପ୍ରାୟ ଅଧଘଣ୍ଟାର କଠିନ ପରିଶ୍ରମ ପରେ ସମସ୍ତଙ୍କୁ ଗଭୀର ପାଣିରୁ ବାହାର କରାଯାଇଥିଲା । ସେତେବେଳକୁ ୪ଜଣ ବାଳିକାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

# ଆଇପିଏଲ୍‌ରେ ନକଲି ଟ୍ରଫି



ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆଇପିଏଲ୍ ୨୦୨୫ର ମେଗା ଫାଇନାଲ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଖେଳାଯାଇଛି । ତେବେ ଏହି ଲୋକପ୍ରିୟ ଆଇପିଏଲ୍‌ର ବିଜେତାଙ୍କୁ ଯେଉଁ ଟ୍ରଫି ମିଳେ ତାହା ଅସଲି ନା ନକଲି? ସାଧାରଣତଃ ଆଇପିଏଲ୍‌ର ଅସଲି ଟ୍ରଫି ବିଜେତାଙ୍କୁ ମିଳି ନଥାଏ । ଟ୍ରଫିର ଏକ ଅବିକଳ ନକଲି ଟ୍ରଫି ବିଜେତା ଦଳକୁ ପ୍ରଦାନ କରାଯାଇଥାଏ । ଅର୍ଥାତ ଏହି ନକଲି ଟ୍ରଫିକୁ ଚାମ୍ପିଅନ ଦଳ ନିଜ ପାଖରେ ସ୍ମାରକୀ ଭାବେ ରଖିଥାନ୍ତି ।

ଚାମ୍ପିଅନ୍ସ ଲିଗ୍‌ର ବିଜେତାଙ୍କୁ ଦିଆଯାଇଥିବା ଟ୍ରଫି ପ୍ରଥମ ଥର ପାଇଁ ୨୦୧୧ ମସିହାରେ ଅସଲି ଟ୍ରଫି ଦିଆଯାଇଥିଲା । ଆଉ ସେଇଟା ହିଁ ଆଇପିଏଲ୍‌ର କେବଳ ମୂଳ ଟ୍ରଫି ଥିଲା । ପ୍ରତ୍ୟେକ ଥର ଟାଇଟଲ ଜିତିଥିବା ଦଳକୁ ସମାରୋହ ସମୟରେ ଏହି ଦିଆଯାଏ । ପରେ ଏହି ଦଳକୁ ଟ୍ରଫିର ଏକ ପ୍ରତିକୃତି ପ୍ରଦାନ କରାଯାଏ । ଯାହାକୁ ସେମାନେ ନିଜ ପାଖରେ ରଖନ୍ତି । ପ୍ରତ୍ୟେକ ଥର ଟାଇଟଲ ଜିତିଥିବା ଦଳର ନାମ ମୂଳ ଟ୍ରଫିରେ ଖୋଦିତ ହୁଏ । କିନ୍ତୁ ବିଜେତା ଦଳ କେବଳ ପ୍ରତିକୃତି ପାଇଥାଏ । ଅସଲି ଟ୍ରଫି ବିସିସିଆଇ ପାଖରେ ରହେ । ଆଇପିଏଲ୍‌ର କେବଳ ଗୋଟିଏ ହିଁ ଅସଲି ଟ୍ରଫି ହୋଇଛି । ଟ୍ରଫି ଜିତିବା ପାଇଁ ଦଳ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥାଏ । କିନ୍ତୁ ଶେଷରେ ମିଳିଥାଏ ପ୍ରତୀକାତ୍ମକ ଟ୍ରଫି । ଅଧିକାଂଶ ଦର୍ଶକ ଆଇପିଏଲ୍‌ର ଏହି ମୂଳ ଟ୍ରଫି କେଉଁଥିରେ ତିଆରି ଅବଗତ ନଥିବେ । ପ୍ରକୃତରେ ଏହା କେବଳ ସୁନାର ଏକ ଚମକଦାର ଟ୍ରଫି ନୁହେଁ, ବରଂ ଏଥିରେ ଅନେକ ଧାତୁ ମିଶ୍ରିତ ହୋଇଛି । ସୁନା ଏବଂ ରୁପା ବ୍ୟତୀତ ଆଲୁମିନିୟମ, ତମ୍ବା ପରି ଧାତୁ ବ୍ୟବହାର କରାଯାଇଛି ।

ଏହି ଟ୍ରଫିର ଓଜନ ପ୍ରାୟ ୬ କିଗ୍ରା ଏବଂ ଉଚ୍ଚତା ୨୬ ଇଞ୍ଚ । ଏହି ଟ୍ରଫି ଡିଜାଇନ ଏବଂ ଆଧୁନିକତା ମଧ୍ୟ ସମସ୍ତଙ୍କଠାରୁ ଭିନ୍ନ । ଯେଉଁଥିରେ ଭାରତୀୟ ସଂସ୍କୃତି ଦୃଶ୍ୟମାନ ହେଉଛି । ଏହି ଟ୍ରଫିର ଲିଗ୍‌ର ମୂଳମନ୍ତ୍ର ସଂସ୍କୃତରେ ଲେଖାଯାଇଛି । 'ଯାତ୍ରା ପ୍ରତିଭା ଅବସାର ପ୍ରାପ୍ନୋତି' ଅର୍ଥାତ ଏଠାରେ ପ୍ରତିଭାକୁ ସୁଯୋଗ ଦିଆଯାଇଛି । ଏହି ଟ୍ରଫିର ମୂଲ୍ୟ କେତେ ? ଏସମ୍ପର୍କରେ କିଛି ସୂଚନା ଦିଆଯାଇ ନାହିଁ । ଯାହା ଆକଳନ କରାଯାଉଛି, ଟ୍ରଫିର ମୂଲ୍ୟ ୩୦ରୁ ୫୦ ଲକ୍ଷ ଟଙ୍କା ମଧ୍ୟରେ ହେବ ।

# ଅଜବ ସଂଯୋଗ

ଚଳିତ ଆଇପିଏଲ୍‌ରେ ଏକ ଅଜବ ସଂଯୋଗ ଦେଖିବାକୁ ମିଳିଛି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗସ ମଧ୍ୟରେ ଖେଳାଯାଇଛି ଫାଇନାଲ । ରିପୋର୍ଟ ଅନୁସାରେ ୧୮ ନମ୍ବରର ଏକ ଚମତ୍କାର ସଂଯୋଗ ଦେଖିବାକୁ ମିଳିଛି । ବିରାଟ କୋହଲିଙ୍କ ଜର୍ସି ନମ୍ବର ୧୮ । ଏହା ଆଇପିଏଲ୍‌ର ୧୮ତମ ସଂସ୍କରଣ । ସେହିପରି ଫାଇନାଲ ୩ ଜୁନ୍ ୨୦୨୫ରେ ଖେଳାଯାଇଛି । ଏହାକୁ ମିଶାଇଲେ ୧୮ ହେଉଛି । ଆର୍‌ସିବି ୨୦୦୯ରେ ଡେକାନ୍ ଚାର୍ଜର୍ସ ଓ ୨୦୧୬ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ପରାଜିତ ହୋଇ ରନର୍ସଅପ୍ ହୋଇଥିଲା । ପଞ୍ଜାବ, ବେଙ୍ଗାଲୁରୁ ପୂର୍ବରୁ ଟ୍ରଫି ଜିତି ନାହାନ୍ତି । ତେଣୁ ଏଥର ଆଇପିଏଲ୍‌ରେ ନୂଆ ବିଜେତାଙ୍କୁ ଦେଖିବାକୁ ମିଳିବ ।

ଆଇପିଏଲ୍ ମହାସମର

# ଆର୍‌ସିବିର ୧୮ ବର୍ଷ ପ୍ରତୀକ୍ଷାର ଅନ୍ତ

ଅହମ୍ମଦାବାଦ,୩।୬(ଏଜେନ୍ସି): ଐତିହାସିକ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଛି ଆଇପିଏଲ୍ ୨୦୨୫ର ଫାଇନାଲ୍ ମୁକାବିଲା । ଟାଇଟଲ ଲଢ଼େଇରେ ବେଙ୍ଗାଲୁରୁ ୬ ରନରେ ପଞ୍ଜାବ କିଙ୍ଗସକୁ ଧରାଶାୟୀ କରିଛି ।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ୯ ୱିକେଟ୍ ହରାଇ ୧୯୦ ରନରେ ସୀମିତ ରହିଥିଲା । ଶେଷ ଓଭରରେ ଅର୍ଶଦୀପ ସିଂ ୩ ୱିକେଟ୍ ନେଇ ବେଙ୍ଗାଲୁରୁକୁ ୨୦୦ ରନ କରିବାକୁ ଦେଇ ନଥିଲେ । ଦଳ ପକ୍ଷରୁ ବିରାଟ କୋହଲି ସର୍ବାଧିକ ୪୩ ରନ କରିଥିଲେ ହେଁ ୩୫ ବଲ୍ ଖେଳିଥିଲେ । ଅନ୍ୟ ବ୍ୟାଟର ଉପଯୋଗୀ ବ୍ୟାଟିଂ କରିବାରୁ ବେଙ୍ଗାଲୁରୁ ୧୯୦ ରନ କରି ପାରିଥିଲା । ଅର୍ଶଦୀପଙ୍କ ବ୍ୟତୀତ କାଇଲ ଜେମିସନ ୩ ୱିକେଟ୍ ନେଇଥିଲେ । ବେଙ୍ଗାଲୁରୁ ଚତୁର୍ଥ ଥର ତଥା ପଞ୍ଜାବ ଦ୍ୱିତୀୟ ଥର ଫାଇନାଲ ଖେଳିଛି । ଜବାବରେ ପଞ୍ଜାବ କିଙ୍ଗସ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ କରିବାକୁ ସମର୍ଥ ହୋଇଥିଲା ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁକୁ ୧୮ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା । ଫିଲ ସଲ୍ଟ ୯ ବଲରୁ ୧୬ ରନ କରିଥିଲେ । ଏହା ପରେ ମୟଙ୍କ ଅଗ୍ରୱାଲ ୨୪ ରନ କରି ଆଉଟ୍ ହୋଇଥିଲେ । ବିରାଟ କୋହଲି ଓ ରଜତ ପାଟିଦାର ତୃତୀୟ ୱିକେଟ୍ ପାଇଁ ୪୦ ରନ ଯୋଡ଼ିଥିଲେ । ୯୬ ରନ ସ୍କୋରରେ ଅଧିନାୟକ ରଜତ ପାଟିଦାର ୨୬ ରନ କରିଥିଲେ ହେଁ ବଡ଼ ଇନିଂସ ଖେଳି ପାରି ନ ଥିଲେ । ବିରାଟ କୋହଲି କ୍ରିଜରେ ସେଟ୍ ଥିଲେ ହେଁ ବଡ଼ ସଟ୍ ଖେଳିବାରେ ବିଫଳ ହୋଇଥିଲେ । ସେ ୩୫ ବଲରୁ ମାତ୍ର ୩ ଚୌକା ସହ ୪୩ ରନ କରିଥିଲେ ।




| | | |
|---|---|---|
| କ୍ରୁନାଲ ପାଣ୍ଡ୍ୟା | : | ପ୍ଲେୟାର ଅଫ୍ ଦି ମ୍ୟାଚ୍ |
| ପ୍ରସିଦ୍ଧ କ୍ରିଷ୍ଣା | : | ପର୍ପଲ କ୍ୟାପ୍ (୨୫ ୱିକେଟ) |
| କାମିନ୍ଦୁ ମେଣ୍ଡିସ | : | ଶ୍ରେଷ୍ଠ କ୍ୟାଚ୍ |
| ସାଇ ସୁଦର୍ଶନ | : | ସର୍ବାଧିକ ଚୌକା (୮୮) |
| ନିକୋଲାସ ପୁରନ | : | ସର୍ବାଧିକ ଛକା (୪୦) |
| ବି. ସାଇ ସୁଦର୍ଶନ | : | ଅରେଞ୍ଜ କ୍ୟାପ୍ (୭୫୯ ରନ) |
| ସୂର୍ଯ୍ୟକୁମାର ଯାଦବ | : | ମୋଷ୍ଟ ଭାଲ୍ୟୁଏବଲ୍ ପ୍ଲେୟାର |
| ଡିଡିସିଏ | : | ପିଚ୍ ଆଣ୍ଡ ଗ୍ରାଉଣ୍ଡ |
| ଜଭବଲ ଶ୍ରୀନାଥ | : | ଶ୍ରେଷ୍ଠ ମ୍ୟାଚ୍ ରେଫରୀ |

ବେଙ୍ଗାଲୁରୁ ସବୁ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ କେହି ଶେଷ ପର୍ଯ୍ୟନ୍ତ ରହି ପାରି ନ ଥିଲେ । ଲିୟମା ଲିଭିଙ୍ଗଷ୍ଟୋନ ୨୫ ରନ ଓ ଜିତେଶ ଶର୍ମା ୧୦ ବଲରୁ ଦ୍ରୁତ ୨୪ ରନ କରିଥିଲେ । ରୋମାରିଓ ଶେଫର୍ଡ ୧୭ ରନ କରିଥିଲେ । ତେବେ ଶେଷ ଓଭରରେ ଅର୍ଶଦୀପ ସିଂ ଶାଣିତ ବୋଲିଂ କରି ୩ ରନ ଦେଇ ୩ ୱିକେଟ୍ ନେଇଥିଲେ । ଫଳରେ ବେଙ୍ଗାଲୁରୁ ୨୦୦ ରନ ବି ଛୁଇଁ ପାରି ନ ଥିଲା । ଦଳ ୯ ୱିକେଟ୍ ହରାଇ ୧୯୦ ରନ କରି ପାରିଥିଲା । ବୋଲିଂରେ ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୪୦ ରନ ଦେଇ ୩ଟି ୱିକେଟ୍ ଓ କାଇଲ ଜେମିଶନ ୪୮ ରନ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ।

୧୯୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା ପଞ୍ଜାବ କିଙ୍ଗସ । ଆରମ୍ଭ ଏପରି ଥିଲା ଯେ ଲାଗୁଥିଲା ପଞ୍ଜାବ କିଙ୍ଗସ ସହଜରେ ବିଜୟଲକ୍ଷ୍ୟରେ ପହଞ୍ଚିଯିବ । କିନ୍ତୁ ୧୦୦ ରନ ମଧ୍ୟରେ ୪ ୱିକେଟ ଝଡ଼ାଇ ପଞ୍ଜାବକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲା ବେଙ୍ଗାଲୁରୁ । ମ୍ୟାଚ୍‌ର ଟର୍ଣ୍ଣିଂ ପଏଣ୍ଟ ଥିଲା ଶ୍ରେୟାସ ଆୟରଙ୍କ ୱିକେଟ । କ୍ରମାଗତ ଭଲ ଖେଳିଆସୁଥିବା ଆୟର ଫାଇନାଲରେ ମାତ୍ର ୨ଟି ବଲ୍‌ର ସମ୍ମୁଖୀନ ହୋଇ ୧ ରନ ସ୍କୋର୍‌ରେ ସେଫର୍ଡଙ୍କ ଶିକାର ହୋଇଥିଲେ । ଏହି ବଡ଼ ୱିକେଟ ଝଡ଼ିବା ପରେ ପଞ୍ଜାବର ମନୋବଳ ଭାଙ୍ଗିଯାଇଥିଲା । ଓପନର ପ୍ରିୟଂଶ ଆର୍ଯ୍ୟ ୧୯ ବଲରୁ ୨୪, ପ୍ରଭସିମ୍ରନ ସିଂ ୨୨ ବଲ୍‌ରୁ ୨୬, ଜୋସ୍ ଇଂଲିଶ ୨୩ ବଲ୍‌ରୁ ୩୯, ନେହାଲ ୱାଧେରା ୧୮ ବଲ୍‌ରୁ ୧୫ ରନ ଏବଂ ମାର୍କସ୍ ଷ୍ଟୋଇନିସ୍ କେବଳ ୬ ରନ କରିଥିଲେ । ତେଣୁ ୧୭.୪ ଓଭରରେ ପଞ୍ଜାବ ୭ ୱିକେଟ ହରାଇ ୧୪୮ ରନ କରିଥିଲା । ଦଳକୁ ମ୍ୟାଚ୍ ଜିତିବା ପାଇଁ ୧୪ ବଲରୁ ୪୩ ରନର ଆବଶ୍ୟକତା ଥିଲା । ଶଶାଙ୍କ ସିଂହ ଏକାକୀ ଲଢ଼ିଥିଲେ । ସେ ୩୦ ବଲ୍‌ରୁ ଅପରାଜିତ ୬୧ ରନ କରିଥିଲେ । ତଥାପି ଦଳ ୨୦ ଓଭରରେ ୧୮୪/୭ ରନ କରିବାକୁ ସମର୍ଥ ହୋଇଥିଲା ।

ବୋଲିଂରେ ବେଙ୍ଗାଲୁରୁର ଭୁବନେଶ୍ୱର କୁମାର ଓ କ୍ରୁନାଲ ପାଣ୍ଡ୍ୟାଙ୍କୁ ଦୁଇଟି ଲେଖାଏଁ ୱିକେଟ ସଫଳତା ମିଳିଥିଲା । ସବୁଠୁ ଶୃଙ୍ଖଳିତ ବୋଲିଂ କରିଥିଲେ କ୍ରୁନାଲ । ସେ ୪ ଓଭରରେ ୧୭ ରନ ଦେଇ ବହମୂଲ୍ୟ ୨ ୱିକେଟ ଅକ୍ତିଆର କରିଥିଲେ । ୟଶ ଦୟାଲ, ଜୋସ୍ ହାଜଲେ ଉଡ୍ ଓ ରୋମାରିଓ ସେଫର୍ଡ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

## କେତେ ଟଙ୍କା ରୋଜଗାର କରିବ ଜିଓ ହଟ୍‌ଷ୍ଟାର

ଆଇପିଏଲ୍‌ରେ ଫ୍ରାଞ୍ଚାଇଜଠୁ ଆରମ୍ଭ କରି ବିସିସିଆଇ ପର୍ଯ୍ୟନ୍ତ ପ୍ରତିବର୍ଷ ଶହଶହ କୋଟି ଟଙ୍କା ରୋଜଗାର କରିଥାନ୍ତି । ଏହି ଆୟ ବିଜ୍ଞାପନ, ବ୍ରଡ୍‌କାଷ୍ଟିଂ ଏବଂ ଅନ୍ୟାନ୍ୟ ଉତ୍ସରୁ ଆସିଥାଏ । ଏଥିରେ ଜିଓ ହଟ୍‌ଷ୍ଟାର ପଛରେ ପଡ଼େନାହିଁ । ହଟ୍‌ଷ୍ଟାର ପ୍ରତି ସିଜନରେ ବ୍ରଡ୍‌କାଷ୍ଟିଂରୁ କୋଟି କୋଟି ଟଙ୍କା ରୋଜଗାର କରିଥାଏ । ଆଇପିଏଲ୍‌ର ପ୍ରତ୍ୟେକ ସିଜନ୍‌ରୁ ଜିଓ ହଟ୍‌ଷ୍ଟାର କେତେ ରୋଜଗାର କରେ ?

ଆଇପିଏଲ୍ ସିଜନ ହଟ୍‌ଷ୍ଟାର ପାଇଁ ଲଟେରି ଭଳି । ଜିଓ ଏବଂ ହଟ୍‌ଷ୍ଟାର୍‌ର ମିଶ୍ରଣ ପରେ ଏହାର ୟୁଜର୍ସ ସଂଖ୍ୟା ଆଶାତୀତ ଭାବେ ବଢ଼ିଛି । ଏପରିକି ଏହା ନେଟ୍‌ଫ୍ଲିକ୍ସକୁ ମଧ୍ୟ ପଛରେ ପକାଇ ଦେଇଛି । ଜିଓ ହଟ୍‌ଷ୍ଟାର୍‌ର ସବ୍‌ସ୍କ୍ରିପ୍‌ସନ ଏହି ମାସରେ ୨୮୦ ନିୟୁତକୁ ବୃଦ୍ଧି ପାଇଛି । ଯାହା ଏପ୍ରିଲରେ ୨୦୦ ନିୟୁତ ଥିଲା । ନେଟ୍‌ଫ୍ଲିକ୍ସରେ ସାରା ବିଶ୍ୱରେ ୩୦୦ ନିୟୁତ ସବ୍‌ସ୍କ୍ରାଇବର ଅଛନ୍ତି । ଏହି ଦୃଷ୍ଟିରୁ ଜିଓ ହଟ୍‌ଷ୍ଟାର ୟୁଜର୍ସଙ୍କ ସଂଖ୍ୟା ଆଧାରରେ କେବଳ ୨୦୦ ନିୟୁତ ପଛରେ ଅଛି । ଏକ ରିପୋର୍ଟ ଅନୁସାରେ ଜିଓ ହଟ୍‌ଷ୍ଟାର ପ୍ରାୟ ୪,୫୦୦ କୋଟି ଟଙ୍କା ରାଜସ୍ୱ ପାଇବ । ଗତ ସିଜନ୍‌ରେ ରାଜସ୍ୱ ୪ହଜାର କୋଟି ଟଙ୍କା ଥିଲା ।

## କାର୍‌ରେ ଲେମ୍ବୁ, ଲଙ୍କା ମାଳ ଲଗାଇ ଆସିଲେ ଦର୍ଶକ

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍ ପୂର୍ବରୁ ଦର୍ଶକଙ୍କ କାରନାମା ସୋସିଆଲ୍ ମିଡିଆରେ ଜୋରଦାର ଭାଇରାଲ ହେବାରେ ଲାଗିଛି । ବେଙ୍ଗାଲୁରୁର ଜଣେ ପ୍ରଶଂସକ ନିଜ ଦଳ ଉପରେ ଯେପରି ଖରାପ ଦୃଷ୍ଟି ନପଡ଼ିବ ସେଥିପାଇଁ ଅଭିନବ ଉପାୟ କରିଛନ୍ତି । ସେ ତାଙ୍କ କାର୍‌ରେ ଲେମ୍ବୁ ଓ ଲଙ୍କା ମାଳ ଲଗାଇ ଷ୍ଟାଡିୟମକୁ ଆସିଛନ୍ତି । ସୋସିଆଲ୍ ମିଡିଆରେ ଏହାର ଫଟୋ ଭାଇରାଲ ହେବାରେ ଲାଗିଛି । ସେ ବିରାଟ କୋହଲିଙ୍କ ଜବରଦସ୍ତ ପ୍ରଶଂସକ । ଆର୍‌ସିବି ଓ ପଞ୍ଜାବ ପୂର୍ବରୁ ପୂର୍ବରୁ ଆଇପିଏଲ୍‌ରେ ଟ୍ରଫି ଜିତିନାହାନ୍ତି ।






## ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିର ସ୍ମୃତି ଆଇପିଏଲ୍‌ରେ

ପଞ୍ଜାବ ଅଧିନାୟକ ଶ୍ରେୟାସ ଆୟର ଓ ଆର୍‌ସିବି ଅଧିନାୟକ ରଜତ ପଟିଦାରଙ୍କ ପୁରୁଣା କ୍ଷତ ଆଇପିଏଲ୍‌ରେ ସତେଜ ହୋଇଛି । ପ୍ରକୃତରେ କହିବାକୁ ଗଲେ ଗତବର୍ଷ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଆୟରଙ୍କ ନେତୃତ୍ୱାଧୀନ ମୁମ୍ବାଇ ଏବଂ ପଟିଦାରଙ୍କ ନେତୃତ୍ୱାଧୀନ ମଧ୍ୟପ୍ରଦେଶ ଭେଟାଭେଟି ହୋଇଥିଲେ । ଏହି ମ୍ୟାଚ୍‌ରେ ମୁମ୍ବାଇକୁ ଚାମ୍ପିଅନ କରାଇଥିଲେ ଆୟର । ଏବେ ଆୟର ପଟିଦାରଙ୍କୁ କହିଛନ୍ତି ତାଙ୍କୁ ଗତ ବର୍ଷର ସେ ପୁରୁଣା ଅନୁଭୂତି ମନେପଡୁଛି । ଆୟର ପ୍ରତିପକ୍ଷ ପଟିଦାରଙ୍କୁ ଭେଟି କହିଲେ ମୁସ୍ତାକ ଅଲ୍ଲୀ ଫାଇନାଲର ପୁନରାବୃତି ଆଇପିଏଲ୍‌ରେ ହେବ ।

## ମ୍ୟାଚ୍ ଆଗରୁ ବର୍ଷାର ସ୍ୱାଗତ

ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆଇପିଏଲ୍ ଫାଇନାଲରେ ୭୦% ବର୍ଷାର ସମ୍ଭାବନା ଦର୍ଶାଯାଇଥିଲା । କିଛିମାତ୍ରାରେ ପୂର୍ବାନୁମାନ ସତ ହୋଇଥିଲା । କାରଣ ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ଅହମ୍ମଦାବାଦରେ ବର୍ଷା ହୋଇଥିଲା । କିଛି ସମୟ ବର୍ଷା ପରେ ପାଗ ଅନୁକୂଳ ରହିବାରୁ ଯଥାବିଧି ଉଦ୍‌ଯାପନୀ ସମାରୋହ, ଟସ୍ କାର୍ଯ୍ୟକ୍ରମ ଓ ମ୍ୟାଚ୍ ଆରମ୍ଭ ହୋଇଥିଲା । ଯଦି ବର୍ଷା ଯୋଗୁ ମ୍ୟାଚ୍ ପ୍ରଭାବିତ ହୁଏ, ତେବେ ଜୁନ ୪ ତାରିଖ ରିଜର୍ଭ ଡେ' ରହିଛି । ଅର୍ଥାତ ବୁଧବାର ମ୍ୟାଚ୍‌ର ଅବଶିଷ୍ଟାଂଶ ଖେଳାଯିବ ।

## ପାଗଳ ପ୍ରଶଂସକ, ଆର୍‌ସିବି ପାଇଁ ପୂଜାର୍ଚ୍ଚନା

ଦୀର୍ଘ ୧୭ ବର୍ଷ ପରେ ବେଙ୍ଗାଲୁରୁ ଟାଇଟଲ ଜିତୁ ବୋଲି ପ୍ରଶଂସକ ଆଶା ବାନ୍ଧିଛନ୍ତି । ଫାଇନାଲ ପୂର୍ବରୁ ଦର୍ଶକଙ୍କ ପାଗଳାମୀ ଦେଖିବାକୁ ମିଳିଥିଲା । ଠାକୁର ଘରେ ଆର୍‌ସିବି ପାଇଁ ପୂଜାର୍ଚ୍ଚନା କରିବା ସହ ବିରାଟ କୋହଲିଙ୍କ ଫଟୋ ଆଗରେ ଧୂପ-ଦୀପ ଲଗାଇ ପ୍ରାର୍ଥନା କରିଥିଲେ । ଆର୍‌ସିବି ପ୍ରଶଂସକ ସେମାନଙ୍କ ଭକ୍ତିରେ କୌଣସି କସରତ ଛାଡ଼ିନାହାନ୍ତି । ଷ୍ଟାଡିୟମରୁ ମନ୍ଦିର ପର୍ଯ୍ୟନ୍ତ ଆର୍‌ସିବି ସମର୍ଥକମାନେ ସେମାନଙ୍କ ଦଳକୁ ଟ୍ରଫି ଜିତାଇବା ପାଇଁ ସମସ୍ତ ପ୍ରୟାସ କରିଛନ୍ତି । ଫାଇନାଲ ପୂର୍ବରୁ ସୋସିଆଲ୍ ମିଡିଆରେ ଏପରି କିଛି ଭିଡିଓ ଦେଖିବାକୁ ମିଳୁଛି । ଯେଉଁଥିରେ ପ୍ରଶଂସକମାନେ ସେମାନଙ୍କ ଦଳର ବିଜୟ ପାଇଁ ପ୍ରାର୍ଥନା କରୁଛନ୍ତି । ଜଣେ ପ୍ରଶଂସକ ଆର୍‌ସିବି ପାଇଁ ଆଣ୍ଠୁରେ ମନ୍ଦିର ସିଡି ଚଢ଼ୁଥିବା ଦେଖିବାକୁ ମିଳିଛି । ସେହିଭଳି ଜଣେ ଦର୍ଶକ ମନ୍ଦିରରେ ବିରାଟ କୋହଲିଙ୍କ ପୋଷ୍ଟରକୁ ପୂଜା କରୁଥିବା ଦେଖିବାକୁ ମିଳିଛି । କିଙ୍ଗ କୋହଲି କେବଳ ଜଣେ ଖେଳାଳି ନୁହନ୍ତି, ବରଂ ଆର୍‌ସିବି ପ୍ରଶଂସକଙ୍କ ପାଇଁ ଭଗବାନ । କେବଳ ବେଙ୍ଗାଲୁରୁରେ ନୁହେଁ ଦେଶର ପ୍ରତ୍ୟେକ କୋଣଅନୁକୋଣରୁ ପ୍ରଶଂସକ ମନ୍ଦିର ପରିଦର୍ଶନ କରୁଛନ୍ତି । ଆର୍‌ସିବି ଜର୍ସି ପରିଧାନ କରିଛନ୍ତି । ଦଳର ବିଜୟ କାମନା କରିଛନ୍ତି ।

## ବେଙ୍ଗାଲୁରୁକୁ ୨୦ କୋଟି

ଟାଇଟଲ ଜିତିଥିବା ଚାମ୍ପିଅନ ବେଙ୍ଗାଲୁରୁ ଦଳ ୨୦ କୋଟି ଟଙ୍କା ପାଇଛି । ସେହିଭଳି ରନର୍ସଅପ ପଞ୍ଜାବ ଦଳକୁ ପ୍ରାୟ ୧୨.୫ କୋଟି ଟଙ୍କା ମିଳିଛି । ପ୍ଲେଅଫ୍‌ରେ ପହଞ୍ଚିଥିବା ଦଳଗୁଡ଼ିକ ମଧ୍ୟ ମାଲାମାଲ ହେବେ ।


ଏଲିମିନେଟର ମ୍ୟାଚ୍‌ରେ ପରାଜିତ ହୋଇଥିବା ଗୁଜରାଟ୍ ଟାଇଟନ୍ସ ୬.୫ କୋଟି ଟଙ୍କା, କ୍ୱାଲିଫାୟର ୨ରେ ପରାଜିତ ମୁମ୍ବାଇ ଇଣ୍ଡିଆନ୍ସ ୭ କୋଟି ଟଙ୍କା, ଫେୟାର ପ୍ଲେ ପୁରସ୍କାର ୧୦ ଲକ୍ଷ ଟଙ୍କା, ସୁପର ସିକ୍ସର ଓ ସୁପର ଫୋର୍ ପାଇଁ ୧୦ ଲକ୍ଷ ଟଙ୍କା, ଶ୍ରେଷ୍ଠ କ୍ୟାଚ୍ ପାଇଁ ୧୦ ଲକ୍ଷ ଟଙ୍କ, ଅରେଞ୍ଜ କ୍ୟାପ୍ ୧୦ ଲକ୍ଷ ଟଙ୍କା, ପର୍ପଲ କ୍ୟାପ୍ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

# ଉଦ୍‌ଯାପନୀ ସମାରୋହରେ ଶଙ୍କର ମହାଦେବନ୍ ଝୁମିଲେ ଦର୍ଶକ, ଭାରତୀୟ ସେନାକୁ ଉତ୍ସର୍ଗ



ଫାଇନାଲ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ପାଖାପାଖି ୪୫ ମିନିଟ ଧରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବଲିଉଡ୍‌ର ଖ୍ୟାତନାମା ଗାୟକ ଶଙ୍କର ମହାଦେବନ୍ ନିକଟରେ ଅପରେସନ ସିନ୍ଦୂରରେ ସଫଳତା ହାସଲ କରିଥିବା ଭାରତୀୟ ସେନାକୁ ସଲାମ କରିଥିଲେ । ଭାରତୀୟ ସେନାର ବୀର ଯବାନଙ୍କ ଉଦ୍ଦେଶ୍ୟରେ ଆଇପିଏଲ୍ ଉଦ୍‌ଯାପନୀ ଉତ୍ସବକୁ ସମର୍ପିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟାରୁ ୬.୪୫ ପର୍ଯ୍ୟନ୍ତ ଚାଲିଥିଲା । ଏହାପରେ ୭ଟାରେ ଟସ୍ ପଡ଼ିଥିଲା ଓ ୭.୩୦ରେ ମ୍ୟାଚ୍ ଆରମ୍ଭ ହୋଇଥିଲା । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଲକ୍ଷାଧିକ ଦର୍ଶକଙ୍କ ଉପସ୍ଥିତିରେ ଶଙ୍କର ମହାଦେବନ ଓ ତାଙ୍କ ଦୁଇ ପୁଅ ଶିବମ୍ ଓ ସିଦ୍ଧାର୍ଥ ମନମତାଣିଆ ଗୀତ ପରିବେଷଣ କରି ସମସ୍ତଙ୍କ ହୃଦୟ ଜିତିଥିଲେ । ଭାରତୀୟ ତ୍ରିରଙ୍ଗା ଭଳି ପୋଷାକ ପରିଧାନ କରି ଏକ ସ୍ୱତନ୍ତ୍ର ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ହେଲିକପ୍ଟରରେ ଭାରତୀୟ ତ୍ରିରଙ୍ଗା ତଥା ଆଇପିଏଲ୍ ଲୋଗୋ ଓ ଟ୍ରଫି ଷ୍ଟାଡିୟମ ଉପରେ ଭ୍ରମଣ କରିଥିଲା ।

# ଫ୍ରେଞ୍ଚ ଓପନ : ସେମିରେ ସ୍ୱିଟେକ, ସାବାଲେଙ୍କା




ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଇଗା ସ୍ୱିଟେକ ତଥା ଆର୍ଯ୍ୟାନା ସାବାଲେଙ୍କା ପ୍ରବେଶ କରିଛନ୍ତି । କ୍ୱାର୍ଟର ଫାଇନାଲରେ ଇଗା ସ୍ୱିଟେକ ଓ ଏଲିନା ଭିଟୋଲିନାଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା । ଏହି ମ୍ୟାଚରେ ଇଗା ସ୍ୱିଟେକ ୬-୧, ୭-୫ ସିଧାସଳଖ ସେଟ୍‌ରେ ଏଲିନା ଭିଟୋଲିନାଙ୍କୁ ଧରାଶାୟୀ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି ।

ଟୁର୍ଣ୍ଣାମେଣ୍ଟର ଏକ ନମ୍ବର ସିଡ୍ ଆର୍ଯ୍ୟାନା ସାବାଲେଙ୍କା ୭-୬, ୬-୩ ସେଟ୍‌ରେ ଚୀନ୍‌ର କ୍ୱିନୱିନ ଝେଙ୍ଗ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଦ୍ୱିତୀୟ ଥର ପାଇଁ ସାବାଲେଙ୍କା ଫ୍ରେଞ୍ଚ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସେ ଷଷ୍ଠ ଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିବାକୁ ଚେଷ୍ଟା କରିବେ । ରୋଲାଣ୍ଡ ଗାରୋସିରେ ଏହା ତାଙ୍କର ପ୍ରଥମ ଫାଇନାଲ ସୁଯୋଗ । ସେ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଇଗା ସ୍ୱିଟେକ୍‌ଙ୍କୁ ଭେଟିବେ ।

# ଅରବିନ୍ଦ ସ୍ମାରକୀ କ୍ରିକେଟ: ଏମ୍‌ସିସି ବିଜୟୀ




ଭୁବନେଶ୍ୱର, ୩।୬ (ସବ୍ୟୁ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍‌ର ତୃତୀୟ କ୍ୱାର୍ଟର ଫାଇନାଲରେ ଏମ୍‌ସିସି ୭ ୱିକେଟରେ ଟାଉନ୍ କ୍ଲବ୍‌କୁ ଧରାଶାୟୀ କରି ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଟାଉନ୍ କ୍ଲବ୍ ୪୦ ଓଭରରେ ୯ ୱିକେଟ ହରାଇ ୨୦୨ ରନ କରିଥିଲା । ଦଳ ପକ୍ଷରୁ ରାକେଶ ବେହେରା ସର୍ବାଧିକ ୩୨ ରନ କରିଥିଲେ । ଜବାବରେ ଏମ୍‌ସିସି ୩୦.୩ ଓଭରରେ ୨୦୩/୩ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ରମଣୀରଞ୍ଜନ ଜେନା ୯୨ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ସାମ୍ବାଦିକ ମନୋଜ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ରମଣୀରଞ୍ଜନ ଜେନାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ।

# ସିଏମ୍ ଟ୍ରଫି : ଯାଜପୁର, ବରଗଡ଼, ନବରଙ୍ଗପୁର ଜୋନାଲ ଚାମ୍ପିଅନ




ଭୁବନେଶ୍ୱର, ୩।୬ (ସବ୍ୟୁ): ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟ୍‌ବଲ ଚାମ୍ପିଅନସିପ୍ ସିଏମ୍ ଟ୍ରଫିରେ ବରଗଡ଼, ଯାଜପୁର ଓ ନବରଙ୍ଗପୁର ଜୋନାଲ ଚାମ୍ପିଅନ ହୋଇଛନ୍ତି । ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର ଓ କଟକ ଏଫ୍‌ସିରେ ଜୋନାଲ ଫାଇନାଲ ମ୍ୟାଚ୍ ବର୍ଷା କାରଣରୁ ବୁଧବାରକୁ ଘୁଞ୍ଚିଛି ।

ସମ୍ବଲପୁର ଜୋନ୍‌ରେ ବରଗଡ଼ ଏଫ୍‌ସି ଓ ସମ୍ବଲପୁର ଏଫ୍‌ସି ମୁହାଁମୁହିଁ ହୋଇଥିଲେ । ଏହି ମ୍ୟାଚ୍‌ରେ ବରଗଡ଼ ଏଫ୍‌ସି ୪-୨ ଗୋଲରେ ସମ୍ବଲପୁରକୁ ହରାଇ ଚାମ୍ପିଅନ ହୋଇଛି । ଗୋଲ କରିଥିବା ଏମ୍‌ଡି ଫରହାନ୍ (ସମ୍ବଲପୁର)ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । କେନ୍ଦୁଝର ଜୋନ୍‌ରେ ଯାଜପୁର ୨-୧ ଗୋଲ୍‌ରେ ଅନୁଗୁଳକୁ ପରାସ୍ତ କରି ଚାମ୍ପିଅନ ହୋଇଛି ।

ଯାଜପୁରର କୁନା ମାଝୀଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ବ୍ରହ୍ମପୁର ଜୋନ୍‌ରେ ନବରଙ୍ଗପୁର ଏଫ୍‌ସି ୩-୨ ଗୋଲ୍‌ରେ କଳାହାଣ୍ଡିକୁ ହରାଇ ଜୋନାଲ ଚାମ୍ପିଅନ ହୋଇଛି ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି